କଟକ
ସୋମବାର, ୧୩ ଏପ୍ରିଲ, ୨୦୨୬
ପ୍ରାତଃ ସଂସ୍କରଣ

April 13, 2026 Cuttack
Vol - XXIV, Issue - 12
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ପାହାଡ଼ ଉପରୁ କୋଟିଏ ଟଙ୍କାର ଗଞ୍ଜେଇ ଜବତ

**ମୋହନା,୧୨।୪(ନି.ପ୍ର):** ମୋହନା ଓ ଅଡ଼ବା ପୋଲିସ ମିଳିଛି ଏକ ବଡ଼ ସଫଳତା। ପାହାଡ଼ ଉପରୁ କୋଟିଏ ଟଙ୍କାର ଗଞ୍ଜେଇ ଜବତ ହୋଇଛି। ଗୁଡାରୀପଙ୍କା-ପରମାଗୁଡ଼ା ଗ୍ରାମ ନିକଟ ପାହାଡ଼ରେ ମାଫିଆ ଗଞ୍ଜେଇ ଲୁଚାଇ ରଖିଥିଲେ। ପାହାଡ଼ ଖୋଲରେ ପ୍ରାୟ ୧୦ କ୍ୱିଣ୍ଟାଲ ୫୪ କିଗ୍ରା ଗଞ୍ଜେଇ ଲୁଚାଇ ରଖି ବାହାର ରାଜ୍ୟକୁ ପଠାଇ ରଖିବାକୁ ପ୍ରସ୍ତୁତ ହେଉଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ପୋଲିସ ପହଞ୍ଚି ଏହି ଗଞ୍ଜେଇ ଜବତ କରିଛି।

Government of Bharat
CBC 22201/13/0009/2627
ନାରୀ ଶକ୍ତି ବନ୍ଦନ
ପ୍ରତି ସମର୍ପିତ
#NariShaktiVandan
ଦେଶର ମହିଳାମାନଙ୍କୁ ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ୩୩% ସଂରକ୍ଷଣର ଗ୍ୟାରେଣ୍ଟି

ଏବେ ସେନାବାହିନୀରେ ମହିଳାମାନଙ୍କୁ ସ୍ଥାୟୀ କମିଶନ
ଭାରତରେ ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପଗୁଡ଼ିକ ମଧ୍ୟରୁ ୪୮% ଷ୍ଟାର୍ଟଅପରେ ଅତିକମ୍‌ରେ ଜଣେ ମହିଳା ନିର୍ଦ୍ଦେଶକ

# ଶାନ୍ତି ଆଲୋଚନା ବିଫଳ

## ବାହାରିଲାନି ସମାଧାନର ବାଟ
## ପୁଣି ବାରୁଦ ବର୍ଷାର ଆଶଙ୍କା

**ଇସଲାମାବାଦ,୧୨।୪(ଏଜେନ୍ସି):** ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ଆରମ୍ଭ ହେଉ ହେଉ ଫସର ଫାଟି ଯାଇଛି। ଆମେରିକୀୟ ଟିମ୍‌ର ନେତୃତ୍ୱ ଉପରାଷ୍ଟ୍ରପତି ଜେ ଡି ଭାନ୍ସ ନେଇଥିବାବେଳେ ଇରାନୀ ଟିମ୍‌ର ନେତୃତ୍ୱ ନେଇଥିଲେ ଇରାନ ପାର୍ଲାମେଣ୍ଟର ସ୍ପିକର ମହମ୍ମଦ ବାକର କାଲିବାଫ୍। ଉଭୟ ପକ୍ଷର ଆଲୋଚନା ଶନିବାର ଆରମ୍ଭ ହୋଇଥିଲା। ପାକିସ୍ତାନ ମଧ୍ୟସ୍ଥତାରେ ହୋଇଥିବା ଏହି ଆଲୋଚନା ବିଫଳ ହୋଇଯାଇଛି।

ଆଲୋଚନା ଦୀର୍ଘ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ମାତ୍ର ୨୧ ଘଣ୍ଟା ଆଲୋଚନା ହୋଇଥିଲା। କୁହାଯାଉଛି ଯେ, ୭ଟି ପ୍ରସଙ୍ଗ ଉପରେ ଅସହମତି ପ୍ରକାଶ ପାଇଥିଲା। ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଭାନ୍ସ କହିଛନ୍ତି, ଇରାନ ଆମ କଥା ମାନିଲା ନାହିଁ, ଆମେରିକା ଅପେକ୍ଷା ଏଥିରେ ଅଧିକ କ୍ଷତି ହେବ ଇରାନର। ବିନା ବୁଝାମଣାରେ ଆମେ ଫେରିଯାଉଛୁ। ଇରାନ ପକ୍ଷରୁ କୁହାଯାଇଛି, କେତୋଟି ପ୍ରସଙ୍ଗରେ କଥାବାର୍ତ୍ତା ଆଗକୁ ବଢ଼ିଥିଲା, କିନ୍ତୁ ଆଉ କେତୋଟି ପ୍ରସଙ୍ଗରେ ଅହମତି ପ୍ରକାଶ ପାଇଥିଲା। ଆମେରିକା ସବୁ ମାଗୁଛି, ଯାହା ସେ ଯୁଦ୍ଧ କରି ମଧ୍ୟ ପାଇପାରିନାହିଁ।

ୟୁରାନିୟମ୍ ବ୍ୟବହାରକୁ ନେଇ ଇରାନ ଯେଉଁ ସର୍ତ୍ତ ରଖିଥିଲା ତାହା ଆମେରିକା ଗ୍ରହଣ କରିନାହିଁ। ଇରାନ ତା'ର ନାଗରିକଙ୍କ ପାଇଁ ୟୁରାନିୟମ ବ୍ୟବହାର କରିବାକୁ ଚାହୁଁଛି, କିନ୍ତୁ ଆମେରିକା ରାଜି ନୁହେଁ।

ଆଲୋଚନା ଉପରେ ସାରା ବିଶ୍ୱର ନଜର ରହିଥିଲା। ୪୦ ଦିନ ଯୁଦ୍ଧ ଓ ୪ ଦିନ ଯୁଦ୍ଧ ବିରାମ ପରେ ଏବେ କ'ଣ ହେବ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ହର୍ମୁଜ ପ୍ରଣାଳୀକୁ ନେଇ ମଧ୍ୟ କୌଣସି ସହମତି ହୋଇପାରିଲା ନାହିଁ। ଆଲୋଚନା ଫସର ଫାଟିଯିବା ପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ପୋଷ୍ଟ ଶେୟାର କରି କହିଛନ୍ତି, ହର୍ମୁଜ ଘେରାବନ୍ଦୀର ପ୍ଲାନ ବନାଇଛି ଆମେରିକା। (ପୃଷ୍ଠା:୫)

# ଅନନ୍ତ ଯାତ୍ରାରେ ଆଶା ଭୋସଲେ

- ୮ ଦଶନ୍ଧିର ସଙ୍ଗୀତ ଯାତ୍ରା, ୧୨ ହଜାରରୁ ଅଧିକ ଗୀତ
- ଦେଶ ଶୋକରେ ବିଗଳିତ
- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଅନ୍ତିମ ସଂସ୍କାର



**ମୁମ୍ବାଇ,୧୨।୪(ଏଜେନ୍ସି):** ଅଫେରା ରାଇଜକୁ ଚାଲିଯାଇଛନ୍ତି ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟିକା ଆଶା ଭୋସଲେ। ହୃଦ୍‌ଘାତର ଶିକାର ହେବାପରେ ଶନିବାର ତାଙ୍କୁ ମୁମ୍ବାଇର ବ୍ରିଚ୍‌କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁବେଳକୁ ତାଙ୍କର ବୟସ ହୋଇଥିଲା ୯୨ ବର୍ଷ। ତାଙ୍କ ବିୟୋଗରେ ଶୋକରେ ବିଗଳିତ ହୋଇଯାଇଛି ସାରା ଦେଶ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଶା ଭୋସଲେଙ୍କ ଗୀତଗୁଡ଼ିକ କୋଟି କୋଟି ଭାରତୀୟଙ୍କ ଜୀବନରେ ଚିରଦିନ ପାଇଁ ପ୍ରତିଧ୍ୱନିତ ହେବ। ଦଶନ୍ଧି ଦଶନ୍ଧି ବ୍ୟାପୀ ତାଙ୍କର ଅସାଧାରଣ ସଙ୍ଗୀତ ଯାତ୍ରା ଆମର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିଥିଲା, ବିଶ୍ୱର ଅଗଣିତ ହୃଦୟକୁ ଛୁଇଁଥିଲା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କ ସୁମଧୁର କଣ୍ଠ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ହୃଦୟକୁ ଛୁଇଁପାରିଛି, ଭାରତୀୟ ସଙ୍ଗୀତକୁ ଆହୁରି ସମୃଦ୍ଧ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍ ପ୍ରମୁଖ ଦିଂବଗତ ଗାୟିକାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। (ପୃଷ୍ଠା:୫)

NANA
SPEECH & HEARING CLINIC
ଶ୍ରବଣ ଯନ୍ତ୍ର
Digital Hearing Aid
ଶୁଣିବାରେ ସମସ୍ୟା

Infront of Maharishi College, Saheed Nagar Bhubaneswar Odisha
7205454269
Branch
Bhubaneswar, Cuttack, Jajpur

## ଭିଜିଲାନ୍ସ ଜାଲରେ ରେଞ୍ଜର
### ଗାଡ଼ିରୁ ମିଳିଲା ୨.୩୩ ଲକ୍ଷ ଟଙ୍କା

**ରାୟଗଡ଼ା,୧୨।୪(ନି.ପ୍ର):** ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବନ ରେଞ୍ଜ ଅଧିକାରୀ ସୁକୁମାର ଦୁଖୀ। ଇନ୍ଦ୍ରାବତୀ ବ୍ରିଜ୍ ନିକଟରେ ତାଙ୍କ ବୋଲେରୋ ଗାଡ଼ିରୁ ନଗଦ ୨.୩୩ ଲକ୍ଷ ଟଙ୍କା ଜବତ କରିଛି ଭିଜିଲାନ୍ସ ଟିମ୍। ସେ ଗୁଡ଼ାରୀରୁ ନିଜ ଘର ନବରଙ୍ଗପୁର ଯାଉଥିଲେ। ଜେରା ସମୟରେ ଏହି ଟଙ୍କା ସେ କେଉଁଠାରୁ ଆଣିଲେ ସେନେଇ କୌଣସି ସ୍ପଷ୍ଟ ସୂଚନା ଦେଇପାରିନଥିଲେ। ଏହାପରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ତାଙ୍କର କାର୍ଯ୍ୟାଳୟ ଓ ବାସଭବନ ସମେତ ୩ଟି ଠିକଣାରେ ଭିଜିଲାନ୍ସ ଚଢ଼ାଉ ହୋଇଛି। ତାଙ୍କ ଆୟ ବହିର୍ଭୁତ ସମ୍ପତ୍ତିର ଆକଳନ କରାଯାଉଛି।

# ଛାତ୍ର ଛାତ୍ରୀଙ୍କୁ ଜୀବନ ଯୁଦ୍ଧ ପାଇଁ ପ୍ରସ୍ତୁତ କରେ ସ୍କୁଲ

## ପିଏମ୍ ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ




**ଭୁବନେଶ୍ୱର,୧୨।୪(ନି.ପ୍ର):** ବିଦ୍ୟାଳୟ କେବଳ ପଥପଢ଼ାର ସ୍ଥାନ ନୁହେଁ, ଏହା ଜୀବନ ଗଢ଼ିବାର ଏକ ପବିତ୍ର କ୍ଷେତ୍ର। ସ୍କୁଲରେ ଜ୍ଞାନ ସହିତ ଜୀବନର ମୂଲ୍ୟବୋଧ ଓ ଶୃଙ୍ଖଳା ଶିକ୍ଷା ଦାନ କରାଯାଏ। ପିଲାଙ୍କ ଚରିତ୍ର ଗଠନର ପ୍ରଥମ ସୋପାନ ବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ। ଛାତ୍ର ଛାତ୍ରୀଙ୍କୁ କେବଳ ଚାକିରି ପାଇଁ ନୁହେଁ, ଜୀବନ ଯୁଦ୍ଧ ପାଇଁ ମଧ୍ୟ ସ୍କୁଲ ପ୍ରସ୍ତୁତ କରିଥାଏ। କେନ୍ଦୁଝର ଜିଲ୍ଲା ପିଏମ୍ ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲିରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ପ୍ରେରିତ ଏହି ବିଦ୍ୟାଳୟର ଶିକ୍ଷା ପ୍ରଣାଳୀକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୯୫୦ ମସିହାରେ ସାଧାରଣ ପରିସ୍ଥିତିରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ଆଜି ଏକ ପ୍ରତିଷ୍ଠିତ ଶିକ୍ଷା ପୀଠରେ ପରିଣତ ହୋଇଛି ଏବଂ ଏହାର ଉନ୍ନତି ପଛରେ ଅନେକ ଶିକ୍ଷାପ୍ରେମୀ ବ୍ୟକ୍ତି, ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ତ୍ୟାଗ ଓ ସମର୍ପଣ ରହିଛି। ଏଠାରେ କେବଳ ପାଠ୍ୟଜ୍ଞାନ ନୁହେଁ, ବରଂ ନୈତିକତା, ଶୃଙ୍ଖଳା ଓ ମୂଲ୍ୟବୋଧର ଶିକ୍ଷା ମଧ୍ୟ ଦିଆଯାଉଛି। ଏହି ବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା ଅନେକ ଛାତ୍ର ଛାତ୍ରୀ ରାଜ୍ୟ ଓ ଦେଶ ସ୍ତରରେ ନିଜ ପ୍ରତିଭା ବଳରେ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି।

ବିଦ୍ୟାଳୟର ଏକ ନୂତନ ଅଡିଟୋରିୟମ ନିର୍ମାଣକୁ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବିଦ୍ୟାଳୟ ପିଏମ୍ ଶ୍ରୀ ଯୋଜନାରେ ସାମିଲ ହୋଇଥିବାରୁ ଏଠାରେ ଆଧୁନିକ ଭିତ୍ତିଭୂମି, ଡିଜିଟାଲ ଶିକ୍ଷା, ସ୍ମାର୍ଟ କ୍ଲାସରୁମ୍ ଓ ନବସୃଜନମୂଳକ ପାଠ୍ୟ ପ୍ରଣାଳୀର ଉନ୍ନତି ହେବ। ଓଡ଼ିଶାର ପ୍ରାୟ ୮୦୦ଟି ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇଛି। (ପୃଷ୍ଠା:୫)

ସତ୍ୟମେବ ଜୟତେ

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।
ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।
(ହରି ବାବୁ କମ୍ଭମପାଟି)


୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।
ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।
(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସତ୍ୟମେବ ଜୟତେ

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ
ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।
(ସୁରମା ପାଢ଼ୀ)
ବାଚସ୍ପତି

CAPTION NO. : 15001/12/2627



# ନୀରବିଗଲେ କିମ୍ବଦନ୍ତୀ ଗାୟିକା ଆଶା





ବଲିଉଡ୍ ମେଲୋଡୀ କ୍ୱିନ ଆଶା ଭୋସଲେଙ୍କର ୯୨ ବର୍ଷ ବୟସରେ ପରଲୋକ ହୋଇଛି। ମାତ୍ର ୧୦ ବର୍ଷ ବୟସରେ ୧୯୪୩ ମସିହାରେ ସଂଗୀତ ଯାତ୍ରା ଆରମ୍ଭ କରିଥିବା ଆଶା ଦୀର୍ଘ ୮୦ ବର୍ଷର ମ୍ୟୁଜିକ କ୍ୟାରିୟରରେ ୧୨ ହଜାରରୁ ଅଧିକ ଗୀତ ଗାଇଛନ୍ତି। ୨୦ରୁ ଅଧିକ ଭାରତୀୟ ଏବଂ ବିଦେଶୀ ଭାଷାରେ ଗୀତ ଗାଇଛନ୍ତି ଏହି ଦିମ୍ବଗତ ମେଲୋଡ଼ି କ୍ୱିନ। ଏଥିରେ ହିନ୍ଦୀ, ମରାଠୀ, ବଙ୍ଗାଳୀ, ଓଡ଼ିଆ, ଗୁଜରାଟୀ, ପଞ୍ଜାବୀ, ତାମିଲ, ତେଲୁଗୁ ସମେତ ଇଂରାଜୀ ଏବଂ ରୁଷୀୟ ଭାଷା ମଧ୍ୟ ସାମିଲ ରହିଛି। ୨୦୧୭ ମସିହାରେ ଆଶା ଶେଷ ଥର ପାଇଁ ତାଙ୍କ ନାତୁଣୀ ଜାନାଇଙ୍କ ସହ ଓଡ଼ିଆ ଗୀତ ଗାଇଥିଲେ।

**ଆଶାଙ୍କ ସୁପର ହିଟ୍ ଓଡ଼ିଆ ଗୀତ:** ଆଶା ଭୋସ୍‌ଲେ ଏକାଧିକ ଓଡ଼ିଆ ଗୀତ ଗାଇଛନ୍ତି। ୧୯୮୧ ମସିହାରେ ଆରତୀ ସିନେମାର ସେ ଗାଇଥିବା 'ଜହ୍ନ ଗୋ ତୁମେ ଝୁରନା' ଆଜି ବି ପ୍ରତି ଓଡ଼ିଆଙ୍କ ହୃଦୟରେ ଘର କରି ରହିଛି। ସେହିପରି 'ଝିମି ଝିମି ତା ମଜା ଡାକିଲେ ନ ଛାଡ଼ିବୁ' (ସମୟ-୧୯୭୬), 'ମୁ ହଜିଛି ତୁମ ଆଖିର' (ସନ୍ଧ୍ୟାତାରା ୧୯୭୭) ଏବଂ ' ତୋ ନାଁରେ ପିନ୍ଧିଲି ଶାଢ଼ି' (ମାଆ, ୧୯୫୯) ଭଳି ଓଡ଼ିଆ ଗୀତ ଗାଇଛନ୍ତି ଆଶା। ବନ୍ଦେ ଉତ୍କଳ ଜନନୀ ମଧ୍ୟ ଆଶାଙ୍କ ସ୍ୱରରେ ବେଶ୍ ଲୋକପ୍ରିୟ ହୋଇଛି।

ସେ ଓଡ଼ିଶାର ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର, ଶାନ୍ତନୁ ମହାପାତ୍ର ଏବଂ ଭୁବନ-ହରିଙ୍କ ନିର୍ଦ୍ଦେଶନାରେ ଅଧିକାଂଶ ଗୀତ ଗାଇଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ପାଇଁ କଣ୍ଠଦାନ କରିଥିବା ଆଶା ଭୋସଲେ ୨୦୧୭ରେ ପ୍ରଥମ ଓଡ଼ିଆ ଜଗନ୍ନାଥ ଭଜନ ମଣିମାରେ କଣ୍ଠଦାନ କରିଥିଲେ। ଦେବୀତୋଷ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରଯୋଜିତ ଓ ଦେବୀତୋଷ ଆଚାର୍ଯ୍ୟଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଗୀତର କ୍ରିଏଟିଭ ଡାଇରେକ୍ଟର ଥିଲେ ଅଭିନାଶ ନନ୍ଦ। ସେହିପରି ସମ୍ବଲପୁରୀ ସିନେମା ଚିନିରେ ମଧ୍ୟ କଣ୍ଠଦାନ କରିଛନ୍ତି ଆଶା।

## ଏକାଧିକ ଓଡ଼ିଆ ଗୀତ ଗାଇଛନ୍ତି ଆଶା ଭୋସଲେ



### 'ମାଝା ବାଲ୍'ରେ ଅଭିନେତ୍ରୀ ହୋଇଥିଲେ

ଆଶା ଭୋଁସଲେ ୧୯୪୮ ମସିହାରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର ଚୁନାରିଆର 'ସାୱନ୍ ଆୟା' ଗୀତ ସହିତ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ତାଙ୍କର ପ୍ରଥମ ହିନ୍ଦୀ ଏକକ ଗୀତ ୧୯୪୯ ମସିହାରେ 'ରାତ କି ରାନୀ' ଚଳଚ୍ଚିତ୍ରରେ ଆସିଥିଲା। ୧୯୫୩ ମସିହାରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ପରିଣୀତା'ରେ ତାଙ୍କ ଗୀତ ପରେ ତାଙ୍କର ପରିଚିତି ଏବଂ ଲୋକପ୍ରିୟତା ବହୁତ ବଢ଼ିଯାଇଥିଲା ଏବଂ ସେ କେବେ ଆଉ ପଛକୁ ଫେରି ଚାହିଁ ନଥିଲେ। ଆଶା ଭୋଁସଲେଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଥିଲା ଯେ, ସେ ୯୨ ବର୍ଷ ବୟସରେ ମଧ୍ୟ ସକ୍ରିୟ ରହି ଗୀତ ରେକର୍ଡ କରିଥିଲେ। ୯୧ ବର୍ଷ ବୟସରେ, ସେ ତାଙ୍କ ନାତୁଣୀ ଜନାଇ ଭୋଁସଲେଙ୍କ ସହିତ ତାଙ୍କର ଶେଷ ଗୀତ ରେକର୍ଡ କରିଥିଲେ। ଗୀତଟିର ଶୀର୍ଷକ ଥିଲା 'ସୈୟାଁ ବିନା' ଏବଂ ଏହାର ପ୍ରଯୋଜନା ନୀତିନ ଶଙ୍କର କରିଥିଲେ। ଗୀତଟି ୟୁଟ୍ୟୁବରେ ୧.୫ ନିୟୁତରୁ ଅଧିକ ଥର ଦେଖାଯାଇଛି।

# ଖରାଦିନ ପାଇଁ ବେଷ୍ଟ ପୁଦିନା ଡ୍ରିଙ୍କସ

ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା ରଖିବା ତଥା ସତେଜତା ବଜାୟ ରଖିବା ପାଇଁ ଆମେ ଅନେକ ପଦକ୍ଷେପ ନେଇଥାଉ । ଏହା ମଧ୍ୟରେ ପୁଦିନା ମଧ୍ୟ ସାମିଲ ଅଛି, ଯାହା ଆପଣଙ୍କ ରୋଷେଇ ଘର କିମ୍ବା ବଗିଚାରେ ସହଜରେ ଉପଲବ୍ଧ ହୋଇଯାଏ । ପୁଦିନା କେବଳ ସ୍ୱାଦ ବୃଦ୍ଧି କରୁଥିବା ଏକ ଗଛ ନୁହେଁ ବରଂ ଗ୍ରୀଷ୍ମ ଋତୁରେ ଏହା ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ ହୋଇଥାଏ । ପୁଦିନା ଏକ ଗ୍ରୀଷ୍ମକାଳୀନ ସୁପରଫୁଡ୍ ଯାହା କେବଳ ଡିହାଇଡ୍ରେସନ୍ ନୁହେଁ ବରଂ ଅନ୍ୟାନ୍ୟ ରୋଗ ସହିତ ଲଢ଼ିବାର ଶକ୍ତି ରଖେ । ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟର ଏକ ଅଂଶ କରି ଆପଣ ଗ୍ରୀଷ୍ମ ଋତୁରେ ନିଜକୁ ସୁସ୍ଥ ଏବଂ ଥଣ୍ଡା କରିପାରିବେ । ତେବେ ଆସନ୍ତୁ ଜାଣିବା ପୁଦିନା ଖାଇବାର ଲାଭ

**୧. ଡିହାଇଡ୍ରେସନ୍ ଦୂର ହେବ:** ପୁଦିନା ପାଣି କିମ୍ବା ପୁଦିନା ଚଟଣି ଶରୀରକୁ ଥଣ୍ଡା କରିଥାଏ ଏବଂ ଡିହାଇଡ୍ରେସନରୁ ରକ୍ଷା କରିଥାଏ । ଏଥିରେ ଥିବା ଇଲେକ୍ଟ୍ରୋଲାଇଟ୍ସ ଶରୀରକୁ ହାଇଡ୍ରେଟ୍ ରଖିଥାଏ ।

**୨. ପାଚନ ତନ୍ତ୍ରକୁ ସୁସ୍ଥ ରଖେ:** ପୁଦିନାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ମେନ୍ଥଲ ରହିଥାଏ ଯାହା ଗ୍ୟାସ, ଏସିଡିଟି ଏବଂ ବଦହଜମୀ ଭଳି ଅନେକ ରୋଗରୁ ମୁକ୍ତି ଦିଏ । ପେଟ ଯନ୍ତ୍ରଣା ପାଇଁ ପୁଦିନା ଚା' ମଧ୍ୟ ଖୁବ ପ୍ରଭାବଶାଳୀ ହୋଇଥାଏ ।

**୩. ଶ୍ୱାସକ୍ରିୟା ସମସ୍ୟାରେ ଆରାମ:** ସାଇନସ୍, କାଶ ଏବଂ ନିଶ୍ୱାସ ପ୍ରଶ୍ୱାସ ନେବା ସମସ୍ୟାରେ ମଧ୍ୟ ପୁଦିନା ଲାଭଦାୟକ । ଏହାର ସୁଗନ୍ଧ ଏବଂ ମେନ୍ଥଲ୍ କଫରୁ ମୁକ୍ତ କରିବାରେ ସାହାଯ୍ୟ କରେ, ଯାହା ଶ୍ୱାସକ୍ରିୟାକୁ ସହଜ କରିଥାଏ । ପୁଦିନା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ୟାନ୍ୟ ଅନେକ ସମସ୍ୟାକୁ ଦୂରେଇ ରଖିବାରେ ସାହାଯ୍ୟ କରେ ।

**୪. ଚର୍ମ ପାଇଁ ମଧ୍ୟ ଲାଭଦାୟକ:** ଗ୍ରୀଷ୍ମ ଋତୁରେ ଚର୍ମରେ ରାସେସ୍, ସନବର୍ଣ୍ଣ କିମ୍ବା ବ୍ରଣ ହେବା ସ୍ୱାଭାବିକ । ଏଥିରୁ ରକ୍ଷା ପାଇବା ପାଇଁ ପୁଦିନା ବହୁତ ଉପଯୋଗୀ ହୋଇଥାଏ । ପୁଦିନା ପେଷ୍ଟ ଲଗାଇବା ଦ୍ୱାରା ଚର୍ମ ଥଣ୍ଡା ରହିଥାଏ ଏବଂ ସଂକ୍ରମଣରୁ ମଧ୍ୟ ମୁକ୍ତି ମିଳିଥାଏ ।

**୫. ପାଟିର ଦୁର୍ଗନ୍ଧ ଏବଂ ଓରାଲ୍ ହେଲ୍‌ଥ:** ପୁଦିନା ଏକ ନ୍ୟାଚୁରାଲ୍ ମାଉଥ୍ ଫ୍ରେସନର୍ ଭାବରେ କାମ କରେ । ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ଅଛି ଯାହା ମୁଖର ଜୀବାଣୁକୁ ମାରିଦିଏ ଏବଂ ଶ୍ୱାସକୁ ସତେଜ ରଖେ । ଏହା ପାଟିର ଦୁର୍ଗନ୍ଧ ଦୂର କରେ ଏବଂ ଓରାଲ୍ ହେଲ୍ଥରେ ମଧ୍ୟ ଉନ୍ନତି ଆଣେ ।

**୬. ମୁଡ୍ ବୁଷ୍ଟର୍ ଏବଂ ଷ୍ଟ୍ରେସ ରିଲିଭର:** ପୁଦିନା ଷ୍ଟ୍ରେସ କମ କରିଥାଏ । ଏହା ମୁଡ୍ ବୁଷ୍ଟର୍ ଏବଂ ଷ୍ଟ୍ରେସ ରିଲିଭର୍ ଭାବରେ କାମ କରେ । ଏକ କପ୍ ପୁଦିନା ଚା' କିମ୍ବା ସରବତ ଆପଣଙ୍କ ସାରା ଦିନର ଥକାପଣ ଦୂର କରିପାରିବ ।

**ତେବେ ଆସନ୍ତୁ ଜାଣିବା କିପରି ସେବନ କରିବେ ପୁଦିନା:** ପୁଦିନା ପାଣି କିମ୍ୱା ସରବତ ତିଆରି କରି ପିଅନ୍ତୁ । ଦହିରେ ପୁଦିନା ଚଟଣି ମିଶାନ୍ତୁ । ସାଲାଡରେ ପୁଦିନା ପତ୍ର ମିଶେଇପାରିବେ । ପୁଦିନା ଚା'ରୁ ଆପଣଙ୍କ ଦିନର ଆରମ୍ଭ କରନ୍ତୁ । ପୁଦିନା କେବଳ ଯେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ତା' ନୁହେଁ ଏହା ଆପଣଙ୍କ ତ୍ୱଚା ପାଇଁ ମଧ୍ୟ ଖୁବ ଲାଭକାରୀ ହୋଇଥାଏ । ତେଣୁ ଆପଣ ନିଜ ତ୍ୱଚାରେ ମଧ୍ୟ ପୁଦିନା ପେଷ୍ଟ ଲଗାଇପାରିବେ ଯାହାଦ୍ୱାରା ଆପଣଙ୍କ ଚର୍ମ ଥଣ୍ଡା ରହିଥାଏ । ପୁଦିନା ସ୍ୱାସ୍ଥ୍ୟ ହିତକର ହୋଇଥିବାରୁ ଏହି ଡ୍ରିଙ୍କସ ପିଇବାକୁ ଚେଷ୍ଟା କରନ୍ତୁ । ଯାହା ଆପଣଙ୍କ ଅନେକ ରୋଗକୁ ଦୂର କରିବା । ତେଣୁ ଖରାଦିନେ ଏହାକୁ ଆପଣଙ୍କ ଡାଏଟରେ ସାମିଲ କରନ୍ତୁ



# ଖରାଦିନେ ଖାଉଥିବା ଖାଦ୍ୟ ପ୍ରତି ସାବଧାନ!

ଖରାଦିନ ଆରମ୍ଭ ହୋଇଯାଇଛି । ଏହି ଦିନେ ଶରୀରକୁ ଥଣ୍ଡା ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଗ୍ରୀଷ୍ମ ଦିନେ ପେଟ ଥଣ୍ଡା ରହିବା ନିହାତି ଜରୁରୀ । ଯଦି ପେଟ ଠିକ୍ ରୁହେ, ତେବେ ଶରୀର ସୁସ୍ଥ । ପ୍ରଚଣ୍ଡ ଖରାତାତିରୁ ରକ୍ଷା ପାଇବା ପାଇଁ ଜୁସ୍, ଆଇସକ୍ରିମ୍, କୋଲ୍ଡ ଡ୍ରିଙ୍କସ୍ ଭଳି ଥଣ୍ଡା ପାନୀୟ ପିଇବାକୁ ଅନେକ ପସନ୍ଦ କରିଥାଆନ୍ତି । ତୁ ତୁ ଖରାରେ ସୂର୍ଯ୍ୟଙ୍କ କିରଣ ଏତେ ଟାଣ ଥାଏ ଯେ ଘରୁ ବାହାରିବା ମୁସ୍କିଲ ହୋଇଯାଏ। ଏଭଳି ସମୟରେ ଲୋକମାନେ ଶରୀରକୁ ଥଣ୍ଡା ରଖିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତି। ଏଥିସହ ଏହି ଋତୁରେ ଅନେକ ଜିନିଷ ଖାଇବାକୁ ଡାକ୍ତରମାନେ ମନା ମଧ୍ୟ କରିଥାନ୍ତି। ତେବେ ଆସନ୍ତୁ ଜାଣିବା କେଉଁ ଜିନିଷ ଖାଇବା ସ୍ବାସ୍ଥ୍ୟପ୍ରତି କ୍ଷତିକାରକ। ଖରାଦିନେ ଏହି ସବୁ ଜିନିଷ ଠାରୁ ନିଜକୁ ଦୂରେଇ ରଖନ୍ତୁ ନଚେତ ଭୋଗିବେ ସାଙ୍ଘାତିକ ପରିଣାମ । ଗ୍ରୀଷ୍ମ ଋତୁ ପାଖେଇ ଆସୁଥିବାରୁ ଖାଇବା ଅଭ୍ୟାସ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ । ଏହି ଋତୁରେ, ଖାଇବା ଅଭ୍ୟାସ ଯୋଗୁଁ ଅସୁସ୍ଥ ସ୍ୱାସ୍ଥ୍ୟର ସମ୍ଭାବନା ବଢ଼ିଯାଏ । ଆପଣ ନିଶ୍ଚୟ ଦେଖିଥିବେ ଯେ ଏହି ଋତୁରେ କିଛି ଲୋକ ଖାଇବାକୁ ନେଇ ଡିହାଇଡ୍ରେସନ୍ ଭଳି ସମସ୍ୟା ଭୋଗନ୍ତି । ତେଣୁ କଣ ଖାଇବା ଆଉ କଣ ଖାଇବା ନାହିଁ ତାହା ଜାଣନ୍ତୁ ।

**ରାଗ ମସଲାଯୁକ୍ତ ଖାଦ୍ୟ:** ସ୍ୱାଦିଷ୍ଟ ଖାଦ୍ୟ ପାଇଁ ଲୋକମାନେ ପ୍ରାୟତଃ ମସଲାଯୁକ୍ତ ଖାଦ୍ୟକୁ ଖୁବ୍ ପସନ୍ଦ କରନ୍ତି । ଏହା ସତ୍ୟ ଯେ ମସଲା ପ୍ରତ୍ୟେକ ଖାଦ୍ୟରେ ସ୍ୱାଦ ଏବଂ ସୁଗନ୍ଧ ବୃଦ୍ଧି କରିଥାଏ, କିନ୍ତୁ ଗ୍ରୀଷ୍ମ ଋତୁରେ ସେଗୁଡିକୁ ଏଡାଇବା ଭଲ । ଲଙ୍କା ଗୁଣ୍ଡ, ଅଦା, ଜିରା, ରସୁଣ ଏବଂ ସୋରିଷ ପରି ବହୁ ପରିମାଣର ଗରମ ମସଲା ଖାଇବା ଦ୍ୱାରା ଶରୀରର ମେଟାବୋଲିଜିମ୍ ବଢ଼ାଇଥାଏ, ଯେଉଁ କାରଣରୁ ଶରୀର ଭିତରେ ଉତ୍ତାପ ବଢ଼ିଥାଏ । ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ।

**ନନ ଭେଜ୍ ଖାଦ୍ୟ:** ନନ ଭେଜ୍ ଖାଦ୍ୟ, ତନ୍ଦୁରୀ ଡିସ୍, ମାଂସ ଏବଂ ମଟନ୍ ଖାଇବା ସ୍ୱାଦିଷ୍ଟ, କିନ୍ତୁ ଗ୍ରୀଷ୍ମ ସମୟରେ ସତର୍କତାର ସହିତ ଖାଇବା ଉଚିତ୍ । ଶରୀର ନନ୍ ଭେଜ୍ ଖାଦ୍ୟ ହଜମ କରିବାକୁ ଅଧିକ ସମୟ ନେଇଥାଏ, ଯେଉଁ କାରଣରୁ ଶରୀର ଅତ୍ୟଧିକ ଗରମ ହେତୁ ଡିହାଇଡ୍ରେଟ୍ ହୋଇପାରେ।

**ଜଙ୍କ ଫୁଡ୍:** ଗ୍ରୀଷ୍ମ ଋତୁରେ ସିଙ୍ଗଡା, ପକୁଡି, ପିଜା, ବର୍ଗର ଭଳି ଜଙ୍କ ଫୁଡ ହଜମ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡେ । ଗ୍ରୀଷ୍ମ ସମୟରେ ତେଲ ଭାଜି ଖାଦ୍ୟରୁ ଦୂରେଇ ରହିବା ଭଲ । ଏହି ଖାଦ୍ୟ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ ।

**ମଦ୍ୟପାନ:** ମଦ୍ୟପାନ କରିବା ଶାରୀରିକ ଏବଂ ମାନସିକ ଦକ୍ଷତାକୁ ଦୁର୍ବଳ କରିଥାଏ । ଏହା ବ୍ୟତୀତ ଏହା ହାଇପୋଥାଲାମସ୍ ଗ୍ରନ୍ଥିର କାର୍ଯ୍ୟକୁ ମଧ୍ୟ ମନ୍ଥର କରିଥାଏ ଯାହା ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ । ମଦ୍ୟପାନ କରିବା ଦ୍ୱାରା ଅଧିକ ପରିସ୍ରା ହୁଏ, ଯାହା ଶରୀରରେ ଡିହାଇଡ୍ରେସନ୍ ହୋଇଥାଏ । ମଦ୍ୟପାନ ଶରୀରର ତାପମାତ୍ରା ବୃଦ୍ଧି କରି ଉତ୍ତାପର କାରଣ ହୋଇପାରେ ।

**ଚା ଏବଂ କଫି:** ଚା ଏବଂ କଫି ମନକୁ ସତେଜ ରଖେ, ତେଣୁ ଅଧିକାଂଶ ଲୋକ ଚା କିମ୍ବା କଫି ସହିତ ସକାଳ ଆରମ୍ଭ କରନ୍ତି । ସୀମିତ ପରିମାଣରେ କଫିନ୍ ଖାଇବା ଲାଭଦାୟକ । କିନ୍ତୁ ଏହି ଦୁଇଟି ଜିନିଷ ଶରୀରକୁ ଗରମ କରି ଡିହାଇଡ୍ରେସନ୍ ସୃଷ୍ଟି କରିଥାଏ । ଏଥିସହ ଯଦି ଆପଣ ଖରାଦିନେ ସୁସ୍ଥ ରହିବାକୁ ଚାହୁଁଛନ୍ତି, ତେବେ ଏହି ସମସ୍ତ ଖାଇବାଠାରୁ ଦୂରେଇ ରୁହନ୍ତୁ ।



# କିପରି କଟିବ ଆଜିର ଦିନ

୧୩ ଏପ୍ରିଲ ୨୦୨୬

**ମେଷ:** ବାଣିଜ୍ୟ କ୍ଷେତ୍ରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ।

**ବୃଷ:** ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେନି। ପାରିବାରିକ, ବ୍ୟବସାୟିକ, ନୂଆ ଯୋଜନାରୁ ଖୁସି ରହିବେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନଦେଲେ ଅସୁବିଧାରେ ପଡ଼ିବେ।

**ମିଥୁନ:** ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦ୍ୱାରା ସୁଫଳ ମିଳିବ। ଅତିରିକ୍ତ ଭ୍ରମଣ ହେତୁ କ୍ଳାନ୍ତି ଅନୁଭବ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**କର୍କଟ:** ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବନି। କିନ୍ତୁ ସାମୟିକ ଭାବରେ ପୁତ୍ରକନ୍ୟାଙ୍କ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ସିଂହ:** ଦୀର୍ଘଦିନରୁ ଅଟକି ରହିଥିବା କାମ ପାଇଁ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କନ୍ୟା:** ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବାଣିଜ୍ୟ, ପରିବହନ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ ତଥାପି ଅନ୍ୟର ସେବା କରି ଖୁସି ପାଇବେ।

**ତୁଳା:** କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ।

**ବିଛା:** ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ପାଇପାରନ୍ତି। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସମାଲୋଚନା କରିପାରନ୍ତି।

**ଧନୁ:** ବିଭିନ୍ନ ପ୍ରତିବନ୍ଧକଜନିତ ବିଳମ୍ବରେ କାମ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ ହେବ। ଆଶା କରୁଥିବା ଦିଗରୁ କିଛି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**ମକର:** ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ସବୁ ଠିକ୍ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ହୋଇଯିବ।

**କୁମ୍ଭ:** ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବନି। ଅଭାବ ଦୂରେଇବା କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

**ମୀନ:** ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକର ମୃତ୍ୟୁ

ନିମାପଡା,୧୨।୪ (ନିପ୍ର): ନିମାପଡା ଥାନା ଅନ୍ତର୍ଗତ ତେରୁଣ୍ଡିଆ ଗ୍ରାମର ଜଣେ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ମୁତାବକ ଉକ୍ତ ଗ୍ରାମର ସୁବାସ ଭୋଇ (୩୪) ଘର ପାଖରେ ସର୍ଭିସ ବିଦ୍ୟୁତ୍ ତାରଟି ଓହଳି ପଡ଼ିଥିଲା ଯୁବକ



ଜଣଙ୍କ ତାରଟିକୁ ଉଠାଉଥିବା ସମୟରେ କୌଣସି କାରଣ ବସତଃ ତାରଟି ଯୁବକଙ୍କ ହାତରେ ଲାଗି ଯାଇଥିଲା। ସ୍ଥାନୀୟ ଲୋକମାନେ ଯୁବକଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ତେବେ ଡାକ୍ତର ସେଠାରେ ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସ୍ଥଳରେ ନିମାପଡ଼ା ପୁଲିସ ପହଞ୍ଚି ଶବକୁ ଜବତ କରିବା ସହିତ ୫/୨୬ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପୋଖରୀରେ ବୁଡି ଯୁବକ ମୃତ

ବାଙ୍କୀ, ୧୨।୪ (ନିପ୍ର): ପୋଖରୀରେ ଗାଧୋଇବା କାଳ ସାଜିଲା। ୩୨ ବର୍ଷର ଯୁବକ ବିଜୟ ଦେହୁରୀଙ୍କ ପୋଖରୀରେ ବୁଡି ମୃତ୍ୟୁ। ଏମିତି ଘଟଣା ଘଟିଛି କଟକ ଜିଲ୍ଲା ବାଙ୍କୀର ଡମପଡ଼ା ପଞ୍ଚାୟତରେ। ସୂଚନା ଅନୁଯାୟୀ ଡାହାଣୀ ଗାଡ଼ିଆ ଗ୍ରାମର ଲକ୍ଷ୍ମୀଧର ଦେହୁରୀଙ୍କ ପୁତ୍ର ବିଜୟ ଦେହୁରୀ ନିଜର ୨ ସାଥୀଙ୍କ



ସହ ଡମପଡା ଆମ୍ବ ତୋଳିବାକୁ ଆସିଥିଲେ। ଆମ୍ବ ତୋଳା ସରିବା ପରେ ସମସ୍ତେ ଧଳ ସାହି ବଡ଼ ପୋଖରୀରେ ଗାଧୋଉଥିଲେ। ଗଭୀର ପାଣିକୁ ବଡ ପୋଖରୀରେ ପହଁରିବା ବିଜୟଙ୍କ ପାଇଁ କାଳ ପାଲଟିଥିଲା। ପୋଖରୀକୁ ପହଁରିବାକୁ ସମୟରେ ଅତିକ୍ରମ କରି ନପାରି ମଝିରେ ବୁଡିଯାଇଥିଲେ ବିଜୟ। ଖବର ପାଇଁ ଡମପଡା ଅଗ୍ନିଶମ ବିଭାଗ କର୍ମଚାରୀ ଦୀର୍ଘ ୩ ଘଣ୍ଟା ଖୋଜା ଖୋଜି କରିବା ପରେ ବିଜୟଙ୍କ ଶରୀର ପାଇଥିଲେ। ତାଙ୍କ ଶରୀରକୁ ଡମପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ଘଟଣା ସମ୍ପର୍କରେ ଶୁଣି ତାଙ୍କ ଗ୍ରାମ ଓ ଆତ୍ମୀୟ ସ୍ୱଜନ୍‌ଙ୍କ ମଧ୍ୟରେ ଦୁଃଖର ଲହରି ଖେଳିଯାଇଛି ।

## ଚାରିଛକ ଜୋନ ଯାଦବ ମହାସଭାର ସାଂଗଠନିକ ବୈଠକ

ଚାରିଛକ,୧୨।୪ (ନିପ୍ର): ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ଚାରିଛକ ଜୋନ ଯାଦବ ମହାସଭାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୋନ ସଭାପତି ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉକ୍ତ ଜୋନର ପ୍ରତି ପଞ୍ଚାୟତରେ ବୈଠକ କରିବା ପାଇଁ ସ୍ଥିର କରାଯାଇଥିଲା ।



ଏଥିରେ ଦୁଇଜଣ ମହିଳାଙ୍କ ସମେତ ୧୦ଜଣ ସଭ୍ୟ ମନୋନୀତ କରାଯାଇଛି । ବୈଠକରେ ସଂପାଦକ ଶରତ ବେହେରା, କୈଳାସ ବେହେରା, ଟୁକୁନା ବେହେରା, କୃଷ୍ଣଚନ୍ଦ୍ର ବେହେରା, ଅକ୍ଷୟ ବେହେରା, ବୈଷ୍ଣବ ଚରଣ ଡାଲୁଆ, ଉପଦେଷ୍ଟା ରାମଚନ୍ଦ୍ର ଜେନା, ବେଣୁଧର ବେହେରା ପ୍ରମୁଖ ଯୋଗଦେଇଥିଲେ ।

## ଅରିନ୍ଦମଙ୍କ ନେତୃତ୍ୱରେ ବିଜେପିର ମିଶ୍ରଣ ପର୍ବ

ଟାଙ୍ଗୀ ଚୌଦ୍ୱାର, ୧୨।୪(ନିପ୍ର): ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଟାଙ୍ଗୀ ହାଟ ପଡ଼ିଆରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ବିଜେପି ଦଳର ଏହି ମିଶ୍ରଣ ପର୍ବରେ ଅଞ୍ଚଳର କଂଗ୍ରେସ ଓ ବିଜେଡି ଦଳର ଆଗଧାଡିର କିଛି କର୍ମୀ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଉଚ୍ଚପଦା ପଞ୍ଚାୟତର ରଶ୍ମିତା ରାଉତ ବିଜେପି ଦଳରେ ଯୋଗ ଦେଇଥିବା ବେଳେ ତାଙ୍କ ସହ ତାଙ୍କର ବହୁ ଅନୁଗାମୀ ଯୋଗ ଦେଇଛନ୍ତି। ସେହିପରି



ବିଜେଡି ଦଳର ପୂର୍ବତନ ବ୍ଲକ ଉପାଧକ୍ଷା ଗୀତାଞ୍ଜଳି ସ୍ୱାଇଁ ଓ କୋଟସାହି ପଞ୍ଚାୟତର କଂଗ୍ରେସ ନେତା ପୂର୍ବତନ ବ୍ଲକ ଉପାଧକ୍ଷ ଅମୂଲ୍ୟ କୁମାର ସାହୁ ଯୋଗ ଦେଇଛନ୍ତି। ମିଶ୍ରଣପର୍ବ ପୂର୍ବରୁ ସମର୍ଥକଙ୍କ ସହ ବାଇକ ରାଲିରେ ବାହାରି ଉଚ୍ଚପଦା ପଞ୍ଚାୟତ ପରିକ୍ରମା କରି ଟାଙ୍ଗୀ ହାଟ ପଡ଼ିଆରେ ପହଞ୍ଚି ଥିଲେ। ଟାଙ୍ଗୀ ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ, କୋରେଇ ବିଧାୟକ ଆକାଶ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୌଧୁରୀ ହେମନ୍ତ କୁମାର ସାହୁ ସେମାଙ୍କୁ ଭବ୍ୟ ସ୍ୱାଗତ କରିବା ସହ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପି ଦଳର ଶକ୍ତି ବୃଦ୍ଧି ଅନ୍ୟ ଦଳ ମାନଙ୍କର ମୁଣ୍ଡ ବ୍ୟଥାର କାରଣ ସାଜିଛି।

### ନାରୀ ଶକ୍ତି– ଓଡ଼ିଆ ଅସ୍ମିତା କାର୍ଯ୍ୟକ୍ରମରେ ରାଜ୍ୟପାଳ

# ମହିଳା ସଶକ୍ତିକରଣ ସମାବେଶୀ ବିକାଶ ପାଇଁ ଅତ୍ୟାବଶ୍ୟକ

ଭୁବନେଶ୍ୱର,୧୨।୪(ନିପ୍ର): ମହିଳା ସଶକ୍ତିକରଣ ଏକ ଜାତୀୟ ଆବଶ୍ୟକତା ଏବଂ ସମାବେଶୀ ବିକାଶ ପାଇଁ ଅତ୍ୟାବଶ୍ୟକ । ଯେଉଁ ସମାଜ ମହିଳାଙ୍କୁ ସମ୍ମାନ ଦିଏ ଏବଂ ସେମାନଙ୍କର ବିକାଶ କରେ, ସେହି ସମାଜ ଶକ୍ତି ଓ ମର୍ଯ୍ୟାଦା ସହ ଅଗ୍ରଗତି କରେ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ରବିବାର ଦିନ ଦ ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ 'ନାରୀ ଶକ୍ତି – ଓଡ଼ିଆ ଅସ୍ମିତା' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ କହିଛନ୍ତି, ଏହା ଓଡ଼ିଶାର ସାଂସ୍କୃତିକ, ସାମାଜିକ ଓ ଆର୍ଥିକ ପରିଚୟ ଗଠନରେ ମହିଳାମାନଙ୍କ ଅବଦାନକୁ ସମ୍ମାନିତ କରୁଛି। ମହିଳାମାନେ ପରିବାରର ଭିତ୍ତି, ମୂଲ୍ୟବୋଧର ପ୍ରଥମ ଶିକ୍ଷୟିତ୍ରୀ ଏବଂ ସହାନଭୂତିଶୀଳ ଓ ପ୍ରଗତିଶୀଳ ସମାଜର ନିରବ ସ୍ଥପତି।



ପରିବର୍ତ୍ତିତ ପରିଦୃଶ୍ୟ ଉପରେ ରାଜ୍ୟପାଳ କହିଥିଲେ, ମହିଳାମାନେ ଶାସନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଉଦ୍ୟମିତା, କ୍ରୀଡ଼ା, କଳା ଏବଂ ସଶସ୍ତ୍ର ବାହିନୀ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରୁଛନ୍ତି। ଆଧୁନିକ ଭାରତୀୟ ମହିଳା ଆତ୍ମବିଶ୍ୱାସୀ, ସକ୍ଷମ ଏବଂ ନିଜ ଅଧିକାରର ନେତୃତ୍ୱ ନେଉଛନ୍ତି। ଏହି ରୂପାନ୍ତରଣ ରାଜ୍ୟ ଓ କେନ୍ଦ୍ରସ୍ତରରେ ପ୍ରଗତିଶୀଳ ନୀତି ଏବଂ ଦୂରଦର୍ଶୀ ନେତୃତ୍ୱ ଦ୍ୱାରା ସମ୍ଭବ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାରୀ ଶକ୍ତିର ଗୁରୁତ୍ୱ ଉପରେ ପ୍ରାଥମିକତା ଦେଉଛନ୍ତି । ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହେବା ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ, ଏହା ଶାସନରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇ ଗଣତନ୍ତ୍ରକୁ ମଜଭୁତ କରିବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରି ସମ୍ମାନିତ ହୋଇଥିବା ମହିଳାଙ୍କୁ ଅଭିନନ୍ଦନ ଜଣାଇ ଥିଲେ ରାଜ୍ୟପାଳ। କାର୍ଯ୍ୟକ୍ରମରେ ଦ ଟାଇମ୍ସ ଅଫ୍ ଇଣ୍ଡିଆ, ଭୁବନେଶ୍ୱରର ରେସପନ୍ସ ହେଡ୍ ପ୍ରୋଗ୍ୟାବ୍ରତ ବ୍ରହ୍ମ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବ୍ୟୁରୋ ଚିଫ୍ ଅଶୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କିଟ୍ ଓ କିସ୍ ପକ୍ଷରୁ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୨।୪ (ନିପ୍ର): ଏପ୍ରିଲ ୧୮ ତାରିଖରେ କିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦେଶବ୍ୟାପୀ ୩୦ ଜଣ ରାଜ୍ୟ ବିଜେତା ଆଜି କ୍ୟାମ୍ପସରେ ପହଞ୍ଚିବା ପରେ ସେମାନଙ୍କୁ କିଟ୍ ଓ କିସ୍ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିଟ୍ ଆର୍କିଟେକଚର ସ୍କୁଲ୍‌ର ମହାନିର୍ଦ୍ଦେଶକ




ଏଏସ୍ ରାୟ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଭଳି ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ କିଟ୍ କ୍ୟାମ୍ପସରେ ଆୟୋଜନ କରାଯାଉଥିବାରୁ ଏହା ଓଡ଼ିଶା ପାଇଁ ଗର୍ବର ବିଷୟ। ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଏକ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯାଉଛି। ଓଡ଼ିଶା ପର୍ଯ୍ୟଟନ ବିଭାଗ ସହମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ଆୟୋଜନ କରିଛନ୍ତି।

ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତା ଭାରତରେ ଆୟୋଜିତ ହେଉଥିବା ପ୍ରସିଦ୍ଧ ସୁନ୍ଦରୀ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ। ଏହି ପ୍ରତିଯୋଗିତା ନିଜ ନିଜ ରାଜ୍ୟରେ କରାଇବା ପାଇଁ ବିଭିନ୍ନ ରାଜ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ଖୁସିର କଥା ପ୍ରଥମଥର ପାଇଁ ଏହି ପ୍ରତିଯୋଗିତା ଓଡ଼ିଶା ଆସିଛି। ଏହି ପ୍ରତିଯୋଗୀତା ଜରିଆରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ସୁବନ୍ଦୋବସ୍ତ କରାଯାଇଛି। ଗ୍ରାଣ୍ଡ ଫିନାଲେ ଆୟୋଜନ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଏହି ଯୁବ ଅଂଶଗ୍ରହଣକାରୀମାନେ କିଟ୍ ଓ କିସ୍‌ରେ ଦୀର୍ଘ ସମୟ ଅତିବାହିତ କରିବେ। କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କୁ ସହ ଭାବ ବିନିମୟ କରିବେଛ।

## ୪୦ ଡିଗ୍ରୀ ଉପରେ ୬ ସହର

ଭୁବନେଶ୍ୱର,୧୨।୪(ନି.ପ୍ର): ରାଜ୍ୟରେ ଖରା ସହ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି। ରବିବାର ରାଜ୍ୟର ୬ ସହର ରହିଥିଲା ୪୦ ଡିଗ୍ରୀ ଉପରେ। ଏହି ୬ ସହର ହେଉଛି ଟିଟିଲାଗଡ଼, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା, ହୀରାକୁଦ ଓ ଭବାନୀପାଟଣା। ଟିଟିଲାଗଡ଼ରେ ୪୧.୫, ବଲାଙ୍ଗୀର ଓ ଭବାନୀପାଟଣାରେ ୪୧, ଝାରସୁଗୁଡ଼ାରେ ୪୦.୭, ସମ୍ବଲପୁରରେ ୪୦.୧ ଓ ହୀରାକୁଦରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଭୁବନେଶ୍ୱର ଓ କଟକ ତାତି ଓ ଗୁଳୁଗୁଳିରୁ ବାଦ୍ ଯାଇନାହିଁ। ଭୁବନେଶ୍ୱରରେ ତାପମାତ୍ରା ୩୭.୭ ଓ କଟକରେ ୩୭.୪ ଡିଗ୍ରୀ ରେକର୍ଡ କରାଯାଇଥିଲା।

## ନାଟ୍ୟରଥି ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ଜୟନ୍ତୀ

ନୟାଗଡ଼,୧୨।୪(ନି.ପ୍ର): ଓଡ଼ିଶାର ଅନ୍ୟତମ ବରପୁତ୍ର, ବହୁମୁଖୀ ପ୍ରତିଭା,ମହାନ ନାଟ୍ୟକାର ତଥା ନୟାଗଡ଼ ମାଟିର ଗର୍ବ ଓ ଗୌରବ ନାଟ୍ୟରଥି ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ୧୪୨ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଜିଲ୍ଲା ସଂସ୍କୃତି ପରିଷଦ, ନୟାଗଡ଼ ଏବଂ 'ମୈତ୍ରୀ ଯୁବ ସଂସଦ'ର ମିଳିତ ଆନୁକୂଲ୍ୟରେ ରବିବାର ପ୍ରତ୍ୟୁଷରେ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ନାଟ୍ୟରଥିଙ୍କ ପ୍ରତିମୂର୍ତ୍ତିରେ ଧୂପ, ପୁଷ୍ପ ଏବଂ ମାଲ୍ୟାର୍ପଣ କରାଯିବା ସହିତ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱର୍ଗତ ଗୋବିନ୍ଦ ଶୂରଦେଓ ନାଟକ ରଚନା ସହିତ ଚିତ୍ରସଜ୍ଜା,ମଞ୍ଚସଜ୍ଜା,ନାଟ୍ୟ ନିର୍ଦ୍ଦେଶନା, ଗୀତିକାର, ସଙ୍ଗୀତ ସଂଯୋଜନା, କଣ୍ଠଦାନ,ଅଭିନୟ ତଥା ଅଭିନେତା ମାନଙ୍କର ବେଶସଜ୍ଜା ଆଦି ନାଟକର ବିଭିନ୍ନ ବିଭାଗରେ ବିଚକ୍ଷଣ ଭାବେ ସଫଳ ହୋଇ ସୃଷ୍ଟି କରିଥିଲେ ନିଆରା କିମ୍ବଦନ୍ତୀ । ସେହିପରି ରାସଲୀଳାକୁ ଅତ୍ୟାଧୁନିକ ନାଟ୍ୟରୂପ ଦେବାରେ ନାଟ୍ୟରଥି ଗୋବିନ୍ଦ ଶୂରଦେଓ ହିଁ ଓଡ଼ିଶାରେ ପ୍ରଥମ ଥିଲେ।ଏହିପରି ଜଣେ ବହୁମୁଖୀ ପ୍ରତିଭା ଯେ କେବଳ ନାଟ୍ୟଜଗତରେ ପ୍ରସିଦ୍ଧି ଲାଭ କରିଥିଲେ ତା ନୁହେଁ ଓଡ଼ିଶାର ଜାତୀୟ ଆନ୍ଦୋଳନରେ ଭାଗ ନେଇ ରଚନା କରିଥଲେ ଅନେକ ଦେଶାତ୍ମବୋଧ ସଙ୍ଗୀତ । ଏପରିକି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସ୍ୱର୍ଗତ ଶୂରଦେଓଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁମିତ୍ରା ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମାଜସେବୀ ପ୍ରଦୀପ



କୁମାର ସାହୁ, ସମାଜସେବୀ ପ୍ରମୋଦ ପଟ୍ଟନାୟକ,ସମାଜସେବୀ ଅନାଦି ଚରଣ ମହାନ୍ତି,ସାହିତ୍ୟିକ ନିର୍ମଳ ଚନ୍ଦ୍ର ଶୂରଦେଓ, କବି ଅଶୋକ ମଲ୍ଲ, ଲକ୍ଷ୍ମୀଧର ସାହୁ, ଦେବେନ୍ଦ୍ର ପରମଗୁରୁ ଏବଂ ପ୍ରଦୀପ୍ତ ଡାକୁଆ ପ୍ରମୁଖ ଯୋଗଦାନ କରି ନାଟ୍ୟରଥିଙ୍କ ସ୍ମୃତିଚାରଣ କରିଥିଲେ।

## ମା'ବାଟମଙ୍ଗଳାଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ

ନୟାଗଡ,୧୨।୪ (ନିପ୍ର): ନୟାଗଡ଼ ସହରର ବାରମାସୀ ଦଣ୍ଡା ନିକଟରେ, ମୁନିସିପାଲିଟିର ୧୧ ନମ୍ବର ୱାର୍ଡରେ ଅବସ୍ଥିତ ଏହି ନୂତନ ମନ୍ଦିରକୁ କେନ୍ଦ୍ର କରି ଅଞ୍ଚଳରେ ଆନନ୍ଦର ମହଲ ଦେଖିବାକୁ ମିଳିଥିଲା। ସକାଳ ୯ ଘଟିକା ସମୟରେ ପଣ୍ଡିତମାନଙ୍କ ଦ୍ୱାରା ପୂଜା ପାଠ ଓ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଏହା ସହିତ ନାମ କୀର୍ତ୍ତନର ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଯାଇଥିଲା। ହୋମଯଜ୍ଞରେ କର୍ତ୍ତା ଭାବେ ଗୋପୀନାଥ ମହାନ୍ତି ଓ ନରସିଂହ ପୃଷ୍ଟି ବସିଥିଲେଛଏହି ଉତ୍ସବଟି ୱାର୍ଡ କାଉନସିଲର ଅକ୍ଷୟ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବହୁ ଆଡମ୍ବରରେ ପାଳନ କରାଯାଇଥିଲା। ବାରମାସୀ ଦଣ୍ଡା ଅଞ୍ଚଳରେ ପୂର୍ବରୁ କୌଣସି ମନ୍ଦିର ନଥିବାରୁ ଏହି ମନ୍ଦିର ନିର୍ମାଣ ନେଇ ଅଞ୍ଚଳବାସୀମାନେ ବହୁତ ଖୁସି ବ୍ୟକ୍ତ କରିଛନ୍ତି। ଉତ୍ସବରେ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଜିଲ୍ଲା ଓକିଲ ସଂଘର ସମ୍ପାଦକ ସ୍ୱଦେଶ ମିଶ୍ର, ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ଖଟେଇ ଓ ସମାଜସେବୀ ଲକ୍ଷ୍ମୀପ୍ରିୟା ପଣ୍ଡା ମୁଖ୍ୟତଃ ଉପସ୍ଥିତ ଥିଲେ। ଉତ୍ସବର ଶେଷରେ ଭକ୍ତମାନେ ପ୍ରସାଦ ସେବନ କରି ଆଧାତ୍ମିକ ଆନନ୍ଦର ଅନୁଭବ କରିଥିଲେ।



# ମୁଖ୍ୟ ରାସ୍ତାରେ ନର୍ଦ୍ଦମା ପାଣି, ଦଣ୍ଡୁଆ ଅସନ୍ତୁଷ୍ଟ

କଣ୍ଟିଲୋ,୧୨।୪(ନି.ପ୍ର) କଣ୍ଟିଲୋ ହାଟମୁଣ୍ଡ ପାଟଣା ସାହି ମୁଖ୍ୟ ରାସ୍ତାରେ ଦୀର୍ଘ ବର୍ଷ ଧରି ନର୍ଦ୍ଦମା ପାଣି ରାସ୍ତା ଉପରେ ବୋହୁଥିବାରୁ ସର୍ବସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସୂଚନାରୁ ପ୍ରକାଶ ଯେ, ହାଟମୁଣ୍ଡ ପାଟଣାର ଚୁଲୁ ବେହେରାଙ୍କ ଘର ପାଖରୁ ଡ୍ରେନ ପାଣି ଉଛୁଳି ରାସ୍ତା ଉପରେ ପୂର୍ବ ଦିଗକୁ ପ୍ରବାହିତ ହୋଇ ଜନ କଲ୍ୟାଣ କ୍ଲବଘର ପାର୍ଶ୍ୱକୁ କ୍ରସ କରି ସମ୍ପୂର୍ଣ୍ଣ ଭାବେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ବହୁବାର ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବର୍ତ୍ତମାନ ପବିତ୍ର ଦଣ୍ଡ ଉତ୍ସବ ସମୟରେ ପ୍ରତ୍ୟହ ଏହି ରାସ୍ତା



ଦେଇ ବାବା କୃଷ୍ଣେଶ୍ୱର ଓ ବାବା କପିଳେଶ୍ୱର ମହାନଦୀରୁ ଗାଧୋଇ ସାରିବା ପରେ ଏହି ରାସ୍ତାର ଅପରିଷ୍କାର ନାଳ ନର୍ଦ୍ଦମା ପାଣି କୁଦି ଯିବା ବେଳେ ଦଣ୍ଡୁଆ ମାନେ ବହୁ ଅସନ୍ତୋଷ ପ୍ରକାଶ କରିବା ସହିତ ନିଜ ନିଜର ଆଧାତ୍ମିକ ଚିନ୍ତା ଧାରାରେ ଘୋର ବ୍ୟାଘାତ ହେଉଥିବା ଅଭିଯୋଗ କରିଛନ୍ତି। ସବୁଠାରୁ ବେଶୀ ଆଶ୍ଚର୍ଯ୍ୟ ଲାଗୁଛି ଯେ, କଣ୍ଟିଲୋର ଏହି ଶିକ୍ଷିତ ତଥା ସଚେତନ କ୍ରିୟାଶୀଳ ସାହିରେ ବହୁ ମାନ୍ୟଗଣ୍ୟ ସମାଜ ସେବୀ, ବରିଷ୍ଠ ସାମ୍ବାଦିକ ଓ ଠିକାଦାରମାନେ ଥିଲେ ମଧ୍ୟ ବର୍ତ୍ତମାନ ଦଣ୍ଡ ଉତ୍ସବ ସମୟରେ ସାହିର ରାସ୍ତା ନିର୍ମଳ ଓ ସ୍ୱଚ୍ଛତା ରହିବା ପରିବର୍ତ୍ତେ ରାସ୍ତାରେ ଡ୍ରେନ ପାଣି ଉଛୁଳି ପରିବେଶକୁ ପୁତିଗନ୍ଧମୟ ଓ ଅପରିଷ୍କାର ହେଉଥିବା କାର୍ଯ୍ୟକୁ ସାଧାରଣରେ ନା ପସନ୍ଦ କରିଛନ୍ତି। ଯଥାଶୀଘ୍ର ହାଟ ମୁଣ୍ଡ ପାଟଣା ସାହିର ଏହି ଡ୍ରେନର ସଫେଇ ଓ ମରାମତି କାର୍ଯ୍ୟ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ କରିବା ପାଇଁ ସାଧାରଣରେ ଦାବି ହେଉଛି।



**ଅନୁଚିନ୍ତା**
ଭଗବାନ ମାନବିକ କଳ୍ପନାର ଊର୍ଦ୍ଧ୍ୱରେ ବିଦ୍ୟମାନ,
ସେ ହିଁ ସତ୍ୟ, ପରମ ସତ୍ୟ।

## ସମ୍ପାଦକୀୟ

# ଅଲ୍‌ବିଦା ଆଶା ତାଇ

**ଆ**ଗରୁ ଚାଲିଯାଇଥିଲେ ସୁର ସାମ୍ରାଜ୍ଞୀ ଲତା। ସେଦିନ ଥିଲା ରବିବାର। ଏବେ ରବିବାରରେ ମଧ୍ୟ ଚାଲିଗଲେ କୋଟି ହୃଦୟର ଆଶା । କଳା ଜଗତର ଅପୂରଣୀୟ କ୍ଷତି ହେଲା । ଲାଗୁଛି ଯେମିତି ଅଟକିଗଲା ସୁରର ଯାତ୍ରା, ସୁରର ସୁନ୍ଦର ବଗିଚା ଯେମିତି ଝାଉଁଳି ପଡ଼ିଲା । ସବୁ ବୟସ ବର୍ଗର ପ୍ରିୟ, ଭର୍ସାଟାଇଲ ଆଶା ଭୋସଲେ କେବଳ ଏକ ନାମ ନୁହେଁ, ସଂଗୀତ ପାଇଁ ସମର୍ପିତ ଏକ ଜୀବନ, ଏକ ଅମର କାହାଣୀ । ବଡ଼ ଭଉଣୀ କୋକିଳକଣ୍ଠୀ ଲତା ମଙ୍ଗେଶକରଙ୍କ ବିଶାଳ ଛାୟା ତଳେ କ୍ୟାରିୟର ଆରମ୍ଭ କରିନଥିଲେ ଆଶା । ବରଂ ଏହି ଛାୟାରୁ ବାହାରିବାକୁ ସଂଘର୍ଷ କରି ସଫଳ ହୋଇଥିଲେ, ନିଜ ଯାଦୁକରୀ କଣ୍ଠସ୍ୱରରେ ସୃଷ୍ଟି କରିଥିଲେ ନିଜର ସ୍ୱତନ୍ତ୍ର ପରିଚୟ । ଜୀବନ ତାଙ୍କର ଥିଲା ସଂଘର୍ଷମୟ । ତାଙ୍କୁ ୯ ବର୍ଷ ବୟସ ହୋଇଥିବାବେଳେ ତାଙ୍କ ପିତା ଦୀନାନାଥ ମଙ୍ଗେଶକରଙ୍କର ମୃତ୍ୟୁ ହୋଇଥିଲା। ୧୬ ବର୍ଷ ବୟସରେ ପରିବାରର ବିରୋଧ ସତ୍ତ୍ୱେ ବିବାହ କରିଥିଲେ । ୧୧ ବର୍ଷ ପରେ ହୋଇଥିଲା ବିବାହ ବିଚ୍ଛେଦ । କନ୍ୟା ବର୍ଷା ଆତ୍ମହତ୍ୟା କରିଥିଲେ। ପୁତ୍ର ହେମନ୍ତଙ୍କର କ୍ୟାନସରରେ ମୃତ୍ୟୁ ହୋଇଥିଲା । ବୋଝ ପରେ ବୋଝ ଲଦି ହୋଇପଡ଼ିଥିଲା ତାଙ୍କ ଜୀବନରେ, କିନ୍ତୁ ସେ ହାରିବା ଶିଖି ନଥିଲେ । ସବୁ ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ବଢ଼ିଥିଲେ ଆଗକୁ । ୧୦ ବର୍ଷ ବୟସରୁ ଆରମ୍ଭ ତାଙ୍କର ଆଠ ଦଶନ୍ଧିର ସଂଗୀତ ଯାତ୍ରା, ୧୨ ହଜାରରୁ ଅଧିକ ଗୀତ, କମ୍ କଥା ନୁହେଁ । ପୁରସ୍କାର, ସମ୍ମାନ, ସମ୍ବର୍ଦ୍ଧନା, ବିଶ୍ୱ ରେକର୍ଡ଼ ସବୁ ହାସଲ କରିଥିଲେ ସେ । ସବୁଠାରୁ ବଡ଼ କଥା, ସେ ହୋଇଥିଲେ କୋଟି ହୃଦୟର ଆଶା । ସଂଗୀତପ୍ରେମୀଙ୍କ ପାଇଁ ସେ 'ଆଶା ଭୋସଲେ', କିନ୍ତୁ ବଲିଉଡ଼ ତାଙ୍କୁ ବଡ଼ ଭଉଣୀର ସମ୍ମାନ ଦେଇଥିଲା, 'ଆଶା ତାଇ' ସମ୍ବୋଧନ କରୁଥିଲା ।

**ସମୟ ସହ ତାଳ ଦେଇ ଗୀତ ବଦଳିଯାଏ, ସଂଗୀତ ସଂଯୋଜନା ବଦଳିଯାଏ, ଗୀତର ପ୍ରକାର ବଦଳିଯାଏ, ଶ୍ରୋତାଙ୍କ ରୁଚି ବି ବଦଳିଯାଏ। କିନ୍ତୁ ଆଶା ଭୋସଲେ କେବେ ବଦଳିନଥିଲେ । ସବୁପ୍ରକାର ଗୀତ ଗାଇବାରେ ସେ ଥିଲେ ଅତି ଦକ୍ଷ । ସବୁଦିନ ପାଇଁ ସଂଗୀତପ୍ରେମୀଙ୍କ ହୃଦୟରେ ସେ ଅମର ହୋଇ ରହିବେ, ସବୁଦିନ ପାଇଁ ଝଙ୍କୃତ ହେଉଥିବ ତାଙ୍କର ଯାଦୁକରୀ କଣ୍ଠସ୍ୱର ।**



ସମୟ ସହ ତାଳ ଦେଇ ଗୀତ ବଦଳିଯାଏ, ସଂଗୀତ ସଂଯୋଜନା ବଦଳିଯାଏ, ଗୀତର ପ୍ରକାର ବଦଳିଯାଏ, ଶ୍ରୋତାଙ୍କ ରୁଚି ବି ବଦଳିଯାଏ। କିନ୍ତୁ ଆଶା ଭୋସଲେ କେବେ ବଦଳି ନଥିଲେ। ସବୁପ୍ରକାର ଗୀତ ଗାଇବାରେ ସେ ଥିଲେ ଅତି ଦକ୍ଷ। ବିଭିନ୍ନ ସଂଗୀତ ନିର୍ଦ୍ଦେଶକଙ୍କ ସ୍ୱର ସଂଯୋଜନାରେ ଗୀତ ଗାଇଛନ୍ତି ଆଶା । ଦେଶର ସେ ବହୁଭାଷୀ ଗାୟିକା। ତେବେ ଦୁଇଜଣ ସଂଗୀତ ନିର୍ଦ୍ଦେଶକ ଓ ପି ନାୟାର ଏବଂ ଆର୍ ଡି ବର୍ମନଙ୍କ ସହ ଆଶାଙ୍କ କମ୍ବିନେସନକୁ ବଲିଉଡ଼ କେବେ ଭୁଲିନାହିଁ କି ସଂଗୀତ ପ୍ରେମୀ ମଧ୍ୟ ଭୁଲିନାହାନ୍ତି । ସଂଗୀତ ନିର୍ଦ୍ଦେଶକ ନାୟାର ଲତା ମଙ୍ଗେଶକରଙ୍କୁ ନେବା ପାଇଁ ମନା କରିଦେବା ପରେ ବିକଳ୍ପ ଭାବେ ପସନ୍ଦ କରିଥିଲେ ଆଶା ଭୋସଲେଙ୍କୁ। ନାୟାର ଓ ଆଶାଙ୍କ ଯୋଡ଼ିରୁ ଆରମ୍ଭ ହୋଇଥିଲା ବଲିଓଡ଼ରେ କ୍ଲବ୍ ଗୀତ, ବାର୍ ଗୀତ ଓ ପପ୍ ଗୀତ। ଏହା ସେତେବେଳେ ଝଡ଼ ସୃଷ୍ଟି କରିଥିଲା। ଏହାପରେ ପରବର୍ତ୍ତୀ ପିଢ଼ିର ସଂଗୀତ ନିର୍ଦ୍ଦେଶକ ଆର୍ ଡି ବର୍ମନଙ୍କ ସହ ଆଶାଙ୍କ ଯୋଡ଼ି ସଂଗୀତ ଜଗତରେ ସୃଷ୍ଟି କରିଥିଲା ସୁନାମୀ । ବର୍ମନଙ୍କୁ ମଧ୍ୟ ଆଶା ନିଜର ଜୀବନସାଥି କରିଥିଲେ। ଧଳା ଶାଢ଼ି ଓ ମୋତି ମାଳ। ପସନ୍ଦ କରୁଥିବା ଆଶା ନିଜ ସର୍ତ୍ତରେ ଜିଇଥିଲେ, କିନ୍ତୁ ସଂଗୀତ ପାଇଁ କମ୍ପ୍ରମାଇଜ୍ କରିନଥିଲେ। ସଂଗୀତ ଥିଲା ତାଙ୍କର ଜୀବନ । ପପ୍, ଆଇଟମ୍, ରୋମାଣ୍ଟିକ, ପ୍ୟାଥସ୍, ଭଜନ, ଗଜଲ, ଶାସ୍ତ୍ରୀୟ ସବୁପ୍ରକାର ଗୀତ ସେ ଗାଇପାରୁଥିଲେ । ଦିନେ ସେ ଗାଇଥିଲେ, 'ଚୁରା ଲିୟା ହୈ ଦିଲ୍ କୋ ଜୋ ତୁମ୍‌ନେ ନଜର ନହିଁ ଚୁରାନା ସନମ', କିନ୍ତୁ ସମସ୍ତଙ୍କଠାରୁ ନଜର ଚୋରାଇ ଏବେ ସେ ଚୁପ୍‌ଚାପ ଚାଲିଗଲେ। ଚାଲିଗଲେ ସିନା, ସବୁଦିନ ପାଇଁ ସଂଗୀତପ୍ରେମୀଙ୍କ ହୃଦୟରେ ସେ ଅମର ହୋଇ ରହିବେ, ସବୁଦିନ ପାଇଁ ଝଙ୍କୃତ ହେଉଥିବ ତାଙ୍କର ଯାଦୁକରୀ କଣ୍ଠସ୍ୱର। ପିଢ଼ି ପରେ ପିଢ଼ିକୁ ପ୍ରେରିତ କରୁଥିବ ଆଶା ଭୋସଲେଙ୍କ କଣ୍ଠସ୍ୱର।

# ଅନାବଶ୍ୟକ ତୁଳନା




**ଏ**କଦା ଜଣେ ପିଲାର ସାଙ୍ଗ ଦଶମ ବୋର୍ଡ଼ରେ ୯୦ ପ୍ରତିଶତ ଆଣିପାରିଲାନି। ପୁଅର ମା' ୫ ଦିନ ପର୍ଯ୍ୟନ୍ତ କାନ୍ଦି ଖାଇଲେ ନାହିଁ। ପୁଅକୁ ମଧ୍ୟ କହିଲେ ଯେ, ତୁମ ପାଇଁ ମୁଁ କାହାକୁ ଲାଜରେ ମୁହଁ ଦେଖାଇ ପାରିବି ନାହିଁ। ତୋର ଅମୁକ ସାଙ୍ଗ ପିଲା ଏତେ ମାର୍କ ରଖିଛି। ଆଇ ଆଇଟି ପାଇଁ ପ୍ରସ୍ତୁତ ହୋଇ ପାଇଯିବ। ସରକାରୀ କଲେଜରେ ବିନା ଡୋନେସନରେ ଡାକ୍ତରୀ ପାଇଯିବ ଇତ୍ୟାଦି ଇତ୍ୟାଦି, ତୁ କ'ଣ କରିବୁ? ଏଭଳି ଏକ ଘଟଣାର ୨ଦିନ ପରେ ପିଲାଟି ଆତ୍ମହତ୍ୟାର ପଥ ବାଛି ନେଇଥିଲା ବୋଲି ଶୁଣିଲି। ସମସ୍ତେ କହିଲେ ଗୋଟେ ୧୦ମ ଶ୍ରେଣୀର ପିଲା ଏମିତି ପଦକ୍ଷେପ କେମିତି ନେଇପାରିଲା? ଏହି ଅନାବଶ୍ୟକ ତୁଳନାକୁ ଆମେ ବନ୍ଦ କରିବାକୁ ପଡ଼ିବ। ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଅନନ୍ୟ। ଯଦି ଆମେ ଏହି ଅନନ୍ୟତାକୁ ଅନୁଭବ କରିବା ତେବେ ଆମର ଜୀବନ ଉତ୍ତେଜନାରେ ପରିପୂର୍ଣ୍ଣ ହେବ ନାହିଁ। ଅର୍ଥାତ୍ ଯିଏ ଯେଉଁପରି ସିଏ ସେପରି, ଚନ୍ଦ୍ର ଆକାଶରେ ଉଚ୍ଚରେ ଅଛି, ପୃଥିବୀରେ ଘାସ ତଳେ ଉଠୁଛି, ସେହିପରି ଆମକୁ ଜୀବନରେ ପାର୍ଥକ୍ୟ ଗ୍ରହଣ କରିବାକୁ ଶିଖିବା ଉଚିତ୍ । ଆମ ଉତ୍ତେଜନାର କାରଣ ହେଉଛି ଅନାବଶ୍ୟକ ପ୍ରତିଯୋଗିତା। ପ୍ରତିଯୋଗିତା ଏବଂ ତୁଳନା ଏକ ମୂଷା ଦୌଡ଼। ଯଦିଓ ଆମେ ଏହି ମୂଷା ଦୌଡ଼ରେ ଜିତିବା, ତେବେ ମୂଷା ହୋଇ ରହିଯିବା। ପ୍ରତିଯୋଗିତା ଏବଂ ଅନାବଶ୍ୟକ ତୁଳନାର ମୂଷା ଦୌଡ଼ରେ ନିଜକୁ ହରାଇ ବସିବା ନାହିଁ ।

# ଭାରତୀୟ ଜନଗଣନା-୨୦୨୭



ଡକ୍ଟର ଅଭୟ ନାରାୟଣ ନାୟକ

**ଭା**ରତୀୟ ଜନଗଣନା-୨୦୨୭, ୧ ଏପ୍ରିଲ ୨୦୨୬ ତାରିଖରୁ ଆରମ୍ଭ ହୋଇଯାଇଛି। ଏହା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟ ହେଲା, ଗୃହ ଗଣନା ଓ ଗୃହତାଲିକା ପ୍ରସ୍ତୁତି ଏବଂ ଦ୍ୱିତୀୟ ପର୍ଯ୍ୟାୟଟି ହେଲା, ଜନଗଣନା। ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟର ଜନଗଣନା ଏପ୍ରିଲ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଗୃହଗଣନା କାର୍ଯ୍ୟକ୍ରମର ସ୍ୱଗଣନାର ପ୍ରାବଧାନ ରହିଛି। ସ୍ୱଗଣନା ପର୍ଯ୍ୟାୟରେ ଓଡ଼ିଶାର ସାଧାରଣ ନାଗରିକ ନିଜ ନିଜର ଗୃହଗଣନା ତଥ୍ୟ ନିଜେ ପ୍ରଦାନ କରି ପାରିବେ। ଯେଉଁମାନେ ସ୍ୱଗଣନାରେ ତଥ୍ୟ ପ୍ରଦାନ କରିବେ ସେମାନଙ୍କ ତଥ୍ୟ ଗଣନାକାରୀ ଯେତେବେଳେ ସେମାନଙ୍କ ଗୃହକୁ ତଥ୍ୟ ସଂଗ୍ରହ ସକାଶେ ପରିଦର୍ଶନ କରିବେ, ସେହି ସମୟରେ ତାଲିମ୍‌ପ୍ରାପ୍ତ ଗଣନାକାରୀ ସେହି ଗୃହର ସଦସ୍ୟଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟକୁ ମୋବାଇଲ ଆପ୍ ମାଧ୍ୟମରେ ଯାଞ୍ଚ କରିବେ। ଯଦି ତଥ୍ୟରେ କିଛି ପରିବର୍ତ୍ତନର ଆବଶ୍ୟକତା ଥାଏ ତେବେ ତାହା ପରିବର୍ତ୍ତନ କରି ସେ ତଥ୍ୟକୁ ନିଶ୍ଚିତ କରିବା ପରେ ଆପ୍ ମାଧ୍ୟମରେ ଦାଖଲ କରିବେ।

ଯଦି ଗୃହର ମୁଖ୍ୟ ବା କୌଣସି ସଦସ୍ୟ/ସଦସ୍ୟା ସ୍ୱଗଣନା ପୋର୍ଟାଲରେ ତଥ୍ୟ ପ୍ରଦାନ କରିନାହାନ୍ତି ତେବେ ଗଣନାକାରୀ ନିଜେ ପରିବାରର ମୁଖ୍ୟଙ୍କୁ ୩୩ଟି ପ୍ରଶ୍ନ ପଚାରିବେ ଏବଂ ଆପ୍ ମାଧ୍ୟମରେ ତଥ୍ୟ ଗୁଡିକ ପୂରଣ କରି ଦାଖଲ କରିବେ। ଓଡ଼ିଶାରେ ଏପ୍ରିଲ ୧ ତାରିଖରୁ ୧୫ ଏପ୍ରିଲ ତାରିଖ ମଧ୍ୟରାତ୍ର ୧୨.୦୦ ପର୍ଯ୍ୟନ୍ତ ପୋର୍ଟାଲରେ ଯେକୌଣସି ବ୍ୟକ୍ତି ନିଜର ସ୍ୱଗଣନା ମାଧ୍ୟମରେ ଗୃହଗଣନା ଏବଂ ଗୃହ ତାଲିକାର ତଥ୍ୟ ପ୍ରଦାନ କରି ପାରିବେ। ଏହି ପ୍ରକ୍ରିୟା ଅଧୁନା ଜାରି ରହିଛି। ଏପ୍ରିଲ ୧୫ତାରିଖ ମଧ୍ୟରାତ୍ରିପରେ ସ୍ୱଗଣନା ପୋର୍ଟାଲ ବନ୍ଦ ହୋଇଯିବ ଏବଂ ଏହାପରେ କୌଣସି ବ୍ୟକ୍ତି ଓଡ଼ିଶାରେ ସ୍ୱଗଣନା ପୋର୍ଟାଲରେ ତଥ୍ୟ ପ୍ରଦାନ କରିପାରିବେ ନାହିଁ। ଏପ୍ରିଲ ୧୫ ମଧ୍ୟରାତ୍ରି ପରେ ତାଲିମପ୍ରାପ୍ତ ଗଣନାକାରୀ ଆପଣମାନଙ୍କ ଘରକୁ ଘର ବୁଲି ମେ ୧୫ ତାରିଖ ପର୍ଯ୍ୟନ୍ତ ଗୃହତାଲିକା ଓ ଗୃହ ଗଣନା ତଥ୍ୟ ସଂଗ୍ରହ କରିବେ।

ଗୃହତାଲିକା ଓ ଗୃହଗଣନା ଗଣନାକାରୀ ପଚାରିବାକୁ ଥିବା ୩୩ଟି ପ୍ରଶ୍ନ ଓଡ଼ିଶା ସରକାରଙ୍କ ରାଜପତ୍ରରେ ଫେବୃୟାରୀ ୨ ତାରିଖ ପ୍ରକାଶ ପାଇସାରିଛି। ଏହି ୩୩ଟି ପ୍ରଶ୍ନ କେବଳ ଓଡ଼ିଶାରେ ନୁହେଁ ସାରା ଭାରତ ବର୍ଷରେ ସମାନ ରହିଛି। ଏହି ୩୩ଟି ପ୍ରଶ୍ନର ଉତ୍ତର ସିଧାସଳଖ ତାଲିମପ୍ରାପ୍ତ ଗଣନାକାରୀ ପରିବାରର ମୁଖ୍ୟଙ୍କୁ ପ୍ରଶ୍ନ ପଚାରିବେ ଏବଂ ମୋବାଇଲ ଆପ୍ ମାଧ୍ୟମରେ ଉତ୍ତରଦାତା ଉତ୍ତରକୁ ରେକର୍ଡଭୁକ୍ତ କରିବେ।

ପ୍ରଥମଥର ପାଇଁ ଭାରତବର୍ଷରେ ଡିଜିଟାଲ ଜନଗଣନା ଆରମ୍ଭ ହୋଇଛି ଏବଂ ମୋବାଇଲ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଛି। ୨୦୨୦ ଗୃହଗଣନାରେ ପେପର ମୋଡ୍ ଓ ଡିଜିଟାଲ ମୋଡ୍‌ରେ ତଥ୍ୟ ସଂଗ୍ରହ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। କିନ୍ତୁ କୋଭିଡ ମହାମାରୀ ଯୋଗୁଁ ଗୃହଗଣନା କାର୍ଯ୍ୟ ସରକାର ସ୍ଥଗିତ ରଖିଥିଲେ।

ଗୃହଗଣନାରେ ସଂଗ୍ରହ କରାଯିବାକୁ ଥିବା ପ୍ରଶ୍ନ ଯାହା ଓଡ଼ିଶା ସରକାର ଓ ଭାରତ ସରକରଙ୍କ ରାଜପତ୍ରରେ ପ୍ରକାଶ ପାଇଛି ସେଗୁଡିକ ହେଲା-

୧. ବିଲ୍ଡିଂ ନମ୍ବର (ମ୍ୟୁନିସିପାଲଟି ବା ସ୍ଥାନୀୟ କର୍ତ୍ତୃପକ୍ଷ ପ୍ରଦାନ କରିଥିବା ସଂଖ୍ୟା ତଥା ଜନଗଣନା ଗଣନାକାରୀଙ୍କ ପ୍ରଦତ୍ତ ସଂଖ୍ୟା)

୨.ଜନଗଣନା ବା ସେନସସ ଗୃହ ନମ୍ବର (ଗଣନାକାରୀଙ୍କ ଦ୍ୱାରା ପ୍ରଦତ୍ତ ସଂଖ୍ୟା)।

୩. ଜନଗଣନା ଗୃହଟିର ଚଟାଣର ମୁଖ୍ୟ ଉପାଦାନ ।

୪. ଜନଗଣନା ଗୃହଟିର କାନ୍ଥର ମୁଖ୍ୟ ଉପାଦାନ।

୫. ଜନଗଣନା ଗୃହଟିର ଛାତର ମୁଖ୍ୟ ଉପାଦାନ।

୬. ଜନଗଣନା ଗୃହଟିର ବ୍ୟବହାର ।

୭. ଜନଗଣନା ଗୃହଟିର ଅବସ୍ଥା ।

୮. ପରିବାର ସଂଖ୍ୟା।

୯. ପରିବାରରେ ବାସ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା।

୧୦. ପରିବାରର ମୁଖ୍ୟଙ୍କ ନାମ ।

## ଗୃହଗଣନା ଓ ଗୃହତାଲିକା -୨୦୨୬

୧୧. ପରିବାରର ମୁଖ୍ୟଙ୍କ ଲିଙ୍ଗ।

୧୨. ପରିବାରର ମୁଖ୍ୟ ଅନୁସୂଚିତ ଜାତି ବା ଜନଜାତିର ସଦସ୍ୟ ବା ଅନ୍ୟ ବର୍ଗର ଅନ୍ତର୍ଭୁକ୍ତ।

୧୩. ଜନଗଣନା ଗୃହର ମାଲିକାନା ସ୍ୱତ୍ତ୍ୱ ।

୧୪. ପରିବାର ଦ୍ୱାରା ଅଧିକୃତ ଥିବା ବସବାସ କୋଠାରୀ।

୧୫. ପରିବାରରେ ବାସ କରୁଥିବା ବିବାହିତ ଦମ୍ପତିଙ୍କ ସଂଖ୍ୟା।

୧୬. ପାନୀୟ ଜଳର ପ୍ରଧାନ ଉତ୍ସ।

୧୭. ପାନୀୟ ଜଳ ଉତ୍ସର ସୁବିଧା।

୧୮. ଆଲୋକର ପ୍ରଧାନ ଉତ୍ସ।

୧୯. ପାଇଖାନାର ସୁବିଧା।

୨୦. ପାଇଖାନାର ପ୍ରକାର।

୨୧. ମଇଳାପାଣି ନିଷ୍କାସନ ବ୍ୟବସ୍ଥା କାହା ସହିତ ସଂଯୁକ୍ତ।

୨୨. ପରିସର ମଧ୍ୟରେ ଗାଧୋଇବାର ସୁବିଧା।

୨୩. ରୋଷେଇ ଘର ସୁବିଧା ଏବଂ ଏଲ୍‌ପିଜି / ସିଏନ୍‌ଜି ସଂଯୋଗ।

୨୪. ରୋଷେଇ ଲାଗି ବ୍ୟବହୃତ ପ୍ରଧାନ ଜାଳେଣି।

୨୫. ରେଡିଓ/ଟ୍ରାଞ୍ଜିଷ୍ଟର।

୨୬. ଟେଲିଭିଜନ।

୨୭. ଇଣ୍ଟରନେଟର ଉପଲବ୍ଧତା /ସୁବିଧା।

୨୮. ଲାପଟପ/ କମ୍ପ୍ୟୁଟର।

୨୯. ଟେଲିଫୋନ ଏବଂ ମୋବାଇଲ ଫୋନ/ ସ୍ମାର୍ଟ ଫୋନ।

୩୦. ବାଇସାଇକେଲ ଏବଂ ସ୍କୁଟର/ ମୋଟର ସାଇକେଲ / ମୋପେଡ।

୩୧. କାର/ ଜିପ୍/ ଭ୍ୟାନ।

୩୨. ପରିବାରରେ ବ୍ୟବହୃତ ପ୍ରଧାନ ଖାଦ୍ୟଶସ୍ୟ।

ଏବଂ ଗଣନାକାରୀ ପରିଶେଷରେ ମୋବାଇଲ ନମ୍ବର ଯାହା କେବଳ ଜନଗଣନା ସମ୍ପର୍କିତ ଯୋଗାଯୋଗ ନିମନ୍ତେ ବ୍ୟବହାର ହେବ ତାହା ପଚାରିବେ।

ଜନଗଣନା ତଥ୍ୟ ୨୦୧୧ ମସିହା ପରେ ୧୫ ବର୍ଷପରେ ଏହା ଭାରତ ସରକାରଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ ସମ୍ପାଦିତ ହେଉଛି। ଏହି ଜନଗଣନା ନିଶ୍ଚୟ ଏକ ବୃହତ ଜନଗଣନା ଯାହା ଡିଜିଟାଲ ମାଧ୍ୟମରେ ଅନୁଷ୍ଠିତ ପ୍ରଥମ ଥର ପାଇଁ କାର୍ଯ୍ୟାନ୍ୱୟନ ହେଉଛି ବା କାର୍ଯ୍ୟକାରୀ ହେଉଛି। ଏହି ଜାତୀୟ କାର୍ଯ୍ୟକ୍ରମରେ ସହୃଦୟତାର ସହ ତଥ୍ୟ ପ୍ରଦାନ କରିବାକୁ ଓଡ଼ିଶାର ଜନସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ନିବେଦନ କରାଯିବା ସହ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ସକାଶେ ପର୍ଯ୍ୟାପ୍ତ ପ୍ରାବଧାନ ପ୍ରସ୍ତୁତ କରି ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି।

(ଆକାଶବାଣୀ କଟକ ସୌଜନ୍ୟରୁ ପ୍ରଚାରିତ)

ଯୁଗ୍ମ ନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ-୯, ଜନପଥ, ଭୁବନେଶ୍ୱର-୨୨
ମୋ : ୯୪୩୭୮୯୨୫୪୦

# କାରଖାନା ଆସିଲା, କିନ୍ତୁ କାର୍ଯ୍ୟାଳୟ କାହିଁକି ନୁହେଁ ?

ମନସିଜ୍ ଦାସ

**ପ୍ରା**କୃତିକ ବିଭବ ଓ ଖଣିଜ ସମ୍ପଦ ଭରା ଓଡ଼ିଶା ଆଜି ବିଶ୍ୱ ଶିଳ୍ପ ମାନଚିତ୍ରରେ ଏକ ସୁଦୃଢ଼ କ୍ଷେତ୍ର ଭାବେ ପରିଚିତ ଓ ଗର୍ବିତ ମଧ୍ୟ। ଓଡ଼ିଶାକୁ ଅନେକ ନାମୀ ଓ ବହୁ ରାଷ୍ଟ୍ରୀୟ କମ୍ପାନୀ ବ୍ୟାପକ ପୁଞ୍ଜି ନିବେଶ ପାଇଁ ଆଗ୍ରହ ରଖିବା ପଛରେ ବଡ଼ କାରଣ ହେଉଛି ଖଣିଜ ସମ୍ପଦ, ଜମିର ଉପଲବ୍ଧତା ଓ ନୀତିଗତ ସହଜତା। ଇସ୍ପାତ ଠାରୁ ଆଲୁମୁନିୟମ ପର୍ଯ୍ୟନ୍ତ ଓଡ଼ିଶା ଉତ୍ପାଦନର ଏକ ମୁଖ୍ୟ କେନ୍ଦ୍ରରେ ପରିଣତ ହୋଇଛି। ଓଡ଼ିଶା ପ୍ରଗତିରେ ଆଗେଇବ, ବ୍ୟାପକ କର୍ମ ସଂସ୍ଥାନ ସୃଷ୍ଟି ହେବ, ସ୍ଥାନୀୟ ଉଦ୍ୟୋଗୀ କାମଧନ୍ଦା ପାଇବେ, ମେହନତି ସ୍ଥାନୀୟ ଶ୍ରମ ଶକ୍ତି ଭଲ ଦି' ପଇସା ପାଇବେ। ସ୍ଥାନୀୟ ସ୍ୱୟଂ ସହାୟକ ସଂଗଠନମାନେ ନିଜ ସାମଗ୍ରୀ ଆଗେଇବାର ସହଜ ସୋପାନଟିଏ ଦେଖିବେ ଏହି କ୍ଷେତ୍ରରୁ, କିନ୍ତୁ ଏ ସବୁ ପଛରେ ଆମ ଭିତରେ ଏକ ଛୋଟିଆ ଅଥଚ ନିରବ ପ୍ରଶ୍ନଟି ଆନ୍ଦୋଳିତ କରୁଛି। ପୁଞ୍ଜିନିବେଶ ଆସିଲା, ବିଶାଳ ବିସ୍ତୀର୍ଣ୍ଣ କାରଖାନା ବା ଉଦ୍ୟୋଗର ସଂପ୍ରସାରିତ ଶାଖା ଗଢ଼ି ଉଠିଲା, କିନ୍ତୁ 'କାର୍ଯ୍ୟାଳୟ' କାହିଁକି ନୁହେଁ?

ଓଡ଼ିଶାରେ ବ୍ୟାପକ ଉତ୍ପାଦନ ହେଉଛି। ଓଡ଼ିଶାରୁ ସବୁକିଛି ପରିଚାଳନା ଓ କାର୍ଯ୍ୟାନ୍ୱୟନ ହେଉଥିବାବେଳେ ଶୀତ ତାପ ନିୟନ୍ତ୍ରିତ କୋଠରୀ ଭିତରୁ ସୁଦୂର ରାଜଧାନୀ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ କିମ୍ବା ଅନ୍ୟ ସ୍ଥାନରୁ ନିଆଯାଉଛି। ଏହାର ଛୋଟିଆ ଅର୍ଥଟି ହେଉଛି, ମୂଲ୍ୟ ସୃଷ୍ଟିର ସର୍ବାଧିକ ଅଂଶ ରାଜ୍ୟ ବାହାରେ ରହି ଯାଉଛି। ଆମ ଓଡ଼ିଆ ପିଲାମାନେ ଢେର ପଢୁଆ, ଗବେଷଣା କ୍ଷେତ୍ରରେ ନିରନ୍ତର ଉଦ୍ୟମ ଜାରି ରଖିବା ସହ ବିଶ୍ୱର ଅନେକ ନାମୀଦାମୀ କମ୍ପାନୀରେ ଓଡ଼ିଶାର ଗୌରବ ବଢ଼ାଉଛନ୍ତି। କିନ୍ତୁ କଷ୍ଟକର କଥା, ଉଚ୍ଚପଦବୀ, ଉଚ୍ଚ ଦରମା ଓ ନୀତି ନିର୍ଦ୍ଧାରଣର ସୁଯୋଗ ଓଡ଼ିଶାର ଯୁବକମାନଙ୍କ ପାଖକୁ ଆସୁନାହିଁ। ଓଡ଼ିଆ ପିଲାଙ୍କ ଢ଼େର ପ୍ରତିଭା ଥିଲେ ମଧ୍ୟ ଓଡ଼ିଶାରେ ଗଢ଼ି ଉଠୁଥିବା ଉଦ୍ୟୋଗରେ ସେମାନଙ୍କ ଅଧ୍ୟବସାୟ, ନିଷ୍ଠା ଓ କଠୋର ପରିଶ୍ରମ ଓ ଅନୁଷ୍ଠାନ ପ୍ରତି ସମର୍ପଣ ଭାବନାକୁ ନା ଦିଆଯାଉଛି ସୁଯୋଗ ନା ମୂଲ୍ୟାୟନ! ଏହା ହିଁ ଏକ ନିଷ୍ଠୁର ସତ୍ୟ। କହିବାକୁ ଗଲେ ଆମେ ଏଯାବତ୍ 'ପ୍ରଡକ୍ସନ ବେସ' ହିସାବରେ ଦେଖାଯାଉଛୁ କିନ୍ତୁ 'ଡିସିସନ ସେୟାର' ଭାବେ ନୁହେଁ। ଏହା ପଛର କାରଣ ଢେର। ଆମ ଓଡ଼ିଆ ଯୁବକଙ୍କର ଖାଲି ଯେ ସ୍ୱପ୍ନ ରହିଛି ତାହା ନୁହେଁ ସେମାନେ କଠୋର ଅଧ୍ୟବସାୟ ଓ ପରିଶ୍ରମ ଆକାଂକ୍ଷୀ। ଆକାଂକ୍ଷା ଓ ସୁଯୋଗ ଭିତରେ ଥିବା ମାର୍ଜିନ ଶିକ୍ଷାର ସଂଖ୍ୟା ବଢ଼ାଉଛି। ଅନ୍ୟ ପଟରେ କ୍ୟାରିୟର ସୁଯୋଗ ଅପେକ୍ଷାକୃତ ଭାବେ କମ୍। ଯାହା ଅନେକ ମେଧାବୀ ଯୁବକଙ୍କୁ ସ୍ୱପ୍ନ ସାକାର କରିବା ପାଇଁ ପ୍ରବାସର ବାଟ ଦେଖାଉଛି। ଏହାର ପରିଣତି ସ୍ୱରୂପ ଓଡ଼ିଶାର ଅର୍ଥନୀତ 'ମାଇଗ୍ରେସନ ଡ୍ରିଭନ୍' ମଡ଼େଲରେ ନିର୍ଭରଶୀଳ ହେଉଛି।

ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପ୍ରାକୃତିକ ସମ୍ବଳଭରା ଓଡ଼ିଶା କ'ଣ କେବଳ ଉତ୍ପାଦନରେ ନିଜକୁ ସୀମିତ ରଖିବ ନା ମୂଲ୍ୟ ସୃଷ୍ଟିର ସମ୍ପୂର୍ଣ୍ଣ ଶୃଙ୍ଖଳାରେ ନିଜ ସ୍ଥାନ ସୁନିଶ୍ଚିତ ଓ ମଜଭୁତ କରିବ। ଏଥିପାଇଁ ଓଡ଼ିଶାରେ କେବଳ କାରଖାନା ଗଢ଼ି ଉଠିଲେ ହେବନାହିଁ। କାର୍ଯ୍ୟାଳୟ ମଧ୍ୟ ଓଡ଼ିଶା ଆସୁ। ଓଡ଼ିଶା ବିକଶିତ ଓ ଅଭିବୃଦ୍ଧି ସମ୍ପନ୍ନ ନୂଆ ଓଡ଼ିଶା ଭାବେ ଗଢ଼ି ଉଠିବାକୁ ନୀଳ ନକ୍ସା ପ୍ରସ୍ତୁତ କରୁଥିବା ବେଳେ ବିଶେଷକରି ଆଇଟି ଓ ସର୍ଭିସ ସେକ୍ଟରରେ ଆକ୍ରମକ ନିବେଶ, ଷ୍ଟାଟସ ପରିବେଶକୁ ଶକ୍ତ ଓ ଉନ୍ନତ କରିବା ନିମିତ୍ତ ଗୁରୁତ୍ୱ ପ୍ରଦାନର ସ୍ପଷ୍ଟ ସନ୍ଦେଶ ରହୁ। ଓଡ଼ିଶା କେବଳ କାରଖାନାର ଏକ ଭୂମି ନୁହେଁ ଏହା ନେତୃତ୍ୱର ମଧ୍ୟ ଏକ ଉତ୍କୃଷ୍ଟ ଓ ପ୍ରଭାବୀ ସଶକ୍ତ କେନ୍ଦ୍ର । ଏହି ମନ୍ତ୍ର ସମସ୍ତଙ୍କୁ ବୁଝାଇବା ଦରକାର। ଉନ୍ନତିର ମାନଦଣ୍ଡ ପୂରଣ ନିମି କାରଖାନାର ସଂଖ୍ୟା ବଢ଼ିବା ସହ ସୁଯୋଗର ଗୁରୁତ୍ୱ ମଧ୍ୟ ଅନେକ।

ଓଡ଼ିଶାର ବିକାଶ ପାଇଁ ଅନେକ ସରକାରୀ ଯୋଜନା ଲୋକପ୍ରିୟ ହେଉଛି। ବ୍ୟାପକ ପୁଞ୍ଜିନିବେଶ ବିକଶିତ ଓଡ଼ିଶାକୁ ଆହୁରି ଆଗେଇ ନେବ ନିଶ୍ଚୟ। ସୂଚନାଯୋଗ୍ୟ, ଭାରତକୁ ଏକ ପୂର୍ଣ୍ଣ ବିକଶିତ, ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦୀ ଏବଂ ଅନ୍ତର୍ଭୁକ୍ତି ଅର୍ଥନୀତିରେ ପରିଣତ କରିବାପାଇଁ ସରକାର 'ବିକଶିତ ଭାରତ-୨୦୪୭'ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବାବେଳେ 'ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭' ପ୍ରସ୍ତୁତ ହୋଇଛି। ସ୍ୱାଧୀନତାର ଶହେ ବର୍ଷ ପୂରଣ କଲାବେଳେ ସରକାର ୬ଟି ନୀତିକୁ ଗୁରୁତ୍ୱ ଦେଇଛନ୍ତି। ସେଗୁଡ଼ିକ ହେଲା- ଲୋକ ଆଧାରିତ ବିକାଶ, ଗ୍ରାମ ସଶକ୍ତିକରଣ, ଅନ୍ତର୍ଭୁକ୍ତି ଅଭିବୃଦ୍ଧି, ପ୍ରଯୁକ୍ତି ବିଦ୍ୟାରେ ଉନ୍ନତି, ସାଂସ୍କୃତିକ ଅସ୍ମିତା ଓ ଦାୟିତ୍ୱପୂର୍ଣ୍ଣ ଶାସନ। ଓଡ଼ିଶା ବିକାଶ ଓ ନବ ସୃଜନ କ୍ଷେତ୍ରରେ ଆଜି ଗର୍ବ କରିବା ଭଳି ସ୍ଥିତିରେ ପହଞ୍ଚିବା ପାଇଁ ଆହୁରି କଠିନ ପରିଶ୍ରମ ଦରକାର। ଭାରତ ଓ ଓଡ଼ିଶା ପୂର୍ଣ୍ଣ ବିକଶିତ କ୍ଷେତ୍ରକୁ ଗୁରୁତ୍ୱ ଦେବା ଅବଶ୍ୟକ। ଓଡ଼ିଶାର ଦ୍ରୁତ ଶିଳ୍ପାୟନରେ ଉଦ୍ୟୋଗର ନବ କାର୍ଯ୍ୟାଳୟଗୁଡ଼ିକ କେବଳ ଯୁବଶକ୍ତି ପାଇଁ ନୁହ, ପର୍ଯ୍ୟଟନ ବିକାଶ ଠାରୁ ଆର୍ଥିକ ଅଭିବୃଦ୍ଧି, ସବୁଜ ଶକ୍ତିର ଶ୍ରମ ଠାରୁ କୃଷିର ଆଧୁନିକକରଣ, ପରିବହନ ଓ ଲଜିଷ୍ଟିକ୍ସରେ ଉନ୍ନତି ଠାରୁ ଉଚ୍ଚତର ସ୍ୱାସ୍ଥ୍ୟ ସେବା, ଡିଜିଟାଲ ସେବା ଆଦିର ବିକାଶ ନୀଳ ନକ୍ସା ମଧ୍ୟରେ ଅନ୍ତର୍ଭୁକ୍ତ ହେବା ବାଞ୍ଛନୀୟ।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ
ଗୁରୁଗ୍ରାମ, ହରିୟାନ

# ପ୍ରେମର ଅନ୍ଧଗଳିରେ ଆଜିର ଯୁବପିଢ଼ି



ଅଖିଳ ତରାଇ

**ଭା**ରତୀୟ ସଂସ୍କୃତି ଓ ସଭ୍ୟତାରେ ପରିବାର ହେଉଛି ସମାଜର ମୂଳଦୁଆ ଏବଂ ବାପା-ମାଆ ହେଉଛନ୍ତି ସେହି ପରିବାରର ଶକ୍ତିଶାଳୀ ବଟବୃକ୍ଷ। କିନ୍ତୁ ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଏହି ପାରିବାରିକ ମୂଲ୍ୟବୋଧ କ୍ଷୟ ହେବାରେ ଲାଗିଛି। ବିଶେଷକରି ଶିକ୍ଷା, ସ୍ୱାଧୀନତା ଓ ଆଧୁନିକତାର ଦୁହାଇ ଦେଇ ଆଜିର ଯୁବପିଢ଼ି ବାପାମାଆଙ୍କ ଅନୁମତି ବିନା ବିବାହ କରିବାକୁ ନିଜର ବ୍ୟକ୍ତିଗତ ଅଧିକାର ଭାବେ ଗ୍ରହଣ କରି ନେଲେଣି। ଯେଉଁ ବୟସରେ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ କରି ଏକ ସୁଦୃଢ଼ କ୍ୟାରିଅର ଗଢ଼ିବା କଥା, ସେହି ବୟସରେ ଅନେକ ପୁଅଝିଅ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଘର ଛାଡ଼ିବା ଏବଂ ନିଜ ଇଚ୍ଛାରେ ବିବାହ କରିବା ଏବେ ଏକ ସାମାଜିକ ବ୍ୟାଧି ବା ମହାମାରୀ ଭଳି ରୂପ ଧାରଣ କଲାଣି। ଏହା ଏକ ହସଖୁସିର ପରିବାରକୁ ଦୁଃଖ ସାଗରରେ ଭସାଇ ଦେଉଥିବା କଠୋର ବାସ୍ତବତା।

ସନ୍ତାନକୁ ମଣିଷ କରିବା ପାଇଁ ବାପାମାଆ ନିଜ ଜୀବନର ସମସ୍ତ ସୁଖ, ସ୍ୱପ୍ନ ଓ ସାମର୍ଥ୍ୟକୁ ବଳି ଦେଇଥାନ୍ତି। ପିଲାଟିଏ ଜନ୍ମ ହେବା ପରଠାରୁ ତା'ର ପ୍ରତିଟି ପାହାଚରେ ବାପାମାଆଙ୍କ ଆଶୀର୍ବାଦ ଓ ସୁରକ୍ଷା ରହିଥାଏ। ଖାଇବା, ପିଇବା, ସ୍ୱାସ୍ଥ୍ୟ ଓ ଭଲ ସ୍କୁଲ କଲେଜରେ ଶିକ୍ଷାଦାନ ପାଇଁ ସେମାନେ ଦିନରାତି ଏକ କରନ୍ତି। ନିଜର ଆବଶ୍ୟକତାକୁ ମାରି ସନ୍ତାନର ଅଳି ଅର୍ଦ୍ଦଳି ପୂରଣ କରନ୍ତି। କିନ୍ତୁ ସେହି ସନ୍ତାନ ଯେତେବେଳେ ଉଚ୍ଚଶିକ୍ଷିତ ହୁଏ, ସେ ନିଜକୁ ସମାଜର ସବୁଠାରୁ ବୁଦ୍ଧିମାନ ଓ 'ସ୍ମାର୍ଟ' ବୋଲି ଭାବିବାକୁ ଲାଗେ। ଏହି ଶିକ୍ଷିତ ହେବାର ଅହଙ୍କାରରେ ସେ ଜନ୍ମଦାତାଙ୍କୁ ଅବଜ୍ଞା କରେ। ସେ ଭୁଲିଯାଏ ଯେ, ତା'ର ଏହି ଶିକ୍ଷିତ ମସ୍ତିଷ୍କ ପଛରେ ସେହି ଅଳ୍ପ ଶିକ୍ଷିତ ବାପା-ମାଆଙ୍କର ବର୍ଷ ବର୍ଷର ରକ୍ତ, ଝାଳବୁହା ପରିଶ୍ରମ ଲୁଚି ରହିଛି। ପ୍ରେମର ମାୟାଜାଲରେ ପଡ଼ି ପିଲାମାନେ ଗୁରୁଜନଙ୍କୁ ତୁଚ୍ଛ ମଣନ୍ତି।

କମ ବୟସରେ ହେଉଥିବା ପ୍ରେମ ପ୍ରାୟତଃ ଶାରୀରିକ ଆକର୍ଷଣ ବା ମାନସିକ ଆବେଗ ଉପରେ ପର୍ଯ୍ୟବସିତ ଥାଏ। ଏହି ସମୟରେ ମସ୍ତିଷ୍କରେ ଭବିଷ୍ୟତର ବାସ୍ତବତା ଅପେକ୍ଷା ବର୍ତ୍ତମାନର ରୋମାଞ୍ଚ ଅଧିକ ପ୍ରଭାବଶାଳୀ ହୁଏ। ଯୁବପିଢ଼ି ଭାବନ୍ତି ଯେ ବାପାମାଆ ସେମାନଙ୍କ ଖୁସିର ଶତ୍ରୁ ଏବଂ ସେମାନେ ପ୍ରେମର ମର୍ମ ବୁଝିପାରୁ ନାହାନ୍ତି। ବାସ୍ତବରେ ବାପମାଆଙ୍କର ପ୍ରତିବନ୍ଧକ ପଛରେ ସନ୍ତାନର ଜୀବନ ସାରା ସୁରକ୍ଷା ଓ ସମ୍ମାନ ଲୁଚି ରହିଥାଏ। ଦେଖାଯାଉଛି ଯେ ବାପାମାଆଙ୍କୁ ଦୁଃଖ ଦେଇ ହୋଇଥିବା ଅଧିକାଂଶ ବିବାହ କିଛି ବର୍ଷ ପରେ ପାରିବାରିକ କଳହ, ଆର୍ଥିକ ଅଭାବ ଏବଂ ପାରସ୍ପରିକ ଅବିଶ୍ୱାସ ଯୋଗୁଁ ଭାଙ୍ଗିଯାଏ। ବାପାମାଆ ନିଜ ଜୀବନର ଅନୁଭୂତିରୁ ଜାଣନ୍ତି ଯେ କେବଳ ଭଲ ପାଇବା ପେଟ ଭରେ ନାହିଁ କିମ୍ବା ସମାଜରେ ମୁଣ୍ଡ ଟେକି ଚାଲିବାରେ ସାହାଯ୍ୟ କରେ ନାହିଁ। ଆଜିକାଲି ସୋସିଆଲ୍ ମିଡିଆ ଓ ଚଳଚ୍ଚିତ୍ରର ପ୍ରଭାବରେ ଯୁବପିଢ଼ି ବିବାହକୁ ଏକ ଖେଳ ଘର ଭଳି ମନେ କରୁଛନ୍ତି। ସୋସିଆଲ ମିଡ଼ିଆ ମାଧ୍ୟମରେ ସମ୍ପର୍କ ସ୍ଥାପନା କରି ମାତ୍ର କେଇ ଦିନରେ 'ପ୍ରେମ' ର ନାମ ଦେଇ ଘର ଛାଡ଼ି ପଳାଇବା ସାଧାରଣ ହୋଇଗଲାଣି। ଶିକ୍ଷାଗତ ଯୋଗ୍ୟତା ହାସଲ ପୂର୍ବରୁ ଏବଂ ଆର୍ଥିକ ସ୍ୱାବଲମ୍ବୀ ହେବା ଆଗରୁ ଏଭଳି ପଦକ୍ଷେପ ନେବା ଦ୍ୱାରା ସେମାନେ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରନ୍ତି। ବାପାମାଆ ଯେଉଁ ସ୍ୱପ୍ନ ଦେଖିଥିଲେ ଯେ ତାଙ୍କ ପୁଅ ବା ଝିଅ ବଡ଼ ଅଫିସର ହେବେ, ସେହି ସ୍ୱପ୍ନ ନିମିଷକ ମଧ୍ୟରେ ଧୂଳିସାତ୍ ହୋଇଯାଏ।

ଜଣେ ସନ୍ତାନ ଯେତେବେଳେ ବାପା-ମାଆଙ୍କ ଅନୁମତି ବିନା ଘର ଛାଡ଼ି ପଳାଏ, ସେତେବେଳେ ସେ କେବଳ ଘର ଛାଡ଼େ ନାହିଁ, ବରଂ ବାପାମାଆଙ୍କ ସାମାଜିକ ପ୍ରତିଷ୍ଠାକୁ ମଧ୍ୟ ନଷ୍ଟ କରିଦିଏ। ସମାଜରେ ବାପାମାଆ ମୁଣ୍ଡ ଟେକି ଚାଲିପାରନ୍ତି ନାହିଁ। ପଡ଼ୋଶୀ ଓ ସମ୍ପର୍କୀୟଙ୍କ ଆକ୍ଷେପ ମାନସିକ ସ୍ତରରେ ସେମାନଙ୍କୁ ଦୁର୍ବଳ କରିଦିଏ। ଅନେକ କ୍ଷେତ୍ରରେ ବାପାମାଆ ଅପମାନ ସହି ନ ପାରି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ମଧ୍ୟ ନିଅନ୍ତି। ପିଲାମାନେ ଭାବନ୍ତି ସେମାନେ ଖୁସିରେ ଅଛନ୍ତି, କିନ୍ତୁ ସେହି ଖୁସି ପଛରେ ବାପାମାଆଙ୍କ କୋହଭରା ଆଖିର ଲୁହ ଲୁଚି ରହିଥାଏ। ଏଥିରେ ସନ୍ଦେହ ନାହିଁ ଯେ ସବୁ କ୍ଷେତ୍ରରେ ପିଲାମାନେ ଭୁଲ ନ ଥାନ୍ତି। କେତେକ କ୍ଷେତ୍ରରେ ବାପାମାଆଙ୍କ ଅତ୍ୟଧିକ କଠୋର ଶାସନ ଏବଂ ପିଲାଙ୍କ ମନ କଥା ନ ବୁଝିବାର ମନୋଭାବ ସେମାନଙ୍କୁ ଦୂରେଇ ନିଏ। ଆଜିର ପିଢ଼ିକୁ କେବଳ ଉପଦେଶ ନୁହେଁ, ବନ୍ଧୁତ୍ୱର ଆବଶ୍ୟକତା ରହିଛି। ଯଦି ବାପାମାଆ ନିଜ ସନ୍ତାନ ସହ ଖୋଲାଖୋଲି ଆଲୋଚନା କରନ୍ତେ ଏବଂ ସେମାନଙ୍କ ପସନ୍ଦକୁ ସମ୍ମାନ ଦେଇ ଠିକ୍ ଭୁଲର ବିଚାର ଶିଖାନ୍ତେ, ତେବେ ହୁଏତ ସମସ୍ୟା ଏତେ ଜଟିଳ ହୁଅନ୍ତା ନାହିଁ।

ଏହି ସାମାଜିକ ବ୍ୟାଧିକୁ ରୋକିବା ପାଇଁ ପାରସ୍ପରିକ ବିଶ୍ୱାସ ହିଁ ଏକମାତ୍ର ପନ୍ଥା। ପୁଅଝିଅମାନେ ନିଜର ପ୍ରତିଟି କଥା ବାପାମାଆଙ୍କ ସହ ସେୟାର କରିବା ଉଚିତ। ପଢ଼ିବା ବୟସରେ ପ୍ରେମ ଅପେକ୍ଷା କ୍ୟାରିଅର ପ୍ରତି ଧ୍ୟାନ ଦେବା ଉଚିତ। ନିଜ ଗୋଡ଼ରେ ଠିଆ ହେବା ପରେ ବିବାହର ନିଷ୍ପତ୍ତି ନେଲେ ବାପାମାଆଙ୍କର ମଧ୍ୟ ଆପତ୍ତି ରହିବ ନାହିଁ। ପରିବାରରେ ପିଲାଦିନୁ ସଂସ୍କାର ଓ ନୈତିକ ଶିକ୍ଷା ଦିଆଯିବା ଉଚିତ। ବିବାହ ହେଉଛି ଏକ ପବିତ୍ର ସାମାଜିକ ବନ୍ଧନ, ଯାହା ଗୁରୁଜନଙ୍କ ଆଶୀର୍ବାଦରେ ସମ୍ପନ୍ନ ହେଲେ ସ୍ୱର୍ଗୀୟ ସୁଖ ପ୍ରଦାନ କରେ। ବାପାମାଆଙ୍କ କଷ୍ଟ ଓ ସ୍ନେହକୁ ପାଦରେ ଦଳି ଦେଇ ନିଆଯାଇଥିବା ନିଷ୍ପତ୍ତି କେବେ ବି ଶୁଭଙ୍କର ହୋଇ ନ ଥାଏ। ପ୍ରେମର ଅର୍ଥ କେବଳ ଜଣେ ପୁଅ ଓ ଝିଅର ସମ୍ପର୍କ ନୁହେଁ, ବରଂ ନିଜ ପରିବାର ଓ ସେମାନଙ୍କ ସମ୍ମାନକୁ ସୁରକ୍ଷା ଦେବା ମଧ୍ୟ ଏକ ବଡ଼ ପ୍ରେମ। ସମାଜରେ ଏକ ସୁସମ୍ପର୍କ ସ୍ଥାପନ କରିବା ପାଇଁ ଯୁବ ପିଢ଼ିଙ୍କୁ ସଂଯମ ଏବଂ ବାପାମାଆଙ୍କୁ ସହାନୁଭୂତିଶୀଳ ହେବାକୁ ପଡ଼ିବ। ଯଦି ଆମେ ପରିବାରର ମୂଲ୍ୟବୋଧକୁ ବୁଝିପାରିବା ତେବେ ସମାଜରେ ଏହି ପାରିବାରିକ ବିଚ୍ଛେଦର ମହାମାରୀକୁ ରୋକାଯାଇପାରିବ ଏବଂ ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନ ହୋଇପାରିବ।

ଗଞ୍ଜାମ
ମୋ : ୭୭୮୭୦୦୧୦୦୧

# ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମରେ ସାହିତ୍ୟ ଆସର ଓ ସାରସ୍ୱତ ସମାବେଶ

ଛତ୍ରପୁର,୧୨।୪(ନି.ପ୍ର): ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶତମ୍ ଦିବସରେ ଗଞ୍ଜାମ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମରେ ସାହିତ୍ୟ ଚର୍ଚ୍ଚା, ବରପୁତ୍ରଙ୍କ ସ୍ତୁତିଚାରଣ ପୂର୍ବକ ତାଙ୍କରି ମହନୀୟ ଅବଦାନ ସମ୍ପର୍କରେ ଆଲୋଚନାଚକ୍ର, କିତା ଆସର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଜିଲ୍ଲାପରିଷଦ ଭବନର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ସାରସ୍ୱତ ସମାଶେରେ ବହୁ ଗଣ୍ୟମାନ୍ୟ ଅତିଥି ଯୋଗଦେଇ ଅବିଭକ୍ତ ଗଞ୍ଜାମର ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ସାମୁହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

ବରେଣ୍ୟ ଅତିଥି, ଆଲୋଚକ, ଗବେଷକ, ବିଦ୍ୱାନ୍ ବ୍ୟକ୍ତି ବିଶେଷ୍ୟଗଣ ଯୋଗଦେଇ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥଙ୍କ ଓଡ଼ିଆ ସାହିତ୍ୟ ଜଗତକୁ ଦେଇଥିବା ମହତ୍ତ୍ୱପୂର୍ଣ୍ଣ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ଆଲୋକପାତ କରିଥିଲେ । ଗଞ୍ଜାମ ଜିଲ୍ଲାପାଳ ଓ୍ୱି. କୀର୍ତ୍ତି ଭାସନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡିଶାର ବରପୁତ୍ରମାନଙ୍କର ତ୍ୟାଗ ଓ ତାଙ୍କରି ବଳିଷ୍ଠ ଅବଦାନ ଏବଂ ବଳିଦାନ ସମ୍ପର୍କରେ ଜିଲ୍ଲାପାଳ କୀର୍ତ୍ତି ଭାସନ ସ୍ତୁତିଚାରଣ କରିଥିଲେ । ସମ୍ମାନୀତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟ୍ଟା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତୀ ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ସାହିତ୍ୟିକ, କବି ଓ କବିୟତ୍ରୀମାନେ ଯୋଗ ଦେଇ ଓଡ଼ିଶାର ବରପୁତ୍ରମାନଙ୍କ ସ୍ତୁତିଚାରଣ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଛତ୍ରପୁର ସାହିତ୍ୟ ସଂସଦର ସଭାପତି ତଥା ଆଇନଜ୍ଞ ବ୍ରଜ ମୋହନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଓଡ଼ିଶାର ବରପୁତ୍ର ମାନଙ୍କ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସାଧନା ଓ କୃତିତ୍ୱ ବିଷୟରେ ଡ଼ଃ.ଅନନ୍ତ ରାମ କର (କୌଣ୍ଡିନ୍ୟ), କବିସୂର୍ଯ୍ୟ ବଳଦେବ ରଥଙ୍କ କବିତା ଓ ଭକ୍ତିମୟ ରଚନା ବିଷୟରେ ହରେକୃଷ୍ଣ ପଣ୍ଡା ମତବ୍ୟକ୍ତ କରିଥିଲେ। ସେହିପରି ଖଲ୍ଲିକୋଟ୍ ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ଶାସନ କାଳରେ ତାଙ୍କରି ପ୍ରଜାଙ୍କ ହିତ ସାଧନ ନିମନ୍ତେ ରହିଥିବା ବଳିଷ୍ଠ ଅବଦାନ ସମ୍ପର୍କରେ ଡ଼ଃ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତିନାରାୟଣ ଦେବ ଙ୍କ ଐତିହାସିକ ଭୂମିକା ଉପରେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ. ଅଜୟ କୁମାର ତ୍ରିପାଠୀ ସବିଶେଷ ତଥ୍ୟ ଉପରେ ତାତ୍ତ୍ୱିକ ଆଲୋଚନା ଦେଇଥିଲେ।

ସେହିପରି ସଂଗ୍ରାମୀ ଚକରା ବିଷୋୟୀ/ଦୋରା ବିଷୋୟୀଙ୍କ ବୀରତ୍ୱ ସାହସ ଓ ଦେଶପ୍ରେମ ଜାଗ୍ରତ କରିବା ଉପରେ ଡ଼ଃ. ପ୍ରଦୀପ ପଟ୍ଟନାୟକ ଓ ଜ୍ୟୋତିଷଶାସ୍ତ୍ର ବିଶାରଦ ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ଜ୍ଞାନ ଓ ସାହିତ୍ୟକୃତୀରେ ଅବଦାନ ସମ୍ପର୍କରେ ଡ଼ଃ. ଦ୍ୱାରିକାନାଥ ମହାରଣା ଉପସ୍ଥାପନା କରିଥିଲେ। ଗଞ୍ଜାମର ଇତିହାସ ଓଡ଼ିଆ ଭାଷା ଆନ୍ଦୋଳନରେ ଗଞ୍ଜାମର ଭୂମିକା ସମ୍ପର୍କରେ ପ୍ରାକ୍ତନ୍ ବିଧାୟକ ଅଶୋକ କୁମାର ଚୌଧୁରୀ ଆଲୋକପାତ କରିଥିଲେ । ଏହି ଅବସରରେ ବହୁ କବି ଓ କବିୟତ୍ରୀମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। କାହ୍ନୁ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶେଷରେ ଛତ୍ରପୁର ସାହିତ୍ୟ ସଂସଦର ସମ୍ପାଦକ ଦିଲ୍ଲୀପ କୁମାର ପଲେଇ ଧନ୍ୟବାଦ୍ ଜଣାଇଥିଲେ।

# ସୁରକ୍ଷା ବ୍ୟବସ୍ଥା ଢିଲା, ବ୍ଲକ କାର୍ଯ୍ୟାଳୟରୁ ଚୋରି

ହିଞ୍ଜିଳିକାଟୁ,୧୨।୪(ନି.ପ୍ର): ଗତ କିଛି ଦିନ ଧରି ହିଞ୍ଜିଳିକାଟୁ ଅଞ୍ଚଳରେ ଲୁଟେରାଙ୍କ ଦାଦ୍‌ଭାବ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ସଂପୃକ୍ତ ନିର୍ଦ୍ଦିଷ୍ଟ ଲୁଟେରା ଗୋଷ୍ଠୀ ସିରିଜ ଲୁଟ୍ କରି ଫେରାର ହେବାରେ ସକ୍ଷମ ହେଉଛନ୍ତି। ଦିନକୁ ଦିନ ସ୍ଥାନୀୟ ଅଞ୍ଚଳରେ ଲୁଟ୍ ବୃଦ୍ଧି ପାଉଥିବା ବେଳେ ଲୁଟେରା ଗୋଷ୍ଠୀଙ୍କୁ କାବୁ କରିବାରେ ସ୍ଥାନୀୟ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯଦ୍ଦ୍ୱାରା ପୋଲିସର ପାରିବା ପଣ ପଦାରେ ପଡ଼ିଛି। ରବିବାର ସ୍ଥାନୀୟ ପୌରାଞ୍ଚଳରେ ପଞ୍ଚୁଦଣ୍ଡ ମହାମିଳନ ଚାଲିଥିବା ବେଳେ ଲୁଟେରା ଗୋଷ୍ଠୀ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସଂଯୋଗ ଥିବା ୭ଟି




ଶୀତତାପ ନିୟନ୍ତ୍ରିତ ଯନ୍ତ୍ରରେ ସଂଯୋଗ ଥିବା ତମ୍ବା ତାର ଓ ବିଦ୍ୟୁତ୍ ତାର କାଟି ଲୁଟି ନେବାରେ ସକ୍ଷମ ହୋଇଛନ୍ତି। ସେହିପରି ରବିବାର ସ୍ଥାନୀୟ ପୌରାଞ୍ଚଳ ଲକ୍ଷ୍ମୀ ବଜାର ଏକ ଦଶମା ଦୋକାନ ସହ ପ୍ରତାପ କୁମାର ସାହୁ ଓ ବଟକୃଷ୍ଣ ସାହୁଙ୍କ ଘର ଛାତ ଉପରୁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରରେ ବ୍ୟବହୃତ ତମ୍ବା ତାର ଓ ବିଦ୍ୟୁତ୍ ତାରକୁ ଲୁଟେରା ଗୋଷ୍ଠୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଘଟଣା ନେଇ ହିଞ୍ଜିଳିକାଟୁ ବିଡ଼ିଓ ସାଗରୀକା ଷଡ଼ଙ୍ଗୀ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ବ୍ଲକ କାର୍ଯ୍ୟାଳୟ ଓ ଲକ୍ଷ୍ମୀ ବଜାର ନିକଟସ୍ଥ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଉଛି। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି ଖୁବଶୀଘ୍ର ଲୁଟେରା ଗୋଷ୍ଠୀଙ୍କୁ ଗିରଫ କରାଯିବ।

# ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭଞ୍ଜନଗର,୧୨।୪(ନି.ପ୍ର): ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅଧିନ ବେରୁଆଁବାଡି ଗାଁ ନିକଟ ରାସ୍ତା କଡ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ଜଣକ ବାଞ୍ଛା ମଲ୍ଲିକ (୬୦) ବୋଲି ଜଣାପଡିଛି। କିଭଳି ଓ କେଉଁ ପରିସ୍ଥିତିରେ ବୃଦ୍ଧଙ୍କ ମୃତ୍ୟୁ ହେଲା ଜଣା ପଡିନଥିବା ବେଳେ



ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ବାଞ୍ଛା ସୋମବାର ଠାରୁ ଘରୁ ବାହାରି କୁଆଡେ ଚାଲି ଯାଇଥିଲେ। ରବିବାର ସକାଳେ ଗାଁ ନିକଟ ରାସ୍ତା କଡରେ ଥିବା ଏକ ଗଛରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଲୋକେ ଦେଖିଥିଲେ। ପରେ ତାରସିଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛି। ଏନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ମହାତ୍ମା ଜ୍ୟୋତିବା ଫୁଲେଙ୍କ ଜୟନ୍ତୀ ପାଳିତ




କଣାସ,୧୨।୪(ନି.ପ୍ର): ଭାରତର ଜଣେ ଅଗ୍ରଣୀ ସମାଜ ସଂସ୍କାରକ, ଚିନ୍ତା ନାୟକ, ଜାତି ବ୍ୟବସ୍ଥା ଓ ଲିଙ୍ଗଗତ ବୈଷମ ବିରୁଦ୍ଧରେ ଲଢ଼ିବା ପାଇଁ ଜୀବନ ଉତ୍ସର୍ଗ କରିଥିବା ମହାତ୍ମା ଜ୍ୟୋତିରାଓ ଗୋବିନ୍ଦ ରାଓ ଫୁଲେଙ୍କ ୨୦୦ତମ ଜୟନ୍ତୀ କଣାସ ବ୍ଲକ ଚୁପୁରିଙ୍ଗି ପଞ୍ଚାୟତ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀରେ ମହାସମାରୋହରେ ପାଳିତ ହେଇଯାଇଛି । ଭାରତ ସରକାରଙ୍କ ସାମଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ଡ. ଆମ୍ବେଦକର ଫାଉଣ୍ଡେସନ ସହାୟତା ଓ ପୁରାଙ୍ଗିତ ନାରୀ ମଙ୍ଗଳ ମହିଳା ସମିତି ଆୟୋଜନରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିବାବେ ପ୍ରଧାନଶିକ୍ଷକ ବିଭୁତି ଭୁଷଣ ମହାପାତ୍ର ମୁଖ୍ୟବକ୍ତା ଭାବେ ରେଡିଓ କିଷାନର ପ୍ରତିଷ୍ଠାତା ପ୍ରଦୀପ୍ତ ଦତ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ସମିତି ସଭ୍ୟ ପ୍ରେମାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଭାରତ ବର୍ଷରେ ନାରୀ ଶିକ୍ଷା ପାଇଁ ପୁନେରେ ପ୍ରଥମ ବାଳୀକା ବିଦ୍ୟାଳୟ ଆରମ୍ଭ କରିଥିବା ଜ୍ୟୋତିବା ଫୁଲେଙ୍କ ଜିବନୀ ଦର୍ଶନ କହିବା ସହ ସେ କିପରି ସାମାଜିକ ସମାନତାକୁ ପ୍ରୋତ୍ସାହିତ କରିଥିଲେ ତାହା ବର୍ଣ୍ଣନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଛାତ୍ରଛାତ୍ରୀ ଓ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜ୍ୟୋତିବାଙ୍କ ଉପରେ ରଚିତ ପୁସ୍ତକ ଉନ୍ମୋଚିତ ହେଇଥିଲା।ସେହିପରି ଅଷ୍ଟଭୁଜା ନାଟ୍ୟ ସଂଗଠନ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ହେଇଥିଲା। ଜ୍ୟୋତିବାଙ୍କ ଉପରେ ବିଦ୍ୟାଳୟରେ କରାଯାଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସମିତିର ଗୁଣନିଧି ବରାଳ ମଂଚ ପରିଚାଳନା କରିଥିଲେ। ସମିତି ଉପଦେଷ୍ଟା ପ୍ରକାଶ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହିନ୍ଦୋଳରେ ବିଜେପିର ଗାଁକୁ ଚାଲ ଅଭିଯାନ

ହିନ୍ଦୋଳ,୧୨।୪(ନି.ପ୍ର): ହିନ୍ଦୋଳ ଉପଖଣ୍ଡର ଖରମୂଳ ଠାରେ ବିଜେପି ପକ୍ଷରୁ ଦଳର ୪୭ତମ ସ୍ଥାପନା ଦିବସ ଅବସରରେ ଗାଁକୁ ଚାଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ନଗର ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ



ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସାଧାରଣ ସଂପାଦକ ସୁଶାନ୍ତ ପତି, ଜିଲ୍ଲା ଉପସଭାପତି ସହଦେବ ପୃଷ୍ଟି , ହିନ୍ଦୋଳ ବ୍ଲକ ଉପାଧକ୍ଷ ତଥା ଜିଲ୍ଲା ଉପସଭାପତି ବରୁଣ କୁମାର ସର, କାଉନସିଲର ତୃପ୍ତିମୟୀ ବେହେରା, ନଗର ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ପଲ୍ଲିପ୍ରିୟା ପତି, ଅବସରପ୍ରାପ୍ତ ଶିକ୍ଷାବିତ୍ ହଳଧର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପୂର୍ବତନ ରାଜ୍ୟପରିଷଦ ସଦସ୍ୟ ମନୋରଂଜନ ନାଏକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ନେତା ସୋମନାଥ ସେଠି, ପ୍ରଦୀପ ସାମନ୍ତ , କାଉନସିଲର ଦୀପକ ରଂଜନ ବିଶ୍ୱାଳ, ଶରତ ଭୁଟିଆ, କାର୍ତ୍ତିକ ପ୍ରଧାନ ସମେତ ଦଳିୟ କାଉନସିଲର ପ୍ରାର୍ଥୀ, ପାରିକୂଳ ମଣ୍ଡଳ ସଭାପତି ରବିନ୍ ବାରିକ, ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ , ହାତୁରା ମଣ୍ଡଳ ସଭାପତି ସୁଜିତ ଜେନା, ଶେଷଦେବ ସାହୁ, ଶ୍ରୀକାନ୍ତ ସର ପ୍ରମୁଖ ନେତୃ ବୃନ୍ଦ ଉପସ୍ଥିତ ଥିଲେ । ଗ୍ରାମାଞ୍ଚଳର ବିକାଶ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବାସହ ଏହାର ସଫଳ ରୂପାୟନ ନିମନ୍ତେ ନେତୃବୃନ୍ଦ କାର୍ଯ୍ୟକରିବାକୁ ମୁଖ୍ୟ ଅତିଥି ଶ୍ରୀ ପାଣି ପରାମର୍ଶ ପ୍ରଦାନ କରିଥିବା ସମୟରେ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ ସମସ୍ତ ସମସ୍ୟାର ସମାଧାନ କରିବାକୁ ବିଧାୟିକା କର୍ମକର୍ତ୍ତାଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ । ରାଜ୍ୟ ସରକାର ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କୁ ଢେଙ୍କାନାଳ ଜିଲ୍ଲା ଯୋଜନା କମିଟି ଅଧକ୍ଷା ଭାବେ ନିଯୁକ୍ତି ଦେଇଥିବାରୁ ନଗର ମଣ୍ଡଳ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଖରମୂଳ ଓ ତାଳଦଣ୍ଡତାର ସମସ୍ତ ପରିବାର ବର୍ଗକୁ ଅତିଥିବୃନ୍ଦ ପିନ୍ଧିବା ବସ୍ତ୍ର ବଣ୍ଟନ କରିଥିଲେ । ସାଂସଦ ଫେରିବା ବାଟରେ ଲୋକମାନଙ୍କ ସମସ୍ୟା ଶୁଣିବା ସହିତ ସମାଧାନ ପାଇଁ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା ସହ ଫୋନ ଯୋଗେ କଥା ହୋଇଥିଲେ । ଶେଷରେ ବିଜେପି ନେତା ଅଜୟ ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତାରାସିଂ ଥାନାଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ ପୁରସ୍କୃତ

ଭଞ୍ଜନଗର,୧୨।୪(ନି.ପ୍ର): ଚଳିତ ବର୍ଷ ଜିଲ୍ଲାର ଅନ୍ୟ ସମସ୍ତ ଥାନା ଅପେକ୍ଷା ତାରସିଂ ଭଲ କାମ କରିଥିବାରୁ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ତାରାସିଂ ଥାନାଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀଙ୍କୁ ପ୍ରଶଂସା ପତ୍ର ସହ ପୁରସ୍କୃତ କରିଛନ୍ତି। ଗଞ୍ଜାମ ଜିଲ୍ଲାର ତାରସିଂ ଥାନା ଇଲାକାର ଗୋଟିଏ ପଟେ କନ୍ଧମାଳ ଓ ଅନ୍ୟପଟେ ନୟାଗଡ ଜିଲ୍ଲାର ସୀମାନ୍ତ ରହିଛି। ବିଶେଷକରି ଏଠାରେ ବହୁ ଉପାନ୍ତ ଓ ଅପହଞ୍ଚ ଅଞ୍ଚଳ ରହିଥିବାରୁ ସଚେତନତା ଅଭାବରୁ ବହୁ ସମୟରେ ଅନକ ଲୋକ ସାଇବର ଠକେଇର ଶିକାର ହୋଇଥିବା ନଜିର ରହିଛି। ସେହିଭଳି ଗୁଣିଗାରେଡି ଭଳି ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ ହୋଇ ଅକାଳେ ଅନେକ ଜୀବନ ଚାଲିଯାଉଥିଲା। ଗତ ବର୍ଷ ଜୁଲାଇ ୪ ତାରିଖରେ ଶ୍ରୀମତୀ ପୂଜାରୀ ଏହି ଥାନାକୁ ଆସିବା ପରେ ଲୋକଙ୍କ ମଧ୍ୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରି ଜନସାଧାରଣଙ୍କୁ ସଚେତନ କରିଛନ୍ତି। ଝାଡଫୁଙ୍କା,



ଗୁଣିଗାରେଡି ନିକଟରୁ ନିବୃତ୍ତ ରହିବା ସହ ଦେହ ଖରାପ ହେଲେ ଝାଡଫୁଙ୍କା ନକରି ମେଡ଼ିକାଲକୁ ଆଣିବା ପାଇଁ ଥାନା ଅଧିକାରୀ ଶ୍ରୀମତୀ ପୂଜାରୀ ଗାଁଗାଁରେ ସଚେତନତା ଶିବିର ଆୟୋଜନ କରି ଲୋକଙ୍କୁ ସଚେତନ କରିଛନ୍ତି। ଫଳରେ ଥାନା ଇଲାକାରେ ଭାଇଚାରା ସୃଷ୍ଟି ହେବା ସହ ଗଣ୍ଡଗୋଳ କମିଛି। ଏହା ସହ ଅପରାଧ ମଧ୍ୟ ହ୍ରାସ ପାଇଛି। ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ସଚେତନତା ମାଧ୍ୟମରେ ତାରାସିଂ ଥାନା ଆହୁରି ଆଗକୁ ନେବାକୁ ଶ୍ରୀମତୀ ପୂଜାରୀ କହିଛନ୍ତି।

# ରେକର୍ଡ ସଂଖ୍ୟକ ସଂକୀର୍ତ୍ତନ ମଣ୍ଡଳୀ ଗଠିତ



ନବରଙ୍ଗପୁର,୧୨।୪(ନି.ପ୍ର): ଶ୍ରୀ ଶ୍ରୀ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦ ଆନୁକୁଲ୍ୟରେ ନବରଙ୍ଗପୁର ସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନବରଙ୍ଗପୁର ଜିଲ୍ଲାର ୧୦ ଗୋଟି ବ୍ଲକର ୩୨୮ ଟି ନାମ ସଂକୀର୍ତ୍ତନ ମଣ୍ଡଳୀର ପ୍ରମୁଖ ଗୁରୁମାନେ ଯୋଗଦାନ କରିଥିଲେ। ଏହି ବୈଠକରେ ଜିଲ୍ଲାସ୍ତରୀୟ ଏବଂ ସମସ୍ତ ୧୦ ଗୋଟି ବ୍ଲକସ୍ତରୀୟ କର୍ମକର୍ତ୍ତା ଗଠନ କରାଯାଇଥିଲା । ଏହି ମର୍ମରେ ଜିଲ୍ଲା ସଭାପତି ଭାବେ ସମାଜ ସେବୀ ଅର୍ଜୁନ ଭାତରା, ଉପସଭାପତି ଭାବେ ଭୀଷ୍ମ ଶବର ସେହିପରି ସମ୍ପାଦକ ଭାବେ ଅଶୋକ ପାତ୍ର, ଯୁଗ୍ମ ସମ୍ପାଦକ ଭାବେ ଗଙ୍ଗାଧର ମାଳି ଏବଂ ଭବାନୀ ବିଷୋୟୀ, କୋଷାଧ୍ୟକ୍ଷ ଭାବେ ରାମ ମୋହନ ଚୌଧୁରୀ ସମେତ ୧୫ ଜଣ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ସେହିପରି ନବରଙ୍ଗପୁର ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ନାମ ସଂକୀର୍ତ୍ତନ ଦଳ ଗଠନ କରିବା ପାଇ ଆଲୋଚନା କରାଯାଇ ଥିଲା। ମାନନୀୟ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନାମସଂକୀର୍ତ୍ତନ ମଣ୍ଡଳୀର ସମସ୍ତ କର୍ମକର୍ତ୍ତାଗଣଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସଭାରେ ରାଜ୍ୟ ଓକିଲ ସଂଘର ଉପସଭାପତି ତଥା ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ, ଜିଲ୍ଲା ସାଂସ୍କୃତିକ ଅଧିକାରୀ ଘସିଆ ହରିଜନ, ସମାଜ ସେବୀ ସର୍ବେଶ୍ୱର ପାତ୍ର, ନାରାୟଣ ପଣ୍ଡା ସମେତ କୋଣ ଅନୁକୋଣରୁ ଆସିଥିବା ବିଭିନ୍ନ ଜାତି ଏବଂ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

# ସରିଲା ଭଲିବଲ୍ ଲିଗ୍ : 'ଝର' ଟିମ୍ ଚାମ୍ପିଅନ୍

ବିଜେପୁର,୧୨।୪(ନି.ପ୍ର): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ତାଳପଦର ହାଇସ୍କୁଲ ପଡ଼ିଆରେ ଆୟୋଜିତ ଦିବାରାତ୍ର ତାଳପଦର ଭଲିବଲ୍ ଲିଗ୍ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଲିଗ ଆୟୋଜନ ଫଳରେ ଅଞ୍ଚଳର ଯୁବମାନଙ୍କ ଭିତରେ ଭଲିବଲ୍ ପ୍ରତି ବେଶ୍ ଆକର୍ଷଣ ଓ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ତାଳପଦର ସିନିଅର, ତାଳପଦର ଜୁନିଅର, ଝର, ଜ୍ଞାନ ଓ ମହୁଲପାଲି ସମେତ ମୋଟ ପାଞ୍ଚଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳ ଦକ୍ଷତା, ସମନ୍ୱୟ ଓ ଦୃଢ଼ ମନୋବଳ ସହ ଖେଳ ପ୍ରଦର୍ଶନ କରିଥିବାରୁ ମ୍ୟାଚ୍ ଗୁଡ଼ିକ ବହୁତ ରୋମାଞ୍ଚକର ହୋଇଥିଲା। ଦର୍ଶକମାନଙ୍କ ଭିତରେ ମଧ୍ୟ ଖେଳ ପ୍ରତି ବେଶ୍ ଉତ୍ସାହ ଦେଖାଯାଇଥିଲା। ଅନ୍ତିମ ପର୍ଯ୍ୟାୟରେ ତାଳପଦର ସିନିଅର ଓ ଝର ଦଳ ମଧ୍ୟରେ ଜୋରଦାର



ସଂଘର୍ଷ ହୋଇଥିଲା। ଘରୋଇ ଦଳ ଭାବେ ତାଳପଦର ସିନିଅର ଉପରେ ଦର୍ଶକମାନଙ୍କ ଅଧିକ ଆଶା ଥିଲେ ମଧ୍ୟ, ଝର ଦଳ ଉନ୍ନତ ପ୍ରଦର୍ଶନ ସହ ତାଳପଦର ସିନିଅରକୁ ପରାସ୍ତ କରି ଚାମ୍ପିଅନ୍ ଟ୍ରଫି ଜିତିନେଲା। ଦଳୀୟ ସମନ୍ୱୟ, ସ୍ମାର୍ଟ ଖେଳ ଓ ଦୃଢ଼ ମନୋବଳ ଝର ଦଳର ଜୟର ମୁଖ୍ୟ କାରଣ ରହିଥିଲା। ଏହି ଅବସରରେ ଗ୍ରାମର ସରପଞ୍ଚ କାମିନୀ ପଧାନ, ସମିତି ସଭ୍ୟା ସଞ୍ଜୁ ପଧାନ ଓ ସୁନୀଲ ମିଶ୍ର ଅତିଥି ଭାବେ ଯୋଗଦେଇ ଖେଳାଳି ଓ ସେମାନଙ୍କ ପ୍ରଦର୍ଶନକୁ ପ୍ରଶଂସା କରି ଏପରି କ୍ରୀଡ଼ା ଆୟୋଜନ ଯୁବମାନଙ୍କୁ ପ୍ରେରଣା ଦେବା ସହ ଗ୍ରାମୀଣ କ୍ରୀଡ଼ାର ଉନ୍ନତିରେ ସାହାଯ୍ୟ କରେ ବୋଲି କହିଥିଲେ। ପରେ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ବିତରଣ କରାଯାଇଥିଲା।

କ୍ରୀଡ଼ା କ୍ଷେତ୍ରରେ ଦୀର୍ଘଦିନ ଧରି ଅବଦାନ ରଖିଥିବା କୋଚ୍ ହୃଦମଣି ସାହୁ ଓ ଅରବିନ୍ଦ ସରାଫଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନାରେ ଉମେଶ ଭୋଇ, ହୃଦମଣି ସାହୁ ଓ କବଳ ଏକ କ୍ରୀଡ଼ା ପ୍ରତିଯୋଗିତା ନୁହେଁ, ବରଂ ଅଞ୍ଚଳର ଯୁବମାନଙ୍କୁ ଏକତ୍ର କରିବା ଓ କ୍ରୀଡ଼ା ସଂସ୍କୃତିକୁ ମଜବୁତ କରିବାରେ ଏକ ମଞ୍ଚ ହୋଇଥିବା ଦେଖାଯାଇଛି।

# ରାସ୍ତାରେ ଛୁଟୁଛି ଡ୍ରେନ ପାଣି ପ୍ରଶାସନର ନାହିଁ ନିଘା

ତାଳଚେର,୧୨।୪(ନି.ପ୍ର): ତାଳଚେର ପୌରପରିଷଦ ଅନ୍ତର୍ଗତ ମଣ୍ଡାପାଳ ଚିକିତ୍ସାଳୟ ଠାରୁ ଗୋପିନାଥପୁର ଦେଇ ପଶ୍ଚିମେଶ୍ୱର ମନ୍ଦିରକୁ ଯାଇଥିବା ରାସ୍ତାଟିରେ ଡ୍ରେନେଜ ବ୍ୟବସ୍ଥା ଠିକ୍ ନଥିବା ଯୋଗୁଁ



ୱାର୍ଡ଼ବାସୀଙ୍କ ନର୍ଦ୍ଦମାପାଣି ରାସ୍ତା ଉପରେ ଅନବରତ ସୁଅ ଛୁଟିଚାଲିଛି। ଏହି ରାସ୍ତାଦେଇ ଦୈନିକ ଶହଶହ ଭକ୍ତ ଦର୍ଶନ କରିବାଲାଗି ପଶ୍ଚିମେଶ୍ୱର ଶୈବପୀଠକୁ ଯାଇଥାନ୍ତି। ଭକ୍ତମାନେ ଏହି ନର୍ଦ୍ଦମା ପାଣିକୁ ମାଡ଼ି ଯାଉଥିବାରୁ ଭକ୍ତଙ୍କ ମନରେ ଘୋର ଅଶାନ୍ତି ଦେଖାଦେବା ସହ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି। ଏସମ୍ପର୍କରେ ପୌରପରିଷଦକୁ ଜଣାଇଥିଲେ ହେଁ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ସେଠିକାର ଅଞ୍ଚଳବାସୀ ଏହା ପ୍ରକାଶ କରିଛନ୍ତି। ଏତିକି ନୁହେଁ ରାସ୍ତା କଡ଼ରେ କୁଢ଼କୁଢ଼ ଅଳିଆ, ଆବର୍ଜନା ରହୁଥିଲେ ମଧ ଏହାକୁ କେବେ ସଫା କରାଯାଉ ନାହିଁ ବୋଲି ୱାର୍ଡ଼ବାସୀମାନେ ମତ ପୋଷଣ କରୁଛନ୍ତି। ତେବେ ନିକଟରେ ଡ଼ିଏମ ପଣ୍ଡରୁ ତାଳଚେର ବିକାଶ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ବିକାଶ ତ ଦୂରକଥା ଦିନକୁ ଦିନ ବିନାସ ଆଡ଼େ ଗତି କରୁଥିବା ଚର୍ଚ୍ଚା ଯୋରଧରିଛି। ଶିଳ୍ପନଗରୀ ତାଳଚେର ଅଂଚଳରେ ଅର୍ଥର ଅଭାବ ନଥିଲେ ମଧ୍ୟ ତାଳଚେର ବିକାଶ ଠାରୁ ବହୁ ଦୂରରେ ରହିଥିବା କୁହାଯାଉଛି। ତେଣୁ ଭକ୍ତଙ୍କ ଭାବବେଗ ଓ ଅଞ୍ଚଳବାସୀଙ୍କ ସ୍ୱାର୍ଥ ସହ ନଖେଳି ତୁରନ୍ତ ପୌରପରିଷଦ ଡ୍ରେନେଜ ବ୍ୟବସ୍ଥା ଓ ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ଦାବି ହେଉଛି।

# ବୁଗୁଡ଼ାରେ ଟ୍ରାଫିକ ସମସ୍ୟା, ପ୍ରତିକାର ଦାବି

ବୁଗୁଡ଼ା,୧୨।୪(ନି.ପ୍ର): ବୁଗୁଡା ଏନ୍ଏସି ଅନ୍ତର୍ଗତ ଚୈତନ୍ୟ ମନ୍ଦିର ସମ୍ମୁଖ ବୁଲାଣି ରାସ୍ତାରେ ଯାନବାହାନ ଚଳାଚଳ ବେଳେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଗୁଡା-ପୋଲସରା ମୁଖ୍ୟ ରାସ୍ତାରେ ଦୈନିକ ଶହ ଶହ ଯାନବାହାନ ଚଳାଚଳ ହେଉଥିବାବଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଉଭୟ ପଟରେ ପଛକୁ ପଛ ହୋଇ ଯାନବାହାନ ଗୁଡିକର ଲମ୍ବା ଧାଡ଼ି ଲାଗିଯାଉଛି। ଏହି ସମସ୍ୟାର ସମାଧାନ କରିବାରେ ଦୀର୍ଘ ସମୟ ଲାଗିଯାଉଛି ଏବଂ ଅଯଥା ପାଟିତୁଣ୍ଡ ସାଙ୍ଗକୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି । ଜରୁରୀକାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ ମଧ୍ୟ ବେଳେ ବେଳେ ଏହି ଟ୍ରାଫିକ୍ ସମସ୍ୟାରେ ଫସି ଯାଉଛି। ଏହି ଟ୍ରାଫିକ ସମସ୍ୟାର ସ୍ଥାୟୀ ପ୍ରତିକାର ଦିଗରେ ପ୍ରଶାସନିକ ପଦକ୍ଷେପ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଝରିଗାଁ ବ୍ଲକରେ ଓଡ଼ିଆ ପକ୍ଷ ପାଳନ ସଠିକ ଢ଼ଙ୍ଗରେ ହେଉ ନ ଥିବା ଅଭିଯୋଗ

ଝରିଗାଁ,୧୨।୪(ନି.ପ୍ର): ରାଜ୍ୟ ସରକାର ପ୍ରତିବର୍ଷ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଆ ଭାଷା ପକ୍ଷ' ବା 'ଓଡ଼ିଆ ପକ୍ଷ' ପାଳନ ଲାଗି ଘୋଷଣା କରିଛନ୍ତି । ଏହାକୁ ନେଇ ପ୍ରତ୍ୟେକ ବ୍ଲକରେ ୧ ତାରିଖରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଅଞ୍ଚଳର କଳା ସାହିତ୍ୟ ସଂସ୍କୃତି ପରମ୍ପରା ଐତିହ ଏବଂ ପ୍ରତିଭାକୁ ପ୍ରାଧାନ୍ୟ ଦେଇ ଭିନ୍ନ ଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ କରାଯାଇଥାଏ। ତେବେ ଝରିଗାଁ ବ୍ଲକ ପ୍ରଶାସନ ପାଇଁ ଏସବୁ ଏବେ ବୋଝ ହୋଇଯାଇଥିବା ଭଳି ମନେହେଉଛି । ଓଡିଶାରେ ଓଡ଼ିଆଙ୍କ ପାଇଁ ଓଡ଼ିଆ ନବବର୍ଷ ଏକ ଗର୍ବ ଏବଂ ଗୌରବର ବିଷୟ ହୋଇଥିବାବେଳେ ଝରିଗାଁରେ କିନ୍ତୁ ପ୍ରଶାସନ ଏହି ଓଡ଼ିଆ ପକ୍ଷ ପ୍ରତି ଅହେତୁକ ଅବହେଳା କରୁଥିବା ଦେଖାଦେଇଛି । ଏ ସମ୍ପର୍କରେ କୌଣସି କାର୍ଯ୍ୟକ୍ରମକୁ ଢଙ୍ଗରେ ପାଳନ କରାଯାଇନାହିଁ । କେବଳ ଫଟୋ ଉଠାଇ କାମ ସାରି ଦିଆଯାଉଛି । ଯେଉଁମାନଙ୍କ ଲାଗି ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି ,ସେମାନଙ୍କୁ ଏ ସମ୍ପର୍କରେ କିଛି ଜଣାନାହିଁ । ଝରିଗାଁ ବ୍ଲକ ପ୍ରଶାସନ ଦ୍ୱାରା ପ୍ରକାଶିତ ଚିଠିରେ ମାତ୍ର ୫ଟି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଅନେକ




କାର୍ଯ୍ୟକ୍ରମକୁ ଅବହେଳା ମଧ୍ୟରେ ସାରି ଦିଆଯାଉଛି । କେବଳ ବିଧାୟକଙ୍କ ଗସ୍ତ ସମୟରେ ଯାହା ଟିକେ ଐତିହ୍ୟ ଗଣ ଦୌଡ଼ ବେଳେ ଦୁଇ ଚାରି ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା କିନ୍ତୁ ପରବର୍ତ୍ତୀ କାର୍ଯ୍ୟକ୍ରମକୁ କେବଳ ଫଟୋ ପାଇଁ ଆୟୋଜନ କରାଯାଇଛି । ସେଭଳି ୧୧ ତାରିଖରେ ଯୁବ ଲେଖକଙ୍କ ସମ୍ମିଳନୀ କାର୍ଯ୍ୟକ୍ରମ ରହିଥିଲା । ହେଲେ କେବଳ ୯ରୁ୧୦ ଜଣଙ୍କୁ ନେଇ ବିଡ଼ିଓଙ୍କ ଅଫିସରେ ଅନୁଷ୍ଠିତ ହୋଇଥିଲା, ତେବେ ଅତି ଦୁଃଖର ବିଷୟ ବିଡ଼ିଓ ମଧ୍ୟ ଅନୁପସ୍ଥିତ ରହିଥିଲେ । ବ୍ଲକର ୨୩ଟି ପଞ୍ଚାୟତ ମଧ୍ୟରେ ଅନେକ ସାହିତ୍ୟକ ଗାଳ୍ପିକ ଲେଖକ ଏବଂ କଳାକାର ରହିଛନ୍ତି । ମାତ୍ର ହାତଗଣତି କିଛି ଶିକ୍ଷକଙ୍କୁ ନେଇ କାର୍ଯ୍ୟସମ୍ପାଦନ କରିଦେଲେ । ବ୍ଲକରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ରହିଛନ୍ତି ସେମାନେ ପେନସନ ମଧ୍ୟ ପାଉଛନ୍ତି, ହେଲେ ଓଡ଼ିଆ ପକ୍ଷର ଦ୍ୱାଦଶ ଦିନରେ ସେହି ସଂଗ୍ରାମୀଙ୍କୁ ନେଇ କାର୍ଯ୍ୟକ୍ରମ ରହିଥିବାବେଳେ ଏହି ସଂଗ୍ରାମୀ ପରିବାରଙ୍କୁ ନିମନ୍ତ୍ରଣ କରି ସମ୍ମାନିତ ମଧ୍ୟ କରାଯାଇପାରିଥାନ୍ତା ,କିନ୍ତୁ ଝରିଗାଁ ବ୍ଲକ ପ୍ରଶାସନ ବ୍ଲକ ଠାରୁ ପାଞ୍ଚ କିଲୋମିଟର ଦୂର କର୍ମରି ସ୍ଥିତ ବିଦ୍ୟାଳୟରେ ପୂର୍ବ ପ୍ରସ୍ତୁତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପୁଣି ସେହି ମାନଙ୍କୁ ନେଇ ଫଟୋ ଉଠାଇଥିବା ଦେଖିବାକୁ ମିଳିଥିଲା । ଅପରପକ୍ଷେ ଏହି ପବିତ୍ର ଓଡ଼ିଆ ଦିବସରେ ବ୍ଲକ ସମୁଖରେ ରଙ୍ଗ ଟିକେ ମରାଯାଇପାରିଲା ନାହିଁ କି ବ୍ଲକକୁ ସାଜ ସଜ୍ୟା ମଧ୍ୟ କରାଗଲା ନାହିଁ । ସାଧାରଣ ଲୋକେ ମଧ୍ୟ ଏ ଓଡ଼ିଆ ଦିବସ ସମ୍ପର୍କରେ ଜାଣିନଥିବା ପ୍ରକାଶ କରୁଛନ୍ତି । ଗଣମାଧ୍ୟମ ହାତରେ ଦରଖଣ୍ଡିଆ ଚିଠି ଦେଇ ଯେଉଁ ବୈମାତୃକ ମନୋଭାବ ପୋଷଣ କରାଯାଇଛି ସେନେଇ ବୁଦ୍ଧିଜୀବୀ ମହଲଏହାକୁ ଦୃଢ଼ ନିନ୍ଦା କରାଯାଇଛି। ଓଡ଼ିଆ ଅସ୍ମିତା ପ୍ରତି ସଜାଗ ରହିଥିବା ରାଜ୍ୟ ସରକାରଙ୍କ ଶାସକ ଦଳର ବିଧାୟକଙ୍କ ନିର୍ବାଚନୀ ମଣ୍ଡଳୀରେ ଏଭଳି କାର୍ଯ୍ୟକ୍ରମ ଚର୍ଚ୍ଚାର ବିଷୟ ହୋଇଛି ।

# ଯାଜପୁର ନିର୍ବାଚନ ମଣ୍ଡଳୀରେ ବିଜେପିର ମିଶ୍ରଣ ପର୍ବ

ଦଶରଥପୁର,୧୨।୪(ନି.ପ୍ର): ଯାଜପୁର ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ୧୨ ତାରିଖ ଦିନ ଏକ ମହାମିଶ୍ରଣ ପର୍ବ ଦଶରଥପୁର ବ୍ଲକ କଣ୍ଟା ପଞ୍ଚାୟତସ୍ଥ କାଳୀ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେପି ନେତା ସୁବାଷ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ବିଜେପି ସଭାନେତ୍ରୀ ଦେବଜାନୀ ପ୍ରଧାନ ମୁଖ୍ୟ, ବିଶିଷ୍ଟ ଅତିଥିଭାବେ ଯାଜପୁର ଜିଲ୍ଲା ପୂର୍ବତନ ବିଜେପି ସଭାପତି ଗୌତମ ରାୟ ଯୋଗ ଦେଇଥିଲେ। ବିନୋଦ ବିହାରୀ ଜେନା, ଦଶରଥପୁର ବ୍ଲକ ପୂର୍ବତନ ଅଧକ୍ଷ ରମେଶ ସାମଲ, ଯାଜପୁର ଜିଲ୍ଲା ପୂର୍ବତନ ବିଜେପି ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା, ୫ନମ୍ବର ଜୋନ ମଣ୍ଡଳ ସଭାପତି ସୁନୀଲ ରାଉତ୍ ମଞ୍ଚ ନିକଟରେ ଉପସ୍ଥିତ ଥିବାବେଳେ ଦଶରଥପୁର



ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଇନ୍ଦ୍ରଜିତ ଦାସ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ବିଜେପି ନେତା ତଥା ଯାଜପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଗୌତମ ରାୟଙ୍କ ଉପରେ ଭରଷା କରି କଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟନ୍ତ ମହାନ୍ତି ଓ ପ୍ରଭାତ ନାୟକଙ୍କ ନେତୃତ୍ୱରେ କଣ୍ଟା ପଞ୍ଚାୟତ ସରପଞ୍ଚ ଦୀପ୍ତିବାଳା ନାୟକ, ବିଜେଡି ସରପଞ୍ଚ ପାର୍ଥୀନୀ ଶ୍ରାବଣୀ ମହାନ୍ତି, ପୂର୍ବତନ ନାଏବ ସରପଞ୍ଚ ନିର୍ମଳ ଦାସ, ୧ନମ୍ବର ୨ନମ୍ବର, ୩ନମ୍ବର, ୪ନମ୍ବର, ୫ନମ୍ବର, ୬ନମ୍ବର, ୭ନମ୍ବର, ୮ନମ୍ବର, ୧୨ନମ୍ବର ୱାର୍ଡର ମୋଟ ୯ଜଣ ୱାର୍ଡ ସଭ୍ୟ ସଭ୍ୟା ସମେତ ୩୦୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଦୁଦୁରା ଅଣ୍ଟା ପଞ୍ଚାୟତ ଫକ ରାଉତଙ୍କ ନେତୃତ୍ୱରେ ୧୦ରୁ ଉର୍ଦ୍ଧ କର୍ମୀ, ଜୟନ୍ତରା ପଞ୍ଚାୟତ ପୂବତନ ସମିତି ସଭ୍ୟ ତୁଷାର କାନ୍ତ ନାୟକଙ୍କ ସମେତ ୧୦ ଜଣରୁ ଉର୍ଦ୍ଧ କର୍ମୀ, ମଲ୍ଲୀକାପୁର ପଞ୍ଚାୟତରୁ ୧୦କର୍ମୀ, ତରପଦା ପଞ୍ଚାୟତରୁ ୧୫କର୍ମୀ, ଚଞ୍ଚିଣା ପଞ୍ଚାୟତରୁ ୨୦ କର୍ମୀ ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିଲେ। ଜିଲ୍ଲା ସଭାନେତ୍ରୀ ଦେବଯାନୀ ପ୍ରଧାନ ଓ ଯାଜପୁରର ଲୋକପ୍ରିୟ ନେତା ଗୌତମ ରାୟ ନୂତନ କର୍ମୀମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ନୂତନ କର୍ମୀଙ୍କ ଯୋଗଦାନ ପରେ ଦଳ ସୁଦୃଢ଼ ହେବାସହ ଗୌତମ ରାୟଙ୍କ ସଂଗଠନ ସୁଦୃଢ ହେବ ବୋଲି ଜିଲ୍ଲା ସଭାନେତ୍ରୀ କହିଥିଲେ। ସେହିପରି ବିଂଝାରପୁର ନିର୍ବାଚନ ମଣ୍ଡଳୀ ଦତ୍ତପୁର ପଞ୍ଚାୟତ ପୂର୍ବତନ ବିଜେପି ସଭାପତି ଅଜୟ ରାଉତଙ୍କ ନେତୃତ୍ୱରେ ୧୫ଜଣରୁ ଉର୍ଦ୍ଧ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ଜିଲ୍ଲା ସଭାନେତ୍ରୀଙ୍କ ଉପସ୍ଥିତରେ ବିଜେପି ଦଳରେ ସାମିଲ ହୋଇଥିଲେ।

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ନୀଳଗିରି,୧୨।୪(ନି.ପ୍ର): ନୀଳଗିରି ଉପକାରାଗାରର ଜଣେ ବିଚାରାଧୀନ କଏଦୀଙ୍କର ମୃତ୍ୟୁ ହୋଇଛି। ସେ ଔପଦା ଅଞ୍ଚଳର ଶ୍ରୀକାନ୍ତ ନାୟକ ବୋଲି ଜଣାପଡ଼ିଛି। ୫ ବର୍ଷ ଧରି ସେ ଜେଲ୍‌ରେ ଥିଲେ। ଅସୁସ୍ଥ ହେବାରୁ ତାଙ୍କୁ ନୀଳଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ସେ ଆଖି ବୁଜି ଦେଇଥିଲେ।

## ପିଏମ୍‌ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ କମିଟି ଗଠନ

ସୁବର୍ଣ୍ଣପୁର,୧୨।୪(ନି.ପ୍ର): ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ଠାରେ ପୂର୍ବତନ ଛାତ୍ର ପରିଷଦ ତଥା ପଞ୍ଚଶଖା ଶିକ୍ଷା ସେତୁ କମିଟି ଗଠନ ନିମିତ୍ତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାର ସଭାପତି ତଥା ପ୍ରଧାନ ଶିକ୍ଷକ ଶ୍ରୀ ଅଜୟ କୁମାର ଲୁହାଙ୍କ ସଭାପତିତ୍ୱରେ କମିଟି ଗଠନ କରାଯାଇଥିଲା। ନୂତନ ସଭାପତି ଭାବରେ ଡ. ପ୍ରଫୁଲ୍ଲ କୁମାର ରଥ, ଉପ ସଭାପତି କଇରୁ ସ୍ୱାଇଁ, ମେମ୍ବର କନଭେନେର ଭାବେ ପିୟୁଷ କୁମାର ପଣ୍ଡା ସର୍ବ ସମ୍ମତି



କ୍ରମେ ମନୋନୀତ ହୋଇଥିଲେ । ସିଆରସିସି ବ୍ରତାନନ୍ଦ ଭୋଇ ସଭାକୁ ସଂଯୋଜନା କରିଥିବାବେଳେ, ଅଜୟ କୁମାର ଲୁହା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୋଲିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପୂରାତନ ଛାତ୍ର ସମାବେଶରେ ପ୍ରବୀଣ ତ୍ରିପାଠୀ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସତ୍ୟନାରାୟଣ ତ୍ରିପାଠୀ, ମାଧବ କୁମ୍ଭାର, ଚିତ୍ତ ରଞ୍ଜନ ତରାସିଆ, ଭାରତ ଭୁଷଣ ଦାଶ, ଶ୍ୟାମାଓଁ ପ୍ରସାଦ ମିଶ୍ର, ମହେଶ ପୂଜାରୀ, ଦିଲିପ ପାତ୍ର, ମନୋରଞ୍ଜନ ତ୍ରିପାଠୀ, ସନତ ପାଣିଗ୍ରାହୀ, ଦୀପକ ମହାପାତ୍ର, ନିଶାନ୍ତ ମହାନ୍ତି, ଜ୍ୟୋର୍ତିମୟ ମିଶ୍ର,ସ୍ୱରୂପ ପାତ୍ର, ଲଡୁ କିଶୋର ମଲ୍ଲିକ, ପ୍ରଦ୍ୟୁମ୍ନ ସାହୁ, ଶେଷଦେବ ମେହେର,ସୁଧୀର ପଣ୍ଡାଙ୍କ ସମେତ ଶହେରୁ ଉର୍ଦ୍ଧ୍ୱ ଛାତ୍ର ଯୋଗ ଦେଇ ବିଦ୍ୟାଳୟର ଉନ୍ନତି ଲାଗି ସଂକଳ୍ପ ନେଇଥିଲେ ଓ ଆଗାମୀ ଦିନରେ ଏହି ଛାତ୍ର ମାନଙ୍କୁ ନେଇ ମହାରାଜା ହାଇସ୍କୁଲ ଆଲୁମିନୀ ଆସୋସିଏସନ ଗଠନ ଲାଗି ଆଲୋଚନା ହୋଇଥିଲା । ସଭାରେ ଶିକ୍ଷକ ଶିକ୍ଷୟିତ୍ରୀ ଅନୁଲିତା ମିଶ୍ର ଜୟନ୍ତୀ ମେହେର, ବିନୋଦିନୀ ମହାପାତ୍ର, ସସ୍ମିତା ପାତ୍ର, ତୃପ୍ତିକା ତ୍ରିପାଠୀ, ସୀମା ମହାପାତ୍ର, ସୁଜାତା ସାହୁ, ମାମା ମାଧୁରୀ ପଣ୍ଡା , ନରେନ୍ଦ୍ର ଚାନ୍ଦ, ଶିବାଶିଷ ମିଶ୍ର, ସୁଭଦ୍ରା ହାରା, ଓ ଅଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଜନାଦୃତ ହୋଇଛି କପାସିଆ ଲଙ୍କାପୋଡ଼ି

ବୋଲଗଡ,୧୨।୪(ନି.ପ୍ର): ବୋଲଗଡ ବ୍ଲକର ପ୍ରତିଟି ଗ୍ରାମରେ ଅନଙ୍ଗ ନରେନ୍ଦ୍ର କୃତ ରାମଲୀଳା ପ୍ରସିଦ୍ଧି ଲାଭକରିଛି। ପ୍ରତିଟି ଗ୍ରାମରେ ରାମଲୀଳା ନାଟ୍ୟ ରୂପ ମଞ୍ଚସ୍ଥ ହେଉଛି। ଏହି କ୍ରମରେ ବାଂକୋଇ



ଗ୍ରାମର ସର୍ବୋତ୍କୃଷ୍ଟ ହୋଇଥିଲାବେଳେ ଚମ୍ପାଇଲୋ ଓ କପାସିଆ ଗ୍ରାମର ଲଙ୍କାପୋଡି ବେଶ ଜନାଦୃତ ହୋଇପାରିଛି କପାସିଆ ଗ୍ରାମରେ କଳାକାର ମାନେ ନିଖୁଣ ଅଭିନୟ କରି ଜନତାଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ। ପୋଥି ଗାୟକ ନିରଞ୍ଜନ ଦାସ ଓ ମଞ୍ଚ ଗୁରୁ ଜୟକୃଷ୍ଣ ସାମନ୍ତରାୟ ଲକ୍ଷ୍ମୀଧର ମହାପାତ୍ର ଓ ସୁନୀଲ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ରାମଲୀଳା ଅନୁଷ୍ଠିତ ହୋଇଛି ହନୁମାନ ଭୂମିକାରେ ଚଗଲା ବିଶ୍ୱାଳ ଓ ରାବଣ ଭୂମିକାରେ କୃପାସିନ୍ଧୁ ବିଶ୍ୱାଳଙ୍କ ଚମତ୍କାର ଅଭିନୟ ହୃଦୟସ୍ପର୍ଶୀ ହୋଇପାରିଥିଲା।

## ଓଡ଼ିଆ ପକ୍ଷ ଦିବସରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

ଦାରିଙ୍ଗବାଡି,୧୨।୪(ନି.ପ୍ର): କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ସ୍ଥିତ ରଷିମାଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ଦିସ ୨୦୨୬ ପାଳନ କରାଯାଇଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ଏପ୍ରିଲ୍ ପହିଲାରୁ ଆରମ୍ଭ ହୋଇ ଥିବା ବେଳେ ଗୁରୁବାର ଦିନ ରଷୀମାଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି। ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ. ଭାସ୍କର ଚରଣ ନାୟକ ଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନଗର ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇ ଓଡ଼ିଆ ପକ୍ଷ ଦିବସର ସଚେତନା ଜାଗୃତ କରିଥିଲେଛ ଏହିକର୍ଯ୍ୟକ୍ରମ ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ ବୋଲି ଅଧ୍ୟକ୍ଷ ଡ.ଶ୍ରୀ ନାୟକ ସୁଚନା ଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଓ ଅଣ ଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ।

## ମାଲୋ ମା' ଅଁଳେଇ ମା' ଗୀତର ଶୁଭ ମହୁରତ

ଖୋର୍ଦ୍ଧା,୧୨।୪(ନି.ପ୍ର): ଖୋର୍ଦ୍ଧା ବ୍ଲକ ଅଧୀନ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ ଉଇଲ କିଶନ ନଗର ମା ଅଁଳେଇ ମନ୍ଦିର ଠାରେ ଓଡ଼ିଆ ନବବର୍ଷ ଝାମୁଯାତ୍ରା ଓ ମହାବୀର ଜୟନ୍ତୀ ଉପଲକ୍ଷେ ନୂଆଗାଁ ଟୋକା ୟୁଟ୍ୟୁବ ଚ୍ୟାନେଲ ର ପ୍ରଥମ ସଂଗୀତ ମା ଲୋ ମା ଅଁଳେଇ ମା' ଗୀତର ଶୁଭ ମହୁରତ ଅନୁଷ୍ଠିତ ହୋଇଯାଇଛି । ଆଜି ମା ଅଁଳେଇ ପୀଠରେ ଗ୍ରାମରେ କୁଳଗୁରୁ ତଥା ପୁରୋହିତ ବିଶ୍ୱନାଥ ନନ୍ଦ ଓ ଗ୍ରାମ ସମ୍ପାଦକ ସନାତନ



ବିଶ୍ୱାଳ, ଗ୍ରାମର ହିମାଂଶୁ ବରାଳ, ଗୋପାଳ କୃଷ୍ଣ ପ୍ରଧାନ, ପ୍ରମୁଖ ଯୋଗଦେଇ ଏହାର ଶୁଭ ଉନ୍ମୋଚନ କରିଥିଲେ । ଏହି ଭକ୍ତି ଭାବ ପୂର୍ଣ୍ଣ ସଂଗୀତ ଟି ଜଗନ୍ନାଥ ମ୍ୟୁଜିକ ଷ୍ଟୁଡିଓର ଦ୍ୱାରା ରେକର୍ଡ଼ିଂ ହୋଇଥିଲା ବେଳେ ଗ୍ରାମର 'ଚିକୁ' ଲେଖିଥିଲେ। ସେହିପରି ମ୍ୟୁଜିକ ଦେବାଶିଷ ଦେଇଥିଲେ । ଏଲପି ଅନନ୍ୟ କଣ୍ଠଦାନ କରିଥିଲା ବେଳେ ଏହି ଚ୍ୟାନେଲକୁ ରାଜେଶ ବାରିକ, ସତ୍ୟନାରାୟଣ ସୁନ୍ଦରାୟ, ସାଗର ବଳିୟାରସିଂ, ରିତେଶ ସାହୁ,ଦିପେଶ ବେହେରା ଆର୍ଥିକ ସହଯୋଗ କରୁଛନ୍ତି । ଚ୍ୟାନେଲ ର ସଦସ୍ୟ ମାନେ ସହଯୋଗ କରିଥିଲେ ।

## ଦୀର୍ଘ ବ୍ୟବଧାନ ପରେ ବ୍ରାହ୍ମଣୀଗାଁରେ ଦଣ୍ଡ ନାଚ

ଦାରିଙ୍ଗବାଡି,୧୨।୪(ନି.ପ୍ର): କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଠାରେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଦଣ୍ଡ ନାଚ ଅନୁଷ୍ଠିତ ହୋଇଛି। ଏହି ଦଣ୍ଡୁଆ ମାନେ ଗଞ୍ଜାମ ଜିଲ୍ଲାର ମେରିକୋଟ ଅଞ୍ଚଳରୁ ଆସି ଶନିବାର ଦିନ ବ୍ରାହ୍ମଣୀଗାଁରେ ପହଞ୍ଚି ପ୍ରଥମେ ନଗର ପରିକ୍ରମା କରିଥିଲେ ପରେ ସେମାନେ ସ୍ଥାନିୟ ଓଡ଼ିଆ ସାହି ରେ ଅଗ୍ନୀ ଦଣ୍ଡ ଓ ବାଲି ଦଣ୍ଡ କରିଥିଲେ ରାତ୍ରୀ ଉଜାଗର ସମୟରେ ଭକ୍ତଙ୍କ ମନୋରଞ୍ଜନ ପାଇଁ



ମହାଭାରତର ଅର୍ଜୁନ ରଥ ରେ ଶ୍ରୀକୃଷ୍ଣ ସାରଥୀ ନାଟକ ମଞ୍ଚସ୍ଥ ହୋଇଥିଲା । ଗ୍ରାମବାସୀ ମାନେ ପୂଜା ଅର୍ଚ୍ଚନା ଓ ବନ୍ଦାପନା କରି ଦଣ୍ଡୁଆ ମାନଙ୍କୁ ସ୍ୱାଗତ କରିଥିବା ବେଳେ ନାଚ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳୁଛି। ବ୍ରାହ୍ମଣୀଗାଁ ପରେ ରବିବାର ଦିନ କୁମ୍ଭାରୀଗାଁ ମଧ୍ୟ ସେହିଭଳି କାର୍ଯ୍ୟକ୍ରମ ହୋଇଥିବା ଜଣା ପଡ଼ିଛି। ଉଭୟ ଗ୍ରାମର ଗ୍ରାମ୍ୟ ପରିଚାଳନା କମିଟି କର୍ମକର୍ତ୍ତା ମାନେ ସୁଚାରୁ ରୁପେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ଗସ୍ତ କଲେ ପାରଳା ବିଧାୟକ

ପାରଳାଖେମୁଣ୍ଡି,୧୨।୪(ନି.ପ୍ର): ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ଯୁକ୍ତ ରୂପେସ କୁମାର ପାଣିଗ୍ରାହୀ ଅଚାନକ ଗ୍ରସ୍ତ କରିଥିଲେ ଗଜପତି ଜିଲ୍ଲା। ପାରଳାଖେମୁଣ୍ଡି ସ୍ଥିତ ମୂଖ୍ୟ ଚିକିତ୍ସାଳୟକୁ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସମୟରେ ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନେ କିଭଳି ଅସହ୍ୟ ଗରମରେ ରହୁଛନ୍ତି ବେଡରେ, ଅଚାନକ ଯାଇ ଦେଖିଥିଲେ ଚିକିତ୍ସାଳୟର ଅବସ୍ଥା , ବିଧାୟକ ଏହି ପରିସ୍ଥିତି ଦେଖି କ୍ଷଭ ପ୍ରକାଶ କରିଥିଲେ। ବର୍ତ୍ତମାନ ପ୍ରଳ ଖରା ସମୟରେ ଚିକିତ୍ସାଳୟରେ ଲାଗି ଥିବ ଏସି ଗୁଡ଼ିକ କାମକରୁଥିବା ଦେଖି ଫୋନ୍ ଯୋଗେ ଅଧିକାରୀଙ୍କୁ ଡାକି କହିଲେ ବିଧାୟକ, ତୁରନ୍ତ ଏସି ମରାମତି କରିବା ପାଇଁ



କତୃପକ୍ଷକୁ କହିଥିଲେ। ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଏନ୍ ଆର୍ ଏଚ ଏମ୍‌ର ହସ୍ପିଟାଲ ମ୍ୟାନେଜର ଏହି ବିଭାଗକୁ ହରିଲୁଟ କରିଚାଲିଛନ୍ତି। ପୂର୍ବରୁ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଏହି ଚିକିତ୍ସାଳୟ କାର୍ଯ୍ୟକଳାପ ଉପରେ ସୂଚନା ଆଇନ ଅନୁଯାୟୀ ତଥ୍ୟ ମାଗିଥିଲେ ହେଲେ ସୁଦ୍ଧା ତଥ୍ୟ ଦେବାପାଇଁ ସମ୍ଭବ ହୋଇ ପାରିଲା ନାହିଁ। ଏହି ଚିକିତ୍ସା ଳୟରେ ସରକାରୀ ଅନୁଦାନ ଖର୍ଚ୍ଚ ହୁଏ କେବଳ କାଗଜ କଲମରେ ସୀମିତ ମାତ୍ରଛ ତାହା ରୋଗୀଙ୍କ ସେବାରେ ଆସୁନାହିଁ। ଏଠାରେ ସାଧାରଣ ଲୋକେ କହୁଛନ୍ତି ଯେ ଆଜି ବିଧାୟକ ଆସି ନିଜେହିଁ ହୃଦୟଙ୍ଗମ କଲେ। ହେଲେ ବିଧାୟକ ଦାଇତ୍ୱ ଅଛି ଦୀର୍ଘ ବର୍ଷ ରେ ହସ୍ପିଟାଲରେ କରୁଥିବା ଖର୍ଚ୍ଚ ତଥା ଫେନ ମରାମତି,ଏସି ମରାମତି, ଟ୍ୟୁବ୍ ଲାଇଟ୍ ବାବତକୁ କେତେ ଟଙ୍କା ବିଲ୍ ଦିଆଯାଉଛି ସମସ୍ତ ବିଷୟ ବିଧାୟକ ରିଭ୍ୟୁ କଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିଥାନ୍ତା ବୋଲି ଅଞ୍ଚଳବାସୀ ବୁଦ୍ଧିଜୀବୀ ମହଲରେ କହିଛନ୍ତି ଏବଂ ପାରଳାଖେମୁଣ୍ଡି ବିଧାୟକ ଏମିତି ସମୟ ସମୟରେ ଅଚାନକ ଗ୍ରସ୍ତ କଲେ ବିଭାଗୀୟ ଅଧିକାରୀ ମାନଙ୍କୁ ସଚେତନତା ବୃଦ୍ଧି ପାଇବ।

## ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼,୧୨।୪(ନି.ପ୍ର): ଦେବଗଡ ସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ଆଜି ଆୟୋଜିତ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିରରେ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଲୋକଙ୍କର ଅଭିଯୋଗ ଶୁଣିଥିଲେ । ମୋଟ ୧୩ ଗୋଟି ବ୍ୟକ୍ତିଗତ ଏବଂ ସାମୁହିକ ଅଭିଯୋଗ ହୋଇଥିଲା । ରାସ୍ତା ଏବଂ ପାନୀୟ ଜଳ ସମସ୍ୟାର ସମାଧାନ ସହିତ ମନ୍ଦିର ଏବଂ ମଣ୍ଡପ ଗୃହ ନିର୍ମାଣ ପାଇଁ ବିଧାୟକଙ୍କ ଠାରେ ଜନସାଧାରଣ ଅଭିଯୋଗ କରିଥିଲେ ଛ ଲୋକଙ୍କ ଅଭିଯୋଗ ଗ୍ରହଣ କରିବା ସହିତ ଏହାର ସମାଧାନ ପାଇଁ ଖୁବଶିଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟକ ଶ୍ରୀ ବିଶ୍ୱାଳ ପ୍ରତିଶ୍ରୁତି ଦେଇଥିଲେ ।



## ସଂସ୍କୃତି ଭବନରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

ଭଦ୍ରକ,୧୨।୪(ନି.ପ୍ର): ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ମିଳିତ ଅନୁକୂଳରେ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିବା ଓଡିଆ ପକ୍ଷ ଅବସରରେ ଦ୍ୱାଦଶ ଦିନରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଭଦ୍ରକ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୭.୩୦ ସମୟରୁ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏଙ୍କ ଦ୍ୱାରା ବନ୍ଦନୀୟ



ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରାଯାଇଥିବା ସହିତ ତାଙ୍କ ସ୍ତୁତିଚରଣ କରାଯାଇଥିଲାଛ ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେଛ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ପରେ ସଂସ୍କୃତି ଭବନ ଠାରେ ବରପୁତ୍ରମାନଙ୍କ ଉପରେ ଏକ ସାଧାରଣ ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲାଛ ଏହି ସଭାରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ଶ୍ରୀ ନରୋତ୍ତମ ମିଶ୍ର (ଅବକାରୀ ଅଧିକ୍ଷକ), ଶ୍ରୀମତୀ ପ୍ରେମମଞ୍ଜରୀ ନାୟକ (ଜିଲ୍ଲା ଶ୍ରମ ଅଧିକାରୀ), ଶ୍ରୀ ପବିତ୍ର ପାଣିଗ୍ରାହୀ (ଗାଳ୍ପିକ/ପ୍ରାବନ୍ଧିକ), ଡ଼. ପ୍ରମୋଦ ନାୟକ (ଅବସରପ୍ରାପ୍ତ ଅଧକ୍ଷ, ସଂସ୍କୃତ ମହାବିଦ୍ୟାଳୟ) ଓ ଶ୍ରୀ ବିଶ୍ୱରଞ୍ଜନ ଦାସ (ବିଭାଗୀୟ ମୁଖ୍ୟ, ଓଡିଆ ବିଭାଗ, ବିରଞ୍ଚି ନାରାୟଣ ମହାବିଦ୍ୟାଳୟ) ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରପୁତ୍ରମାନଙ୍କ ସ୍ତୁତିଚରଣ କରିଥିଲେ। ଏହାସହ ବନ୍ଦନୀୟ ବରପୁତ୍ରମାନଙ୍କୁ ନେଇ ଯୁବ ବର୍ଗ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାନ୍ତନୁ କୁମାର ଦାସ (ବାବାମଣି ଡିଗ୍ରୀ କଲେଜ, ପାଳସାହି) ପ୍ରଥମ, ଭାଗ୍ୟଶ୍ରୀ ପଣ୍ଡା (ବାବାମଣି ଡିଗ୍ରୀ କଲେଜ, ପାଳସାହି) ଦ୍ୱିତୀୟ ଓ ଇତିଶ୍ରୀ କର (M.A/B.E ପାସ୍ ଆଉଟ୍) ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଏକ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା, ଯେଉଁଥିରେ ୫୦ରୁ ଅଧିକ କବି ଓ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଶ୍ରୀମତୀ ତନୁଜା ସିଁକା, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁଚାରୁ ଭାବେ ପରିଚାଳନା କରିଥିଲେ।

## ଭଲିବଲ ଓ କବାଡି ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୧୨।୪(ନି.ପ୍ର): ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ଓଡିଶା କ୍ରୀଡା ମହାକୁମ୍ଭ – ସିଏମ ଟ୍ରଫି ୨୦୨୬ର ପ୍ରଥମ ସଂସ୍କରଣ ଅବସରରେ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ୍ ବର୍ଗର ଆନ୍ତଃକ୍ଲବ ଓ ଅନ୍ତଃଜିଲ୍ଲା ଭଲିବଲ ଓ କବାଡି ପ୍ରତିଯୋଗିତା ଆଜି ଉଦଘାଟିତ ହୋଇଯାଇଛିଛ ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ ଏବଂ ଯୁବ କ୍ରୀଡ଼ାଳୁମାନଙ୍କୁ କ୍ରୀଡା ମାଧ୍ୟମରେ ନିଜ କୌଶଳ ବିକାଶ କରିବା ସହ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉନ୍ନତିରେ ଗୁରୁତ୍ୱ ଦେବାକୁ ପ୍ରେରିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କ୍ରୀଡା ଚେତନା



ବିକାଶରେ ଏପରି ପ୍ରତିଯୋଗିତାର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେଛ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଏବଂ ଜିଲ୍ଲା ଆଥଲେଟିକ ସଂଘର ସମ୍ପାଦକ ସୟଦ ଆକମଲ ଅଲ୍ଲୀ ଯୋଗଦେଇଥିଲେ। ଆଜି ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା କାଲି ଉଦଯାପିତ ହେବ। ପ୍ରତିଯୋଗିତା ପରିଚାଳନାରେ ପିଇଟିମାନେ ଓ ବିଭିନ୍ନ କ୍ରୀଡା ସଂଘର କର୍ମକର୍ତ୍ତାମାନେ ସକ୍ରିୟ ସହଯୋଗ କରିଥିଲେ।

## ଅଁଳାଇ ପୀଠ ମହାବୀର ଜୟନ୍ତୀ ଓ ମହାଯଜ୍ଞ ଶୋଭାଯାତ୍ରାରେ ସାମିଲ ହେଲେ ଶତାଧିକ ବ୍ରତଧାରୀ

ଖୋର୍ଦ୍ଧା,୧୨।୪(ନି.ପ୍ର): ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଂଚାୟତ ଅଧୀନ ଉଇଲ କିଶନ ନଗର ମା ଅଁଳାଇ ଦେବୀ ପୀଠ ରେ ୨୪ ତମ ମହାବୀର ଜୟନ୍ତୀ ଓ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗତକାଲି ଅଙ୍କୁରାରୋପଣ ଓ ମଣ୍ଡଳକରଣ



ଗ୍ରାମରେ ପୂଜା ପାଉଥିବା ବିଭିନ୍ନ ଠାକୁରଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଆଜି ଗ୍ରାମ କୁଳଗୁରୁ ପୁରୋହିତ ବିଶ୍ୱନାଥ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଗ୍ରାମର ଝାରିଆ ପୋଖରୀ ଠାରୁ ଶହେ ରୁ ଉର୍ଦ୍ଧ ମାନସିକ ବ୍ରତ ଧାରୀ ପୋଖରୀରୁ ଜଳ କଳସ ଧରି ଗ୍ରାମ୍ୟ ପରିକ୍ରମା କରି ଶୋଭାଯାତ୍ରା ରେ ଆସିଥିଲେ । ଘଣ୍ଟ ଘଣ୍ଟା, ହରିବୋଲ ହୁଳହୁଳି ନାଦରେ ପ୍ରକମ୍ପିତ ହୋଇ ଉଠିଥିଲା ଗାଁ ର ଦାଣ୍ଡ । ଗ୍ରାମର ଭାଗବତ ଠାକୁର, ତ୍ରିନାଥ ଠାକୁର, ଧବଳେଶ୍ୱର ମହାଦେବ, ରାଧାକୃଷ୍ଣ ଆଦି ନିଜ ନିଜ ସୁସଜ୍ଜିତ ବିମାନ ରେ ଯଜ୍ଞ ସ୍ଥଳକୁ ଯାଇଥିଲେ । ଏହି ଅବସରେ ବିଭିନ୍ନ ବାଣ ଫୁଟା , ରୋଷଣୀ କଳଘୋଡା ନୃତ୍ୟ, ବୁଢାବୁଢ଼ି ନୃତ୍ୟକୁ ଦେଖିବାକୁ ଶହ ଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଯଜ୍ଞ ସ୍ଥଳରେ ପହଂଚିବା ପରେ ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା, ଓ ଅଗ୍ନି ସ୍ଥାପନ କରାଯାଇଥିଲା । ପରେ ଅପରାହ୍ନ ସମୟରେ ଯଜ୍ଞ କର୍ତ୍ତା ଆକାଶ ବିଶ୍ୱାଳଙ୍କ ଉପସ୍ଥିତି ରେ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇଥିଲା ।

ଏହି ବାର୍ଷିକ ଯଜ୍ଞ ଗ୍ରାମ ର ସମ୍ପାଦକ ସନାତନ ବିଶ୍ୱାଳଙ୍କ ପରିଚାଳନା ରେ ଆୟୋଜନ ହେଉଥିଲା ବେଳେ ଆସନ୍ତାକାଲି ଅପରାହ୍ନ ୫ ଟା ରେ ପୂର୍ଣ୍ଣାହୁତି ସହିତ ଯଜ୍ଞ ସମାପନ ହେବା ପରେ ସମୂହ ପ୍ରସାଦ ସେବନ ହେବ ବୋଲି ପୁରୋହିତ ବିଶ୍ୱନାଥ ନନ୍ଦ ସୂଚନା ଦେଇଛନ୍ତି ।

## ଧର୍ମପରାୟାଣା ମହିଳାଙ୍କ ପରଲୋକ

କେନ୍ଦ୍ରାପଡ଼ା,୧୨।୪(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡା ମୁସଲିମବସ୍ତିର ସ୍ୱର୍ଗତ ମିର୍ଜାଇରଫାନ ବେଗ୍‌ଙ୍କ ପତ୍ନୀ ଗୋରୀ ବିବିଙ୍କ ୮୭ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗ ଖବର ପାଇ ସ୍ଥାନୀୟ



ଅଞ୍ଚଳର ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜନାଜା ପାଠ କରାଯିବା ପରେ ଚାଟରାଚକଡା ସ୍ଥିତ କବରସ୍ଥାନରେ ତାଙ୍କୁ କବର ଦିଆଯାଇଛି।

## ଶୀତଳ ଷଷ୍ଠୀ ପାଇଁ ପ୍ରସ୍ତୁତି ବୈଠକ

ଡୁଙ୍ଗୁରିପାଲି,୧୨।୪(ନି.ପ୍ର): ଡୁଙ୍ଗୁରିପାଲି ସହରରେ ଆସନ୍ତା ଜୁନ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ବର୍ଷ ଶୀତଳ ଷଷ୍ଠୀ ମହୋତ୍ସବ ଅନୁଷ୍ଠିତ ହେବାକୁ ଆଜି ସ୍ଥିରିକୃତ ହୋଇ ଅଛି ।



ଡୁଙ୍ଗୁରିପାଲି ଶିବ ମନ୍ଦିର ପରିସରରେ କମଳାକାନ୍ତ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଜୁନ ୧୭ ତାରିଖ ପତର ପେଣ୍ଡି କାର୍ଯ୍ୟକ୍ରମ ରହିଥିବା ବେଳେ ଏପ୍ରିଲ ୨୦ ତାରିଖ ଥାଳ ଉଠା ହେବ । ଏ ବର୍ଷ କନ୍ୟାପିତା ଭାବରେ ଜ୍ୟୋତି ପ୍ରକାଶ ମିଶ୍ର ଏବଂ ହରିସ ସାହୁ ବାର ପିତା ଭାବରେ ଦାୟିତ୍ୱ ତୁଲାଇବେ । ମିନା ବଜାର ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ଏକ ନୂତନ ପରିଚାଳନା କମିଟୀ ସହିତ ଅନ୍ୟାନ୍ୟ କମିଟି ଗଠନ କରାଯାଇଛି । ସଭାପତି ଭାବେ ପ୍ରଦୀପ ମିଶ୍ର, ଉପସଭାପତି ହୃଷୀ ସାହୁ, ସମ୍ପାଦକ ରୁଦ୍ରକିଶୋର ମହଲା। ସହ ସମ୍ପାଦକ ସୁବାଷ ଚନ୍ଦ୍ର ପାତ୍ର, କୋଷାଧକ୍ଷ ହରିହର ଦନ୍ତା। ସୁନୀଲ ମିତଲ, ଲକ୍ଷ୍ମଣ ମେହେର, ଭୋଜରାଜ ଦସ୍ତସେନା। ଉମାଶଙ୍କର ଭାରାସାଗରିଆ, ବିପ୍ରଚରଣ ସାହୁ, ମୁକୁନ୍ଦ ମେହେର ସଦସ୍ୟ ରହିଛନ୍ତି । ଉପଦେଷ୍ଟା ଭାବରେ ହିମାଂଶୁ ଶେଖର ବିଶ୍ୱାଳ, ଥବିର ବିଶ୍ୱାଳ, ସୁରେନ୍ଦ୍ର ପତି, ଲକ୍ଷ୍ମୀଧର ନାୟକ, ରାଧେଶ୍ୟାମ ଘିବଳା – ପଦ୍ମଲୋଚନ ପଧାନ, ପବନ ଅଗ୍ରୱାଲ, ପବିତ୍ର ପାଣ୍ଡିଆ, ଅର୍ଜୁନ ସାହୁ। ନରେଶ, ଅଗ୍ରୱାଲ, ଚିନ୍ତାମଣି ମେହେର, ଶୃଙ୍ଖଳା କମିଟିରେ ଗୋପାଳ ବାରିକ, ରତ୍ନାକର ସେଠି, ଚିନ୍ମୟ ବେହେରା, ବିଭୁଦତ୍ତ ବିଶ୍ୱାଳ, ମଣ୍ଟୁ ଭୋଇ, ଲବ ପଧାନ, ଯଦୁମଣି କୁଦେଇ, ବେଣୁଧର ଦଣ୍ଡସେନା, ସୁବୋଧ ମହାଲିଙ୍ଗ, ମୁକେଶ ଭୋଇ , ପ୍ରମୋଦ ସାହୁ, ମାର୍କ ମେହେର ଏବଂ ଯାତ୍ରା କମିଟୀରେ ବନମାଳୀ ମେହେର, ଅମୁଲ୍ୟ ଦେହେରା, ଅରକ୍ଷିତ ମେହେର। ସାଧୁ ମେହେର, ଦାଶରଥ ସାହୁ, କଷ୍ଟ ଦେହେରୀ, ମୃତ୍ୟୁଞ୍ଜୟ ମିଶ୍ର, ବିରେନ୍ଦ୍ର ଭୋଇ, ବିଷ୍ଣୁ ପ୍ରସାଦ ବାରିକ, କୃଷ ଚନ୍ଦ୍ର ସାହୁ । ବିରଞ୍ଚି ପୂଝରୀ, ସିଂହଦେଓ ନାଏକ ରହିଛନ୍ତି ।

## ବୀରପୁତ୍ର ସମ୍ମିଳନୀ ଓ କବିତା ପାଠୋତ୍ସବରେ ଓଡ଼ିଆ ସଂସ୍କୃତିର ଗୌରବ

ସୁବର୍ଣ୍ଣପୁର,୧୨।୪(ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଗ୍ରନ୍ଥାଗାରରେ ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିନରେ ବୀରପୁତ୍ର ସମ୍ମିଳନୀ ଓ କବିତା ପାଠୋତ୍ସବ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପୂର୍ବାହ୍ନ ୧୦ଟାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଆତିଥି ଭାବରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥି ଭାବରେ ସୁଦାମ ନାଏକ, ସୁଦାମ ଦୀପ ଓ ଦେବଦାସ ମହାପାତ୍ର ଯୋଗଦେଇ ଓଡ଼ିଶାର ସଂସ୍କୃତି ପୁରୁଷ, ବିପ୍ଳବୀ ଓ ନାରୀ ସଂଗ୍ରାମୀମାନଙ୍କ ଉପରେ ଆଲୋଚନା କରିଥିଲେ। ସୁଲେଖକ ଗୋରେଖ ନାଥ ସାହୁ ଆଲୋଚନା ଚକ୍ରକୁ ସମୀକ୍ଷା କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁରର ୫୦ ଜଣ ଲେଖକ, ଲେଖିକା, ବୁଦ୍ଧିଜୀବୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ। ସ୍ୱାଗତ ଭାଷଣ ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଦେଇଥିବା ବେଳେ ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଗାଙ୍ଗପୁର ମଜଦୁର ମଞ୍ଚର ବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ

ରାଉରକେଲା,୧୨।୪(ନିପ୍ର): ଗାଙ୍ଗପୁର ମଜଦୁର ମଞ୍ଚର ବାର୍ଷିକ ସମ୍ମିଳନୀ ସେକ୍ଟର–୮ ସ୍ଥିତ ଗାଙ୍ଗପୁର ମଜଦୁର ମଞ୍ଚ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବାର୍ଷିକ ସମ୍ମିଳନୀ ସହ ଗାଙ୍ଗପୁର ମଜଦୁର ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଏଥିରେ ଯୋଡି ହୋଇଯାଇଛି। ଗାଙ୍ଗପୁର ମଜଦୁର ମଞ୍ଚର ପ୍ରତିଷ୍ଠାତା ଓ ସଭାପତି ତଥା ବିରମିତ୍ରପୁର ନିର୍ବାଚନମଣ୍ଡଳୀର ବିଧାୟକ ଜର୍ଜ ତିର୍କୀଙ୍କ ଏବଂ ଉପସଭାପତି ସୁଲେମାନ କଉଡିଆଙ୍କ ଦେହାନ୍ତ ହୋଇଯାଇଥିବାରୁ ଗାଙ୍ଗପୁର ମଜଦୁର ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବଚନ ଜରୁରୀ ହୋଇପଡ଼ିଥିଲା।



ରାଉରକେଲା ଇସ୍ପାତ କାରଖାନାର ସ୍ୱୀକୃତିପ୍ରାପ୍ତ ୟୁନିୟନ ଆରଏସ୍‌ଏସ୍ ନିକଟରୁ ଅଲଗା ହୋଇ ସ୍ୱତନ୍ତ୍ର ଭାବେ ନିର୍ବାଚନ ଲଢିବା ପାଇଁ ଘୋଷଣା କରାଯାଇଥିଲା। ଗାଙ୍ଗପୁର ମଜଦୁର ମଞ୍ଚର କର୍ମକର୍ତ୍ତା ନିର୍ବାଚନ ଆଜିର ବାର୍ଷିକ ସମ୍ମିଳନୀ ସହିତ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ସମ୍ମିଳନୀ ଅବସରରେ ମୁଖ୍ୟ ଅତିଥି ଭାବେ ସବୁଜ ବିପ୍ଳବୀ ନେତା ପ୍ରଫୁଲ୍ଲ ସାମନ୍ତରାୟ, ସମ୍ମାନୀୟ ଅତିଥି ଭାବେ ବୀରମିତ୍ରପୁର ବିଧାୟକ ତଥା ଗାଙ୍ଗପୁର ମଜଦୁର ମଞ୍ଚର କାର୍ଯ୍ୟକାରୀ ସଭାପତି ରୋହିତ ଯୋଶେଫ ତିର୍କୀ, ଗାଙ୍ଗପୁର ମଜଦୁର ମଞ୍ଚର ସାଧାରଣ ସମ୍ପାଦକ ଗୋପାଲ ଦାସ, ଉପସଭାପତି ଥମାସ୍ ଟପ୍ପୋ, ମାଙ୍ଗେ ଏକ୍କା ପ୍ରମୁଖ ମଞ୍ଚାସୀନ ଥିଲେ।

ଆରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ ସହ ବିରମିତ୍ରପୁରର ପୂର୍ବତନ ବିଧାୟକ ତଥା ଗାଙ୍ଗପୁର ମଜଦୁର ମଞ୍ଚର ପ୍ରତିଷ୍ଠାତା ଓ ସଭାପତି ସ୍ୱର୍ଗତ ଜର୍ଜ ତିର୍କୀ ଏବଂ ଉପସଭାପତି ସ୍ୱର୍ଗତ ସୁଲେମାନ କଉଡିଆଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗାଙ୍ଗପୁର ମଜଦୁର ମଞ୍ଚର ସାଧାରଣ ସମ୍ପାଦକ ଗୋପାଲ ଦାସ କର୍ମୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ରାଉରକେଲା ଇସ୍ପାତ କାରଖାନାର ଆଗାମୀ ୟୁନିୟନ ନିର୍ବାଚନରେ ଗାଙ୍ଗପୁର ମଜଦୁର ମଞ୍ଚ ଏକାକୀ ଲଢିବା ସହିତ ଶ୍ରମିକଙ୍କ ନ୍ୟାଯ୍ୟ ଦାବିକୁ ଇସ୍ପାତ କାରଖାନା ଓ ସରକାରଙ୍କ ପାଖରେ ଉପସ୍ଥାପିତ କରିବ। କେନ୍ଦ୍ର ସରକାର ଆଗରୁ ଥିବା ୪୪ଟି ଶ୍ରମ କୋର୍ଡକୁ ପରିବର୍ତ୍ତନ କରି ୪ଟି ଶ୍ରମ କୋର୍ଡ ଆଣିଥିବାରୁ ଗାଙ୍ଗପୁର ମଜଦୁର ମଞ୍ଚ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବି ନେଇ ଲଢିବ ବୋଲି କହିଥିଲେ। ବିଧାୟକ ଓ ମଜଦୁର ମଞ୍ଚର କାର୍ଯ୍ୟକାରୀ ସଭାପତି ରୋହିତ ଯୋଶେଫ ତିର୍କୀ କହିଥିଲେ ଯେ, ତାଙ୍କ ପିତା ସ୍ୱର୍ଗତ ଜର୍ଜ ତିର୍କୀ ଶ୍ରମିକଙ୍କ ସ୍ୱାର୍ଥ ତଥା ଆଦିବାସୀଙ୍କ ସ୍ୱାଭିମାନ ପାଇଁ ଯେପରି ଜଳ, ଜଙ୍ଗଲ ଓ ଜମି ପାଇଁ ଲଢିଥିଲେ, ସେ ମଧ ତାଙ୍କ ପିତା ତଥା ଗାଙ୍ଗପୁର ମଜଦୁର ମଞ୍ଚର ସ୍ୱାର୍ଥକୁ ସର୍ବାଗ୍ରେ ରଖି ଲଢ଼ିବେ।

ମୁଖ୍ୟ ଅତିଥି ତଥା ସବୁଜ ବିପ୍ଳବର ପୁରୋଧା ପ୍ରଫୁଲ୍ଲ ସାମନ୍ତରାୟ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନର ସରକାର ୪୪ଟି ଶ୍ରମ କୋଡ୍ ବଦଳରେ ୪ଟି ଶ୍ରମ କୋଡ୍ ଆଣିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସେ କହିଲେ, ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଥିବା ଖଣିଗୁଡିକୁ କିପରି ଆଦାନୀ ଗ୍ରୁପକୁ ଟେକି ଦିଆଯାଇଛି ଏବଂ ଆଗାମୀ ଦିନରେ କାରଖାନାକୁ ଘରୋଇ କମ୍ପାନୀ ହାତରେ ଟେକି ଦିଆଯିବ ତାହାର ଅବତାରଣା କରିଥିଲେ। ଆଦିବାସୀଙ୍କ ଅଧିକାର ପାଇଁ ଲଢୁଥିବା ଗାଙ୍ଗପୁର ମଜଦୁର ମଞ୍ଚର ପ୍ରତିଷ୍ଠାତା ତଥା ସଭାପତି ସ୍ୱର୍ଗତଜର୍ଜ ତିର୍କୀ ଜଳ, ଜଙ୍ଗଲ ଓ ଜମି ପାଇଁ ଲଢୁଥିଲେ। ଆଗାମୀ ଦିନରେ ଆଦିବାସୀ ଓ ଶ୍ରମିକଙ୍କ ସ୍ୱାଭିମାନକୁ ଦୃଷ୍ଟିରେ ରଖି ଗାଙ୍ଗପୁର ମଜଦୁର ମଞ୍ଚ ଜଳ, ଜଙ୍ଗଲ, ଭୂମି, ଶ୍ରମ ଆଇନ, ଖଣି ପାଇଁ ଲଢିବ ବୋଲି କହିଥିଲେ।

ବାର୍ଷିକ ସମ୍ମିଳନୀରେ ମଜଦୁର ମଞ୍ଚର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଏହି ନୂତନ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଗାଙ୍ଗପୁର ମଜଦୁର ମଞ୍ଚର ସଭାପତି ଭାବରେ ବିରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀଙ୍କୁ ନିର୍ବାଚିତ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ମାଙ୍ଗେ ଏକ୍କା, ଉପସଭାପତି ଭାବରେ ଥମାସ୍ ଟପ୍ପୋ, ବାସିଲ ଏକ୍କା, ଚିତ୍ତରଞ୍ଜନ ଭୂମିଜ, ବିଷ୍ଣୁ ମହାନ୍ତ, ରାଜେଶ ତିର୍କୀ ନିର୍ବାଚିତ ହୋଇଛନ୍ତି। ଗାଙ୍ଗପୁର ମଜଦୁର ମଞ୍ଚର ମାର୍ଗ ଦର୍ଶକ ଭାବରେ ପ୍ରଫୁଲ୍ଲ ସାମନ୍ତରାୟଙ୍କୁ ନିର୍ବାଚିତ କରାଯାଇଥିଲା ବେଳେ ସାଧାରଣ ସମ୍ପାଦକ ଭାବରେ ଗୋପାଲ ଦାସ ଏବଂ କୋଷାଧ୍ୟକ୍ଷ ଭାବେ ଆନନ୍ଦ ଟପ୍ପୋଙ୍କୁ ନିର୍ବାଚିତ କରାଯାଇଛି। ଆଜିର ବାର୍ଷିକ ସମ୍ମିଳନୀ ଶେଷରେ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ସ୍ୱାଭିମାନ କେ ସାଥ୍ ଜିଏଙ୍ଗେ, ସ୍ୱାଭିମାନ କେ ସାଥ୍ ଜିତେଙ୍ଗ ସ୍ଲୋଗାନ ଦିଆଯାଇ ସମ୍ମିଳନୀ ଶେଷ କରାଯାଇଥିଲା।

## ଜିଲ୍ଲା ମହୋତ୍ସବ ପାଇଁ ଖୁଲୁଡ଼ି ଶୈବପୀଠରୁ ବାହାରିଲା ମଶାଲ

ପାଲଲହଡା,୧୨।୪(ନି.ପ୍ର): ଅନୁଗୁଳ ଜିଲ୍ଲା ମହୋତ୍ସବ ପାଇଁ ଆଜି ଜିଲ୍ଲା ର ଚାରିଗୋଟି ସ୍ଥାନରୁ ବାହାରିଲା ମଶାଲ ଶୋଭାଯାତ୍ରା। ପାଲଲହଡା ବ୍ଲକର ଖୁଲୁଡ଼ି ବାବା ଗିରିଶ୍ୱର ଶୈବ ପୀଠରୁ ଆଜି ସକାଳ ସାତ ଘଟିକା ସମୟରେ ବାବା ଗିରିଶ୍ୱରଙ୍କ ନିକଟରେ ପୂଜାର୍ଚ୍ଚନା ହୋଇ ମଶାଲ ଯାତ୍ରା ବାହାରିଥିଲାଛ ଏହି କାର୍ଯ୍ୟକ୍ରମରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଉପଜିଲ୍ଲାପାଳ ପାଲଲହଡା ରବିନ୍ଦ୍ର କୁମାର ପଟେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ଅତିରିକ୍ତ ତହସିଲଦାର, ବ୍ଲକ ଶିକ୍ଷାଧିକାରୀ ଙ୍କ ସମେତ ଉପଖଣ୍ଡର ସମସ୍ତ ବିଭାଗ କର୍ମଚାରୀ ଓ ପୋଲିସ ବାହିନୀ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ।



କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହ ଖୁଲୁଡ଼ି ବାବା ଗିରିଶ୍ୱର ମନ୍ଦିରରୁ ବିରାଟ ଶୋଭାଯାତ୍ରା ରେ ନାମ ସଂକୀର୍ତନ ସହ ବାହାରି ଖୁଲୁଡ଼ି, ଝାରବେଡା, ନମ୍ପସି, କନ୍ତଲା ଛକ ଦେଇ ପାଲଲହଡା ସହର ଦେଇ ମା ହିଙ୍ଗୁଳା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଆଜି ମା ହିଙ୍ଗୁଳା ମନ୍ଦିର ରେ ମଶାଲ କୁ ସ୍ଥାପନ କରାଯାଇ ଆସନ୍ତା ଏପ୍ରିଲ ୧୭ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଛଅ ଦିନ ଧରି ହେବାକୁ ଥିବା ଅନୁଗୁଳ ଷ୍ଟାଡିୟମ ଠାରେ ଜିଲ୍ଲା ମହୋତ୍ସବ ଠାରେ ଅବସ୍ଥାପିତ ହେବ। ଏହି ତ୍ରୟୋଦଶ ଜିଲ୍ଲା ମହୋତ୍ସବ ବହୁ ଆଡମ୍ବର ସହ ସହ ୬ ଦିନ ଧରି ଓଡିଶାର ଲୋକ କଳା ଠାରୁ ଆରମ୍ଭ କରି ଆଞ୍ଚଳିକ ଲୋକ କଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଅନୁଗୁଳ ଷ୍ଟାଡିୟମ ଦୁଲୁକିବ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

ବୋଲଗଡ,୧୨।୪(ନି.ପ୍ର): ବୋଲଗଡସ୍ଥ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ୩୩ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ନନ୍ଦିଘୋଷ ଭବନରେ ଅନୁଷ୍ଠିତ ହୋଇଛି। ଶିକ୍ଷା କେନ୍ଦ୍ରର ସଭାପତି ଲଲାଟେନ୍ଦୁ କେଶରୀ ସିଂ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ବକ୍ତା ପରମାନନ୍ଦ




ମହାବିଦ୍ୟାଳୟ ର ଅଧକ୍ଷା ଡ଼. ଅନୁସୂୟା ପୃଷ୍ଟି, ସମ୍ମାନିତ ଅତିଥି ରୂପେ ପ୍ରତିଷ୍ଠାତା ହରିହର ସାହୁ ସିନେ କଳାକାର ଶ୍ରୀମତୀ କୀର୍ତ୍ତି ମହାନ୍ତି ଏବିଇଓ କୈଳାସ ନାଥ ସ୍ୱାଇଁ ପ୍ରାକ୍ତନ ଏବିଇଓ ପଦ୍ମ ଚରଣ ବେହେରା, ସରପଞ୍ଚ ଶ୍ରୀମତୀ ଗୀତାଞ୍ଜଳି ସାହୁ ଓ ସମିତିସଭ୍ୟା ଶ୍ରୀମତୀ ନିର୍ମଳା ପ୍ରଧାନ ପ୍ରମୁଖ ଯୋଗଦେଇ ବିବେକାନନ୍ଦ ଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ୟଙ୍ଗ କବି ରାଧାମୋହନ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ପରିଶେଷରେ ସନାତନ ପାଟ୍ଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଓଡ଼ିଆ ପକ୍ଷ ଅବସରେ ହଳଦିଆ ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ

ଖୋର୍ଦ୍ଧା,୧୨।୪(ନି.ପ୍ର): ଖୋର୍ଦ୍ଧା ବ୍ଲକ ଅଧୀନ ହଳଦିଆ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ -୨୦୨୬ ଅବସରେ ଏକ ରକ୍ତଦାନ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ଶାନ୍ତନୁ କୁମାର ମିଶ୍ର ଉଦଘାଟନ କରିଛନ୍ତି । ଏହି ଅବସରେ ଶ୍ରୀ ମିଶ୍ର କହିଲେ ଓଡ଼ିଆ ପରମ୍ପରା, ସଂସ୍କୃତ, ଐତିହ୍ୟ ଯୁଗେ ଯୁଗେ ରହି ଆସିଥିଲା ବେଳେ ସେହି ଓଡ଼ିଆ, ସଂସ୍କୃତି, ପରମ୍ପରା କୁ ବଜାୟ ରଖିବା ତାହାକୁ ଆହୁରି ଦୃଢ଼ କରିବାକୁ ବର୍ତ୍ତମାନ ଓଡ଼ିଆ ପକ୍ଷ ପାଳନ ହେଉଥିବା



ବେଳେ ଆମ ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଭଳି ମହତ କାର୍ଯ୍ୟ ହାତକୁ ନେଇଥିବାରୁ ଛାତ୍ର ଛାତ୍ରୀ ଓ ରକ୍ତଦାତାକୁ କୃତଜ୍ଞତା ଜଣାଇ ଥିଲେ । ଏହି ଶିବିର ରେ ଯୁବ ରେଡ଼କ୍ରସ ର କାଉନସିଲର ସନାତନ ସାହୁ,ଜାତୀୟ ସେବା ଯୋଜନା ର ପୋଗ୍ରାମ ଅଫିସର ଅଜୟ କୁମାର ସାହୁ, ଅର୍ଥନୀତି ବିଭାଗ ର ଅଧାପକ ପ୍ରସନ୍ନ ବିଶ୍ୱାଳ,ତର୍କଶାସ୍ତ୍ର ଓ ଦର୍ଶନ ବିଭାଗ ର ଅଧାପକ ବିକ୍ରମ କେଶରୀ ସାମନ୍ତରାୟ,ବାଣିଜ୍ୟ ବିଭାଗ ଅଧାପକ ନିରଞ୍ଜନ ବେହେରା, ମନସ୍ତତ୍ୱ ବିଭାର ଡେମନଷ୍ଟ୍ରେଟର ଅରୁଣାଭ ଭଞ୍ଜଦେଓ, ନିରଞ୍ଜନ ମହାପାତ୍ର,ଶରତ ଚନ୍ଦ୍ର ସାମନ୍ତରାୟ,ପ୍ରମୁଖ ଶିବିର ପରିଚାଳନା କରିଥିଲେ । ମୋଟ ୧୮ ଟି ରକ୍ତ ସଂଗ୍ରହ ହୋଇଥିଲା ବେଳେ ରେଡକ୍ରସ ଓ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ,ଶିବିର ଆୟୋଜନ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସୌରଭ ସୁନ୍ଦରାୟ,ରକ୍ତ ଭଣ୍ଡାର ର ଅରୁଣ କୁମାର ସାହୁ,ଝାନସୀରାଣୀ ପାତ୍ର ଓ ଅନ୍ୟମାନେ ସହଯୋଗ କରିଥିଲେ ।

## ବଡପଦର ସରକାରୀ ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ

କୋରୁକୋଣ୍ଡା,୧୨।୪(ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡପଦର ସରକାରୀ ଉଚ୍ଚ ବିଦ୍ୟାଳୟର ସଭାପତି ତଥା ପ୍ରଧାନ



ଶିକ୍ଷକ କ୍ଷୀତଶ୍ୱର ସରକାରଙ୍କ ତତ୍ୱାବଧାନରେ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ଦିଲୀପ କୁମାର ଓଝା ସମ୍ମାନୀୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ତଥାକଣ୍ଡେଲ ର ପ୍ରଧାନ ଶିକ୍ଷକ ବସନ୍ତ କୁମାର ରଣା, ସବିତା ତ୍ରିପାଠୀ, ସରପଞ୍ଚ ସ୍ୱପ୍ନା ଖିଲ,ଲଳିତ କୁମାର ବେହେରା, ରବୀନ୍ଦ୍ର ବୃଶାଖୀ, ଜଗୁ ଢୁରୁ, ରଚନା ପୁରୋହିତ, ଗୌର ହରି ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ସର୍ବ ପ୍ରଥମେ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ଜଗନ୍ନାଥ ଠାକୁରଙ୍କ ଫୋଟ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଟିକୁ ଆରମ୍ଭ କରାଯାଇଥିଲା। ଉପସ୍ଥିତ ଅତିଥି ଗଣ ଅଭିଭାଷଣରେ ନିଜ ନିଜର ଅନୁଭୂତିକୁ ବିଦ୍ୟାଳୟ ଏବଂ ଛାତ୍ର ଛାତ୍ରୀ ମାନେ ଆଗାମୀ ଭବିଷ୍ୟତରେ ବିଦ୍ୟାଳୟ ଓ ନିଜ ନିଜ ଉନ୍ନତି କେମିତି କରିବେ ତାହା ମତ ରଖିଥିଲେ। ଆୟୋଜିତ ସଭାରେ ସମସ୍ତଙ୍କ ଉପସ୍ଥିତରେ ବିଦ୍ୟାଳୟ ର ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କୁ ଉତ୍ତୋରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଗଲା। ଏହି ବାର୍ଷିକ ଉତ୍ସବ ରେ ବିଦ୍ୟାଳୟର ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ ଛଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିବା ବେଳେ ଆରଏସି ୧୨ ଗ୍ରାମର ପ୍ରଧାନ ଶିକ୍ଷକ ନୀଳାଦ୍ରି ରାଉତ ସାମନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ଗଙ୍ଗାଧର ଖରା ପୁରସ୍କାର ବିତରଣ ରେ ସହଯୋଗ କରିଥିଲେଛ ଶେଷରେ ବିଦ୍ୟାଳୟ ର ଶିକ୍ଷକ ପିତାମ୍ବର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

### ବୋଲେରୋ ଓ ବାଇକ ଦୁର୍ଘଟଣା
# କ୍ଷତିପୂରଣ ଦାବିରେ ଚାରି ଛକ ଅବରୋଧ

ଦାରିଙ୍ଗବାଡ଼ି,୧୨।୪(ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅଞ୍ଚଳ ରେ ଶନିବାର ଦିନ ବୋଲେରୋ ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ ହୋଇଥିଲା, ତେବେ ଉକ୍ତ ଘଟଣା ରେ କୁନେଇ ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦାବିରେ ଆଜି ଦାରିଙ୍ଗବାଡି ର ଚାରି ଛକ ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ଗ୍ରାମ ବାସୀ। ପ୍ରାପ୍ତ ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅଧିନସ୍ଥ ପଞ୍ଚୁପଲ୍ଲୀ ଗ୍ରାମ ନିକଟରେ ଗତ କାଲି ବୋଲେର ଗାଡ଼ି ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି, ମୃତକ ଜଣକ ହେଲେ କୁମ୍ଭାରବାଡ଼ି ଗ୍ରାମର ବୁକେନ୍ଦ୍ର ନାୟକଙ୍କ ପୁଅ ଶାଶ୍ୱତ ନାୟକ (୨୪) ବୋଲି ଜଣାପଡ଼ିଛି । ମୃତ ଶାଶ୍ୱତ ନିଜ ଗ୍ରାମ ଠାରୁ ଦାରିଙ୍ଗବାଡି ଯାଉଥିବା ବେଳେ ବିପରୀତ ଦିଗ ତଥା ଦାରିଙ୍ଗବାଡ଼ିରୁ ସୋରଡ଼ା ଆଡ଼କୁ ଯାଉଥିବା



ବୋଲେର ଗାଡ଼ି ନମ୍ବର (ଓଡି୦୫ଏଏଲ୭୯୪୯) ଓ ବାଇକ ମୁହାଁମୁହିଁ ଦୁର୍ଘଟଣା ହୋଇ ଘଟଣା ସ୍ଥଳରେ ବାଇକ ଚାଳକ ଙ୍କ ମୃତ ହୋଇଥିଲେ । ଖବର ପାଇ ଗ୍ରାମ ବାସୀ ଅଟୋ ଯୋଗେ ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇଥିଲେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ଏନେଇ ମୃତ ଶାଶ୍ୱତଙ୍କ ସ୍ତ୍ରୀ ଚୁମିକି ଜେନା ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ଏହି ପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ପ୍ରତିବାଦ ରେ ରବିବାର ଦିନ ଗ୍ରାମବାସୀ ଓ ଆତ୍ମୀୟ ସୋଜନ ଦାରିଙ୍ଗବାଡି ସ୍ଥିତ ଚାରି ଛକ ଠାରେ ଗଣ ଧାରଣା ଦେଇଥିବା ଜଣା ପଡ଼ିଛି, ସକାଳ ପ୍ରାୟ ୬ଟା ରୁ ଲୋକେ ଗଣ ଧାରଣା ରେ ବସିଥିବା ବେଳେ ଉକ୍ତ ଘଟଣା ରେ ତୁରନ୍ତ କେଶ୍ ଦାଏର କରି ଗାଡ଼ି ଚାଳକ ଙ୍କୁ ଗିରଫ କରିବା ସହ ମୃତ ପରିବାରକୁ କ୍ଷତି ପୂରଣ ଦାବି କରିଥିଲେ, ତେବେ ଘଟଣା ସ୍ଥଳରେ ଥାନା ଆଇ ଆଇ ସି ସଂଗ୍ରାମ କେଶରୀ ଜେନା ଓ ତହସିଲ ଦାର ସଦଳ ବଳେ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିଥିଲେ, ପ୍ରଶାସନ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଇ ନ ଥିବା ବେଳେ ଥାନା କେଶ୍ ନଂ ୯୦/ ୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଅଧିକ ତଦନ୍ତ ଚାଲୁ ରଖି ଥିବା ନେଇ ଥାନା ଆଇ ଆଇ ସି ଶ୍ରୀ ଜେନା ସୁଚନା ପ୍ରଦାନ କରିଛନ୍ତି ।

## ସରକାରୀ ନିୟମର ଖୋଲା ଉଲ୍ଲଙ୍ଘନ, ରାସ୍ତା ଉପରେ ବାଲିଗଦା

କେନ୍ଦ୍ରାପଡ଼ା,୧୨।୪(ନିପ୍ର): ସରକାରଙ୍କ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇ କେନ୍ଦ୍ରାପଡା ସହରର ମୁଖ୍ୟରାସ୍ତାରେ ବାଲିଗଦା କରାଯାଇଛି। ଅଭିଯୋଗ ହେଉଛି, ତିନିମୁହାଣୀ-ନୂଆ ବସଷ୍ଟାଣ୍ଡ ମୁଖ୍ୟ ରାସ୍ତାର କଜଳାସ୍ଥିତ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଏବଂ ଅର୍ବାନବ୍ୟାଙ୍କ କାର୍ଯ୍ୟାଳୟ ମଧରେ ଥିବା ରାସ୍ତା ଉପରେ ବାଲି ଗଦା ହୋଇଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତା ସଙ୍କୀର୍ଣ୍ଣ ହୋଇଯିବାରୁ ସେହି ରାସ୍ତା ଦେଇ ଗାଡିମୋଟର ଓ ପଥଚାରୀମାନେ ଯିବା ଆସିବା କରିବାରେ ଗୁରୁତର ବାଧା ସୃଷ୍ଟି ହୋଇଛି। ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଏ ସଂପର୍କରେ କେନ୍ଦ୍ରାପଡ଼ା



ତହସିଲଦାର ଓ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ କେନ୍ଦ୍ରାପଡା ତହସିଲଦାର କୁଇନି ଜେନାଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ପାଇଛି। ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।

## ବେସରକାରୀ ସ୍କୁଲମୁହାଁ ଛାତ୍ରଛାତ୍ରୀ: ପ୍ରତିକାର ଜରୁରୀ

ରିଆମାଳ,୧୨।୪(ନିପ୍ର): ସରକାରୀ ସ୍କୁଲରୁ ଛାତ୍ର ଛାତ୍ରୀମାନେ ପ୍ରାଇଭେଟ ସ୍କୁଲକୁ ପଳାଇବା ଆମ ସରକାରୀ ଶିକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହାଦ୍ୱାରା ସମାଜର ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଅଭିଭାବକମାନେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାଇଭେଟ୍ ସ୍କୁଲକୁ ବାଛୁଛନ୍ତି, ଏହା ଦୋଷ ନୁହେଁ । କିନ୍ତୁ ଏହି ପସନ୍ଦ ପଛରେ ଥିବା କାରଣଗୁଡିକ ଚିନ୍ତାଜନକ । ସରକାରୀ ସ୍କୁଲରେ ଶିକ୍ଷକ ଅଭାବ, ଅନିୟମିତ ପାଠପଢା, ଆଧାରଭୁତ ସୁବିଧାର ଦୂରବସ୍ଥା ଓ ଗୁଣାତ୍ମକ ଶିକ୍ଷାର ଅଭାବ ଅଭିଭାବକଙ୍କ ଭରସାକୁ ଭାଙ୍ଗି ଦେଇଛି।

ମାଗଣା ପୁସ୍ତକ ଓ ମଧାହ୍ନ ଭୋଜନ ଥିଲେ ମଧ ଶିକ୍ଷାର ମୂଳ ଉଦ୍ଦେଶ୍ୟ ପୂରଣ ହେଉନାହିଁ ବୋଲି ସେମାନେ ଭାବୁଛନ୍ତି। ଏହାର ଆଉ ଏକ ଭୟଙ୍କର ପାର୍ଶ୍ୱ ହେଲା, ଶିକ୍ଷାର ବ୍ୟବସାୟୀକରଣ। ପ୍ରାଇଭେଟ୍ ସ୍କୁଲର ଉଚ୍ଚ ଫି ଗରିବ ଓ ମଧମ ବର୍ଗ ପରିବାରକୁ ଅର୍ଥନୈତିକ ଚାପରେ ପକାଉଛି। ଶିକ୍ଷା ଯଦି କେବଳ ଟଙ୍କା ଥିବା ଲୋକଙ୍କ ଅଧିକାର ହୋଇଥାଏ ତେବେ ସାମାଜିକ ସମତା କିପରି ରହିବ? ସରକାରୀ ସ୍କୁଲ ଦୁର୍ବଳ ହେଲେ ଶିକ୍ଷା ସୁଯୋଗର ଧାରଣା ଭଙ୍ଗ ହେବ। ଏହାର ପ୍ରଭାବ ଦୀର୍ଘକାଳୀନ ସାମାଜିକ ବିସମତା ବଢିବ, ଗ୍ରାମ ଓ ସହର ମଧରେ ଶିକ୍ଷାର ଅନ୍ତର ଗଭୀର ହେବ । ଏହି ଅବସ୍ଥାରେ ନିରବ ରହିବାମାନେ ଭବିଷ୍ୟତ ପ୍ରତି ଅବହେଳା। ସରକାରୀ ସ୍କୁଲକୁ ପୁନର୍ଜୀବନ ଦେବା ସମୟର ଆବଶ୍ୟକତା। ଶିକ୍ଷକ ନିଯୁକ୍ତି, ନିୟମିତ ପାଠପଢା, ଆଧୁନିକ ଶିକ୍ଷା ପ୍ରଣାଳୀ ଓ ଅଭିଭାବକଙ୍କ ଭରସା ପୁନଃସ୍ଥାପନ ଅତ୍ୟାବଶ୍ୟକ । ସରକାର ସହିତ ସମାଜ ମଧ ଦାୟିତ୍ୱ ନେବା ଦରକାର। ସରକାରୀ ସ୍କୁଲ ରକ୍ଷାମାନେ କେବଳ ଗୋଟିଏ ପ୍ରତିଷ୍ଠାନ ରକ୍ଷା ନୁହେଁ, ଏହା ସମାନତା, ସୁଯୋଗ ଓ ଭବିଷ୍ୟତ ରକ୍ଷା । ଏହି ସତ୍ୟକୁ ଆମେ କେବେ ବୁଝିଛୁ ?

## କାରଖାନା କବ୍‌ଜାରେ ସଂରକ୍ଷିତ ଜମି: ସାଧାରଣରେ ତୀବ୍ର ଅସନ୍ତୋଷ

ବଣାଇ,୧୨।୪(ନି.ପ୍ର): ସରକାରୀ ଜମି ସୁରକ୍ଷା ଓ ପିଲାମାନଙ୍କ ଭବିଷ୍ୟତ ନେଇ ଯେଉଁଠାରେ ଦୃଢ଼ ନୀତିର କଥା କହାଯାଉଛି, ସେଠାରେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ଗଳ୍ପ କହୁଛି। ବଣାଇ ତହସିଲ ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମରେ ସ୍କୁଲ ଓ ଖେଳପଡ଼ିଆ ପାଇଁ ସଂରକ୍ଷିତ ସରକାରୀ ଜମିକୁ ଏକ କାରଖାନା ଦଖଲ କରିବା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ସୂଚନା ଅଧିକାର ତଥ୍ୟ ଅନୁଯାୟୀ, କେନ୍ଦ୍ରିକଳା ଗ୍ରାମର ଖାତା ନଂ ୨୨୩, ପ୍ଲଟ୍ ନଂ ୨୪୮୦ର ୩ ଏକର ୪୪ ଡେସିମିଲ ସରକାରୀ ଜମି ସ୍କୁଲ ଘର ଓ ଖେଳପଡ଼ିଆ ପାଇଁ ସଂରକ୍ଷିତ ଥିଲା। କିନ୍ତୁ ଅଭିଯୋଗ ହେଉଛି, ସେହି ଜମିକୁ କାରଖାନାକୁ ଦେବା ପାଇଁ ସରକାରୀ ରେକର୍ଡର ମନ୍ତବ୍ୟ କଲମକୁ ଚଞ୍ଚକତାର ସହିତ ପରିବର୍ତ୍ତନ କରାଯାଇଛି। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟନୁଷ୍ଠାନ ନ ହେବାରୁ ସନ୍ଦେହ ଆହୁରି ଗାଢ଼ ହେଉଛି। କାରଖାନା ପ୍ରତି ବିଭାଗର ଅହେତୁକ ଅନୁକମ୍ପା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏହି ଜମି ଉପରେ ଜବରଦଖଲ ମାମଲା ରୁଜୁ ହୋଇଥିଲେ ମଧ ୭୦ ହଜାର ଟଙ୍କା ଜୋରିମାନା ଆଦାୟ କରି ମାମଲାକୁ ଶୀତଳ ଭଣ୍ଡାରରେ ପକାଇ ଦିଆଯାଇଥିବା ଅଭିଯୋଗ ହୋଇଛି। କୋଟି କୋଟି ଟଙ୍କାର ସରକାରୀ ଜମିକୁ ଶାଗ-ମାଛ ଦରରେ ହସ୍ତାନ୍ତର କରାଯାଇଛି। ଅଧିକାରୀଙ୍କ ଏତେ ଦରଦ କଣ ପାଇଁ? ଏତଦ୍‌ଭିନ୍ନ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ପକ୍ଷରୁ ମନରେଗା ଯୋଜନାରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ଖେଳପଡ଼ିଆ ଉନ୍ନୟନ ପ୍ରସ୍ତାବ ରହିଥିଲେ ମଧ ଜମି ମୁକ୍ତ ନ ହେବାରୁ ତାହା ଅଟକି ରହିଛି। ଜନକଲ୍ୟାଣ ଉଦ୍ଦେଶ୍ୟରେ ଥିବା ସରକାରୀ ଜମି କାରଖାନା ଦଖଲ କରେ ଓ ପ୍ରଶାସନ ନିରବ ରହେ, ତେବେ ସାଧାରଣ ଲୋକ ନ୍ୟାୟ ପାଇଁ କାହା ନିକଟକୁ ଯିବେ? ଯଦିଓ ତହସିଲ ପକ୍ଷରୁ 'ଖ' ନୋଟିସ ଜାରି ହୋଇଛି, ତଥାପି ଜମି କେବେ ମୁକ୍ତ ହେବ ସନ୍ଦେହ ସୃଷ୍ଟି ହୋଇଛି।

ନିକଟରେ ଲହୁଣୀପଡ଼ା ତହସିଲ ଉଲସୁରେଇରେ ଗୋଚର ଜମି ଉପରେ ଘର ନିର୍ମାଣ ହେବାରୁ ପ୍ରଶାସନ ତୁରନ୍ତ ଉଚ୍ଛେଦ କରିଥିଲା। ହେଲେ କେନ୍ଦ୍ରିକଳାରେ କାହିଁକି କଡା କାର୍ଯ୍ୟନୁଷ୍ଠାନ ହେଉନି? ସରକାରୀ ଜମିକୁ ଜବରଦଖଲ ମୁକ୍ତ କରି ସ୍କୁଲ ଓ ଖେଳପଡ଼ିଆ ପାଇଁ ଫେରାଇ ଦେବା ଏବଂ ଏଭଳି କାର୍ଯ୍ୟରେ ଜଡ଼ିତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟଥା ଆନ୍ଦୋଳନ ତୀବ୍ର ରୂପ ନେବା ଆଶଙ୍କା ରହିଛି।

## ଓଡ଼ିଆ ପକ୍ଷ ଅବସରରେ ଓଡିଶାର ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର

ଭବାନୀପାଟଣା,୧୨।୪(ନି.ପ୍ର): ରାଜ୍ୟସରକାରଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ ପହିଲା ରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡିଆ ପକ୍ଷ ପାଳନ କରାଯାଉଛି। ସ୍ଥାନୀୟ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାର ବରପୁତ୍ର ମାନଙ୍କ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଜୟଦେବ ସାହୁ, ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଲେଖକ ଓ ସାମ୍ବାଦିକ ଉମାଶଙ୍କର କର, ଡଃ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଶତପଥି, ସୁଦର୍ଶନ ଦାସ, ଅବସର ପ୍ରାପ୍ତ ପ୍ରାଧାପକ ଅଜୟକୁମାର ମିଶ୍ର, ଦିଲେଶ୍ୱର ରଣା, ଅବିନାଶ ମୁଣ୍ଡ ପ୍ରମୁଖ ଯୋଗଦେଇ ଓଡିଶା ବରପୁତ୍ର ମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ କବି



ଦର୍ଭାନ,ସମ୍ମାନିତ ଅତିଥି ଭାବେ ପୂର୍ବତନ ଭାରପ୍ରାପ୍ତ ଭି ସି ଡଃ ନିବେଦିତା ନାଥ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଡେପୁଟି ରେଜିଷ୍ଟର କବୟତ୍ରୀମାନଙ୍କ ଦ୍ୱାର କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅଧାପକ ଡ଼ୋଲାମଣୀ ଧାରୁଆ ପରିଚାଳନା କରିଥିଲେ।

## ମାତିଛନ୍ତି ଲୁଟେରା ଝାମ୍ପି ନେଲେ ଭ୍ୟାନିଟି

ବୋଲଗଡ,୧୨।୪(ନି.ପ୍ର): ଏବେ ପୁଣି ଜାତୀୟ ରାଜପଥ ୫୭ରେ ଲୁଟେରା ମାତିଛନ୍ତି। ବାଇକ ଯାତ୍ରୀଙ୍କ ଠାରୁ ଭ୍ୟାନିଟ ବେକରୁ ହାର ଆଦି ଝାମ୍ପି ନେଉଛନ୍ତି ଗତ କାଲି ଅପରାହ୍ନରେ ବୋଲଗଡ ପଞ୍ଚୁକୋଟ ଗ୍ରାମର ପ୍ରସନ୍ନ ମାର୍ଥା ଓ ପତ୍ନୀ ପୂଜା ମାର୍ଥା ନିଜ ବାଇକ ରେ ଗ୍ରାମକୁ ଫେରୁଥିବା ବେଳେ ବିନୋଦ ପଡାର ଅନତି ଦୂରରେ ଏକ ନୀଳରଙ୍ଗର ବାଇକ ନଂ କ୍ଷ୍ଣ୦୨ଲ୍କ ୦୫୨୧ ରେ ଆସି ପୂଜା ଧରିଥିବା ଭ୍ୟାନିଟକୁ ଝାମ୍ପି ନେଇ ପିଚୁକୁଳି ଆଡକୁ ଦ୍ରୁତ ବେଗରେ ପଳାଇଥିଲେ।

ବାଇକରୁ ପଡି ଦମ୍ପତି ଆହତ ହୋଇଥିବା ସୂଚନା ଦେଇଛନ୍ତି। ଏନେଇ ପୂଜା ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ବାଇକ ନମ୍ବରକୁ ନେଇ ତଦନ୍ତ କରୁଥିବା ଜଣାପଡିଛି।

ତେବେ ୨୪ଘଣ୍ଟା ବିତିଯାଇଥିଲେ ମଧ ଏଯାବତ ଲୁଟେରାଙ୍କ ପତ୍ତା ମିଳିନାହିଁ। ପୂଜାଙ୍କ କହିବାନୁଯାୟୀ ଭ୍ୟାନିଟ ରେ ୨୨୦୦୦ଟଙ୍କା ସହ କିଛି ସୁନା ଅଳଙ୍କାର ଥିଲା। ପୋଲିସ ଘଟଣାର ତଦନ୍ତ କରି ତୁରନ୍ତ ଲୁଟେରାଙ୍କୁ ଧରିବାକୁ ପୂଜା ନିବେଦନ କରିଛନ୍ତି।

## ଓଡ଼ିଶା ପକ୍ଷ ଅବସରରେ ଆଲୋଚନାଚକ୍ର

ପାରଳାଖେମୁଣ୍ଡି,୧୨।୪(ନି.ପ୍ର): ଓଡ଼ିଆ ପକ୍ଷ ପାଳନ ର ଦ୍ୱାଦଶ ଦିବସରେ ଦେଶ ମାତୃକାର ସୁଯୋଗ୍ୟ ସନ୍ତାନମାନଙ୍କ ଉଦ୍ଦେଶ୍ୟରେ ଏହି ଦିନ ଉତ୍ସର୍ଗୀକୃତ କରାଯାଇଥିଲା। ଯାହାକି ଆଜି ସମସ୍ତ ବ୍ଲକ ଓ ଜିଲ୍ଲାସ୍ତରରେ ବନ୍ଦନୀୟ ବରପୁତ୍ର ଦିବସ ବହୁ ଆଡମ୍ବରରେ ପାଳନ କରାଯାଇଥିଲା। ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଶ୍ରୀଯୁକ୍ତ ବିନୋଦ ଚନ୍ଦ୍ର ଜେନା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ଶିକ୍ଷକ, ବିଚିତ୍ରାନନ୍ଦ ବେବର୍ତ୍ତା, ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ, ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,



ଗଜପତି ଓ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ, ଗଜପତି ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦଶ ଜଣ ବରପୁତ୍ରଙ୍କ ଜୀବନୀ, ଆମ ସମାଜ ମାତୃଭାଷା ସାହିତ୍ୟ ଏବଂ ସଂସ୍କୃତି ପ୍ରତି ତାଙ୍କ ଅବଦାନ ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆଲୋଚକ ଭାବରେ ଶ୍ରୀଯୁକ୍ତ ବିନୋଦ ଚନ୍ଦ୍ର ଜେନା, ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ବେବର୍ତ୍ତା, ଡ. ଭାରତୀ ପାଣିଗ୍ରାହି, ଡ. ରଶ୍ମିତା ପାତ୍ର, ଶ୍ରୀଯୁକ୍ତ ମୋନାଜ କୁମାର ପଟ୍ଟନାୟକ, ଶ୍ରୀଯୁକ୍ତ ଅମୂଲ୍ୟ କୁମାର ପାଣିଗ୍ରାହି ଓ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଗନ୍ତାୟତ ଙ୍କ ଭଳି ବରିଷ୍ଠ ନାଗରିକ, ଅଧାପିକା, ଶିକ୍ଷାବିତ ଏବଂ ଶିକ୍ଷକ ଯୋଗଦାନ କରିଥିଲେ। ଏହାପରେ ସ୍ଥାନୀୟ କବି/ କବୟିତ୍ରୀ, ଛାତ୍ର/ ଛାତ୍ରୀ ଓ ସାହିତ୍ୟାନୁରାଗି ବ୍ୟକ୍ତିବିଶେଷଙ୍କୁ ନେଇ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା,ଏହି କାର୍ଯ୍ୟକ୍ରମରେ ୫୦ ଜଣ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନ ଓ ତାଙ୍କ କର୍ମଚାରୀଙ୍କ ସୋହଜଗ ରେ ପରିଚାଳନା କରାଯାଇଥିଲା ।

## ରାଷ୍ଟ୍ରପତିଙ୍କ ଗସ୍ତ ନେଇ ରାଉରକେଲା ଜିଲ୍ଲା ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ରାଉରକେଲା,୧୨।୪(ନି.ପ୍ର): ଚଳିତ ଅପ୍ରେଲ ୨୧ ତାରିଖରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଉରକେଲା ଗସ୍ତ ଏବଂ କେତେକ ପ୍ରକଳ୍ପର ଉଦ୍ଘାଟନକୁ ନେଇ ଜିଲ୍ଲା ବିଜେପି ପକ୍ଷରୁ ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ




ହୋଇଯାଇଛି। ସୂଚନା ଅନୁସାରେ ଭାରତର ମହାମହିମ ରାଷ୍ଟ୍ରପତି ୨୦୨୬ ଅପ୍ରେଲ ୨୧ ତାରିଖରେ ରାଉରକେଲା ଗସ୍ତ ସମୟରେ ପ୍ରମୁଖ ସାର୍ବଜନୀନ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ ଏବଂ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅପ୍ରେଲ ୨୧ ତାରିଖ ୧୧ଟା ୧୦ରେ ରାଉରକେଲାରେ ପହଞ୍ଚିବେ ଏବଂ ସନ୍ଧ୍ୟା ୪ଟା ୦୫ ସମୟରେ ପ୍ରସ୍ଥାନ କରିବେ। ଗସ୍ତ ସମୟରେ, ରାଷ୍ଟ୍ରପତି ପ୍ରମୁଖ ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକଳ୍ପଗୁଡିକ ମଧ୍ୟରେ ପାନପୋଷ ହକି ଛକ ନିକଟସ୍ଥ ରାଉରକେଲା ୱାନ୍ ମଧ୍ୟରେ ଥିବା ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର ଏବଂ ଆଦିବାସୀ ସଂଗ୍ରହାଳୟଛ ଛେଣ୍ଡରେ ବିଏସ୍‌ଏନ୍‌ଏଲ୍ ଛକ ଠାରେ ଥିବା ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍। କୋଏଲନଗର ଠାରେ ଥିବା ମନୋରଞ୍ଜନ ପାର୍କ। ଏଥିସହିତ ସୁନ୍ଦରଗଡ଼ ଜିଲ୍ଲାର ୧୦,୦୦୦ରୁ ଅଧିକ ସ୍କୁଲ ଓ କଲେଜ। ଏଥିସହିତ ଛାତ୍ରଛାତ୍ରୀ ଏବଂ ୩୫ରୁ ଅଧିକ ସାଂସ୍କୃତିକ ଗୋଷ୍ଠୀଙ୍କ ଅଂଶଗ୍ରହଣରେ ଏକ ସାଂସ୍କୃତିକ ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ସୁନ୍ଦରଗଡ ଜିଲ୍ଲାର ପରମ୍ପରା ଏବଂ ସଂସ୍କୃତିକୁ ପ୍ରଦର୍ଶନ କରୁଥିବା ଏକ ପ୍ରଦର୍ଶନୀରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ବିଭାଗ ଦ୍ୱାରା ୩୦ଟି ଷ୍ଟଲ୍ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଛି। ଉଦ୍ଘାଟିତ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ଅଟକଳ ମୂଲ୍ୟ ଅନୁସାରେ ରାଉରକେଲା ୱାନ୍ ପରିସରରେ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ୪୮ କୋଟି, ୪୦ କୋଟି ମୂଲ୍ୟ ବ୍ୟୟରେ ନିର୍ମିତ ଆଦିବାସୀ ସଂଗ୍ରହାଳୟ। କୋଏଲ ନଦୀକୂଳ ମନୋରଞ୍ଜନ ପାର୍କ ୪୨.୪୪ କୋଟିଛ ଛେଣ୍ଡ ଠାରେ ନିର୍ମିତ ବିଜ୍ଞାନ ପାର୍କ ଏବଂ ପ୍ଲାନେଟୋରିୟମ୍ ୨୭ କୋଟି ଟଙ୍କାର ବୋଲି ସୂଚନା ଦିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତରେ ରାଉରକେଲାର ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଏବଂ ସାର୍ବଜନୀନ ସୁବିଧାକୁ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱ ପୂର୍ଣ୍ଣ ପଦକ୍ଷେପ ବୋଲି ଜିଲ୍ଲା ବିଜେପି ପକ୍ଷରୁ ସୂଚନା ଦେଇ କହିଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ । ରାଉରକେଲା ସେକ୍ଟର-୩ ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ସମେତ ବିରମିତ୍ରପୁର ପୂର୍ବତନ ବିଧାୟକ ଶଙ୍କର ଓରାମ, ରାଜ୍ୟ ବିଜେପି ପ୍ରବକ୍ତା ଧିରେନ ସେନାପତି, ବରିଷ୍ଠ ବିଜେପି ନାରୀନେତ୍ରୀ ପ୍ରମିଳା ଦାଶ, ଜିଲ୍ଲା ବିଜେପି ମୁଖପାତ୍ର ଗଙ୍ଗାଧର ଦାଶ ଏବଂ ବିଶିଷ୍ଟ ସମାଜସେବୀ ଖୁସବୁ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

କୋରୁକୋଣ୍ଡା,୧୨।୪(ନି.ପ୍ର): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ରେ ଥିବା ବିଜୁ ପଟ୍ଟନାୟକ ବହୁ ମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ରବିବାର ଦିନ ଲିଟନ ନନ୍ଦ ବିଦାୟ କାଳୀନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ତିନୋଟି ଶ୍ରେଣୀରେ ପ୍ରାୟ ୭୦ରୁ ଉର୍ଦ୍ଧ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଯାହା ନାମ ରେ ଏହି ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି ସେହି ଲିଟନ ନନ୍ଦ ଜଣେ ଖେଳ ପ୍ରେମୀ ଏବଂ ବାଲିମେଳା ମେଡିକାଲ ରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲେ କିନ୍ତୁ ବର୍ତମାନ ଲିଟନ ଙ୍କ ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ମଳନ୍ଦା କମ୍ୟୁନିଟି ହେଲଥ ସେଣ୍ଟରକୁ ବଦଳି ହୋଇଛି। ତାଙ୍କୁ ଆଜି ବ୍ୟାଡ଼ମିଣ୍ଟନ ପ୍ରେମୀ ବାଲିମେଳା ଇଣ୍ଡୋର ଷ୍ଟାଡିୟମ ଠାରେ ବିଦାୟ କାଳୀନ ସମ୍ବର୍ଦ୍ଧନା କରାଯାଇଥିଲା। ଆୟୋଜିତ ଟୁର୍ନାମେଣ୍ଟ ରେ ପ୍ରଥମ ଶ୍ରେଣୀରେ ୩୦ ବୟସ ରୁ ଉର୍ଦ୍ଧ ଦ୍ୱିତୀୟ ଶ୍ରେଣୀରେ ୧୫ ବୟସରୁ ଉର୍ଦ୍ଧ ୩୦ ବୟସ ରୁ କମ ଏବଂ ତୃତୀୟ ଶ୍ରେଣୀରେ ୧୫ ବୟସରୁ କମ



ବାଳକ ବାଳିକାକୁ ନେଇ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲାଛପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ନିମନ୍ତେ ଡବଲସ ଖେଳିଲାକୁ ନେଇ ଟୁର୍ନାମେଣ୍ଟ ଖେଳା ଯାଇଥିବା ବେଳେ ତୃତୀୟ ଶ୍ରେଣୀ ନିମନ୍ତେ ସିଙ୍ଗଲ ରଖା ଯାଇଥିଲା। ଏହି ଟୁର୍ନାମେଣ୍ଟକୁ ବାଲିମେଳା ବ୍ୟାଡ଼ମିଣ୍ଟନ କମିଟି ସମ୍ପାଦକ ଡ଼ି.ସଞ୍ଜୀବ କୁମାର, ଲକ୍ଷ୍ମୀକାନ୍ତ ପୂଜାରୀ, ରତି ରଞ୍ଜନ ସୁନ୍ଦରାୟ, ଶିବ ବରାଡ଼, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଜତିନ ନାୟକ, ନବୀନ ବରାଡ଼, ପ୍ରଶାନ୍ତ କୁମାର ନାୟକ, ସୁନୀଲ ପଟ୍ଟନାୟକ ରାକେଶ କୁମାର କୁଳଦୀପ ଓ ସୁକାନ୍ତ ହାଲଦାର ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚମାରେ ବୀଭତ୍ସ ହତ୍ୟାକାଣ୍ଡ
# ଏସ୍‌ପି ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ



ବ୍ରହ୍ମପୁର, ୧୨।୪(ନିପ୍ର): ସ୍ଥାନୀୟ ଗୋଳନ୍ଥରା ଥାନା ଅନ୍ତର୍ଗତ ପଞ୍ଚମା ଗ୍ରାମ ନିକଟସ୍ଥ ଏକ ପାନବାଡ଼ ତୋଟାରେ ଜଣେ ବ୍ୟକ୍ତିଙ୍କୁ ଖଣ୍ଡାରେ ହାଣି ଅତି ବିଭତ୍ସ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ଜଣକ ହେଲେ ପଞ୍ଚମା ଗ୍ରାମର ଏକାଦଶୀ ନାହକ (୬୫) ବୋଲି ଜଣାପଡ଼ିଛି । ମୃତକ ଜଣକ ଜଣେ ଶାନ୍ତଶିଷ୍ଟ ଏବଂ ଗ୍ରାମରେ ଝଡ଼ାଫୁଙ୍କା (ଦାସେରୀ) ଭାବେ କାର୍ଯ୍ୟ କରୁଥିବା ବେଳେ ପାନ ଚାଷ କରି ମଧ୍ୟ ନିଜର ଗୁଜରାଣ ମେଣ୍ଟାଉଥିଲେ । ଘଟଣାରୁ ପ୍ରକାଶ ଯେ, ମୃତ ଏକାଦଶୀଙ୍କ ପଞ୍ଚମା ଗ୍ରାମରେ ଏକ ପାନ ବାଡ଼ ଥିଲା । ରବିବାର ସକାଳେ ଏକାଦଶୀ ନିଜ ପାନ ବାଡ଼ରେ ପାନ ତୋଳି ଅପରାହ୍ନ ସାଢ଼େ ୧ଟା ସମୟରେ ନିଜ କାମ ସାରି ଘରକୁ ଆସିଥିଲେ । ଘରେ ଖାଇସାରି ନିଜ ପାନ ବାଡ଼କୁ ପୁଣି ଯିବା ସମୟରେ ଉକ୍ତ ପାନବାଡ଼ ମଧ୍ୟରେ ଏକାଧିକ ଦୁର୍ବୃତ୍ତ କୌଣସି ମାରଣାସ୍ତ୍ରରେ ଏଦାଦଶୀଙ୍କ ବେକକୁ ଅତି ନିର୍ମମ ଭାବେ ହାଣି ପକାଇଥିଲେ । ଘଟଣାସ୍ଥଳରେ ହିଁ ଏକାଦଶୀଙ୍କ ମୃତ୍ୟୁ ଘଟିଥିବା ବେଳେ ଖବର ପାଇ ଗୋଳନ୍ଥରା ଥାନା ଆଇଆଇସି ଅଧିକାରୀଙ୍କ ସମେତ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏବଂ ପରେ ପରେ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ଖବର ପାଇ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ସଦର ଏସ୍‌ଡ଼ିପିଓ ଏବଂ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଅଧିକରୁ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ତାଳଚେର,୧୨।୪(ନି.ପ୍ର): ତାଳଚେର ପୌରାଚଂଳ ଅନ୍ତର୍ଗତ ୪ନଂ-ୱାର୍ଡ଼ ନୁହୁରାସାହିର ବିଦ୍ୟାଧର ବେହେରାଙ୍କ (୭୩)ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ିତ ଥିଲେ। ଆଜି ସେ ଦିବା ୨ଘଟିକା ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ଜଣାପଡ଼ିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ, ସହୃଦୟ ବ୍ୟକ୍ତି ଭାବେ ଅଂଚଳରେ ପରିଚିତ। ଏହି ଦୁଃଖଦ ଖବର ପ୍ରଚାରିତ ହେବାପରେ ଅଂଚଳରେ ଏକ ଶୋକକୁଳ ପରିବେଶ ସୃଷ୍ଟି କରିଥିଲା। ତାଙ୍କର ମୃତ୍ୟୁ ବେଳକୁ ପରିବାରବର୍ଗ ଉପସ୍ଥିତ ଥିଲେ। ମା'ସେବକସଂଘ ସମ୍ପାଦକ ତଥା ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ମନୋଜ ଶତପଥୀ, ସଂଘର ସଦସ୍ୟ ଦିଲ୍ଲୀପ ବେହେରା, ସୁନିଲ ବେହେରା, ନିରୋଜ ବେହେରା, ଅଶ୍ୱିନ ସିଂହ, ସୁବାଷ ବେହେରା ପ୍ରମୁଖ ଉପସ୍ଥିତ ରହି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ନାରୀ ଶକ୍ତି ବନ୍ଦନ ଅଧିନିୟମ ପ୍ରସଙ୍ଗ ନେଇ ସାମ୍ବାଦିକ ସମ୍ମିଳନୀ




ବ୍ରହ୍ମପୁର, ୧୨।୪(ନିପ୍ର): ସଂସଦରେ ନାରୀ ଶକ୍ତି ପାଇଁ ବିଶେଷ ଅଧିବେଶନ ଏବଂ ନାରୀ ଶକ୍ତି ବନ୍ଦନ ଅଧିନିୟମ ପ୍ରସଙ୍ଗ ନେଇ ରବିବାର ସ୍ଥାନୀୟ ଷ୍ଟେସନ୍ ରୋଡ଼ସ୍ଥିତ ସ୍ପେଶାଲ୍ ସର୍କିଟ୍ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସ୍କା ସାଂସଦ ଅନିତା ପ୍ରିୟଦର୍ଶିନୀ ଯୋଗ ଦେଇ ଏହି ନାରୀ ଶକ୍ତି ବନ୍ଦନ ଅଧିନିୟମ ପ୍ରସଙ୍ଗରେ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଦେଶର ୨୫ ବର୍ଷର ଅମୃତ କାଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମୃତ ବେଳା ହେବାକୁ ଯାଉଥିବା ନେଇ ଏଠାରେ ସାଂସଦ ଶ୍ରୀମତି ଶୁଭଦର୍ଶିନୀ ପ୍ରକାଶ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ନାରୀ ଶକ୍ତି ବନ୍ଦନ ଅଧିନିୟମ ପଦଯାତ୍ରା ବ୍ରହ୍ମପୁରରେ ଏପ୍ରିଲ୍ ୧୩ ତାରିଖରେ ଆୟୋଜିତ ହେବ । ସକାଳ ସାଢ଼େ ୮ ଘଣ୍ଟାଠାରୁ ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍ ଠାରୁ ଏକ ବିରାଟ ପଦଯାତ୍ରା ବାହାରି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ପହଞ୍ଚିବ ବୋଲି ଏଠାରେ ସୂଚନା ଦିଆଯାଇଛି । ଏହି ପଦଯାତ୍ରାରେ ସମସ୍ତେ ଯୋଗ ଦେବାକୁ ଏଠାରେ ଆହ୍ୱାନ ଦିଆଯାଇଥିଲା । ନାରୀର ସମ୍ମାନ ଏବଂ ଦେଶର ଆତ୍ମ ସମ୍ମାନ ପାଇଁ ସମସ୍ତେ ଏକତ୍ରିତ ହେବା ଆବଶ୍ୟକ ବୋଲି ଏଠାରେ କୁହାଯାଇଥିଲା । ସେହିପରି ଚଳିତ ମାସ ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ନାରୀ ଶକ୍ତି ପାଇଁ ବିଶେଷ ଅଧିବେଶନ ଆୟୋଜିତ କରାଯାଉଛି । ଏହି ଅଭିଯାନ ପାଇଁ ମୋବାଇଲ ନଂ ୯୬୬୭୧୭୩୩୩୩ ରେ ମିସ୍ କଲ୍ ଦେଇ ସମର୍ଥନ କରିବାକୁ ଏଠାରେ ଆସିକା ସାଂସଦ ଶ୍ରୀମତି ଶୁଭଦର୍ଶିନୀ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତ୍ରୀ ସବିତା ସୁଆର, ଜିଲ୍ଲା ଉପସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ ଦେବୀ, ଜିଲ୍ଲା ସମ୍ପାଦିକା ତଥା କର୍ପୋରେଟର ସବିତା ସାହୁ, କର୍ପୋରେଟର ବନିତା ସାହୁ, ସ୍ମିତାଲି ସ୍ମୃତି ସ୍ନିଗ୍ଧା ପାତ୍ର ପ୍ରମୁଖ ଉପସ୍ଥିତଥିଲେ । ଏହି ସାମ୍ବାଦିକ ସମ୍ମିଳନୀକୁ ବିଜେପିର ବରିଷ୍ଠ ନେତା ତଥା ବ୍ରହ୍ମପୁର ମିଡ଼ିଆ ଜୋନ୍ ସଂଯୋଜକ ସୁନୀଲ୍ କୁମାର ସାହୁ ପରିଚାଳନାରେ ସହଯୋଗ କରିଥିଲେ ।

# ଖୋର୍ଦ୍ଧା ଡିଭିଜନରୁ ଇଚ୍ଛାପୁର-ପଲାସା ସେକ୍ସନ ସ୍ଥାନାନ୍ତର ବାତିଲ ଦାବି



ବ୍ରହ୍ମପୁର, ୧୨।୪(ନିପ୍ର): ସ୍ୱେଚ୍ଛାସେବୀ ସଂଘ ସଂସ୍କାରବାଦୀ କେନ୍ଦ୍ର ସରକାରଙ୍କ ଲେ ବିଭାଗ ଖୋର୍ଦ୍ଧାସ୍ଥିତ ପୂର୍ବତଟ ରେଳ ଡ଼ିଭିଜନରୁ ପଲାସା-ଇଚ୍ଛାପୁର ସେକ୍ସନ୍‌କୁ ବିଶାଖାପାଟଣା ଡ଼ିଭିଜନରେ ମିଶାଇବା ପ୍ରସ୍ତାବକୁ ବିରୋଧ କରି ରବିବାର ବ୍ରହ୍ମପୁର ରେଳ ଷ୍ଟେସନ୍ ସମ୍ମୁଖରେ ସଙ୍ଗଠର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ପ୍ରତିବାଦ ଧାରଣା ଦିଆଯାଇଥିଲା । ପ୍ରାରମ୍ଭରେ ଶ୍ରୀ ମହାରଣା କେନ୍ଦ୍ର ସରକାରଙ୍କ ରେଳ ବିଭାଗ ଖୋର୍ଦ୍ଧା ଡ଼ିଭିଜନରୁ ଇଚ୍ଛାପୁର-ପଲାସା ସେକ୍ସନ୍‌କୁ ବିଶାଖାପାଟଣା ଡ଼ିଭିଜନରେ ମିଶାଇବା ପ୍ରସ୍ତାବ ଓଡ଼ିଶା ପ୍ରତି ଏକ ଅପମାନିତ କରିବା ସହ କେନ୍ଦ୍ର ଆନ୍ଧ୍ର ପ୍ରଦେଶ ସରକାରଙ୍କୁ ଖୁସି କରିବାକୁ ଯେଉଁ ପ୍ରୟାସ କରୁଛି ତାହା ନିନ୍ଦନୀୟ । ସବୁଠାରୁ ପରିତାପର ବିଷୟ ଓଡ଼ିଶାରୁ ନିର୍ବାଚିତ ସମସ୍ତ ସାଂସଦ ଉକ୍ତ ସ୍ଥାନାନ୍ତରିତ ପ୍ରସ୍ତାବକୁ ମାମାଟିର ଉନ୍ନତି ଦଳରୁ ଉର୍ଦ୍ଧ୍ୱରେ ରହି ବିରୋଧ କରି ଓଡ଼ିଶାର ଅସ୍ମିତା ଓ ଓଡ଼ିଆଙ୍କ ସ୍ୱାଭିମାନକୁ ବଜାୟ ରଖିବାକୁ ଶ୍ରୀ ମହାରଣା ନିବେଦନ କରି କହିଛନ୍ତି । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ବ୍ରହ୍ମପୁର ଠାରୁ ପୁରୀ ସିଧାସଳଖ ଟ୍ରେନ୍ ଚଳାଚଳ ପାଇଁ ୨୦୧୬ ମସିହା ଠାରୁ ଦାବିକୁ ପୂରଣ କରିବାରେ ବିଫଳ ବୋଲି କଡ଼ା ସମାଲୋଚନା କରି ଚେତାବନୀ ଦେଇ କହିଛନ୍ତି ସଂସ୍କାରବାଦୀର ଜନହିତକର ଦାବୀ ପୂରଣ ନ ହେଲେ ଆଗାମୀ ଦିନରେ ସମସ୍ତ ରାଜନୈତିକ ଦଳ, ବିଭିନ୍ନ ସେବା ସଙ୍ଗଠନ, ବୁଦ୍ଧିଜୀବୀଙ୍କୁ ଏକତ୍ରିତ କରି ଜନ ଆନ୍ଦୋଳନ କରାଯିବ । ସେ ପୁଣି ଦୃଢ଼ ଦାବି କରିଛନ୍ତି ଅତିତରେ ବିଧାନସଭା ଓ ଲୋକସଭାରେ ଓଡ଼ିଶାର ବାଲେଶ୍ୱର, ମୟୁରଭଞ୍ଜ, ସୁନ୍ଦରଗଡ଼, କେଉଁଝର ଓ ଝାରସୁଗୁଡ଼ାକୁ ଦକ୍ଷିଣ-ପୂର୍ବ ରେଳପଥରୁ ଆଣି ଖୋର୍ଦ୍ଧା ରୋଡ଼୍‌ସ୍ଥିତ ପୂର୍ବତନ ରେଳ ଡ଼ିଭିଜନରେ ସାମିଲ କରାଯାଉ ଦାବି ଜୋର୍ କରାଯିବ ବୋଲି ଶ୍ରୀ ମହାରଣା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବ୍ରହ୍ମପୁର, ୧୨।୪(ନିପ୍ର): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମଠାରେ ଆୟୋଜିତ ସି.ଏମ୍ କପ୍ ୨୦୨୬ ରବିବାର ତୃତୀୟ ଦିନରେ ପହଞ୍ଚିଛି । ଫୁଟବଲ ଖେଳର ପ୍ରଥମ ମ୍ୟାଚ୍ ଓଏଭି ବାଳକ ବର୍ଗ ଓ ଖେମୁଣ୍ଡି ଏଫ୍‌ସି ମଧ୍ୟରେ ଖେଳା ଯାଇଥିଲା ଏବଂ ଓଏଭି ସ୍କୁଲ ବାଳକ ଦଳ ୪-୧ ଗୋଲ୍‌ରେ ବିଜୟ ହାସଲ କରିଛି । ଦ୍ୱିତୀୟ ମ୍ୟାଚ୍ ବାରର୍କ ଗୋଲ୍ଡ ଏଫ୍‌ସି ବାଳକ ଓ ଡ଼ିଏଭି ସ୍କୁଲ ଦଳ ମଧ୍ୟରେ ଖେଳା ଯାଇଥିଲା । ବାରର୍କ ଗୋଲ୍ଡ ଏଫ୍‌ସି ୧-୦ ଗୋଲ୍‌ରେ ଡ଼ିଏଭି ସ୍କୁଲକୁ ପରାସ୍ତ କରିଛି । ଆଜି ପ୍ରଥମ ମ୍ୟାଚ୍‌ରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ଉପସଭାପତି ବିଜୟ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ । ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ରୂପେ ଯୋଗ ଦେଇଥିଲେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ଅଧ୍ୟକ୍ଷ ତାପସ ରଞ୍ଜନ ସାମଲ । ସଂଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳୀ ମାନେ ମଧ୍ୟ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀ ଟ୍ରଫି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବ୍ରହ୍ମପୁର:୧୨।୪(ନିପ୍ର) ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍‌ଠାରେ ମୁଖ୍ୟମନ୍ତ୍ରୀ ଟ୍ରଫି ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମହାନଗର ନିଗମ କମିଶନର ଆକବରମ୍ ସସ୍ୟା ରେଡ୍ଡି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ ସାମଲ ଓ ଡ଼ିଡ଼ିଏ ସମ୍ପାଦକ ଜେ. କାମେଶ୍ୱର ରାଓ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଶାରିରୀକ ଓ ମାନସିକ ସୁସ୍ଥତା ପାଇଁ କ୍ରୀଡ଼ାର ଆବଶ୍ୟକତା ଓ ସଫଳ କ୍ରୀଡ଼ାବିତ୍ ହୋଇ ଜିଲ୍ଲା ପାଇଁ ଗୌରବ ଆଣିବା ପାଇଁ ଅତିଥିମାନେ ଖେଳାଳୀମାନଙ୍କୁ ଆହ୍ୱାନ କରିଥିଲେ । ଉଦ୍ଘାଟନ ପରେ ଫୁଟବଲ ଓ କବାଡ଼ି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ବିଭିନ୍ନ ଦଳ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଟ୍ରଫିର ଲକ୍ଷ୍ୟ ହେଉଛି ତୃଣମୂଳସ୍ତରରେ ଥିବା କ୍ରୀଡ଼ା ପ୍ରତିଭାମାନଙ୍କ ପାଇଁ ଏକ ସୁଯୋଗ ଆଣିଦେବା ।

# ଗଞ୍ଜାମ ଜିଲ୍ଲା ଗାୟତ୍ରୀ ପରିବାରର ବୈଠକ

ବ୍ରହ୍ମପୁର, ୧୨।୪(ନିପ୍ର): ସ୍ଥାନୀୟ ନୀଳାଦ୍ରି ବିହାର ଗାୟତ୍ରୀ ଶକ୍ତି ପୀଠରେ ରବିବାର ଗଞ୍ଜାମ ଜିଲ୍ଲା ଗାୟତ୍ରୀ ପରିବାର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସମନ୍ୱୟ ସମିତିର ମୁଖ୍ୟ ସଂଯୋଜକ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଗାୟତ୍ରୀ ମହାମନ୍ତ୍ରର ସାମୁହିକ ପାଠ ସହ ବୈଠକ ପ୍ରାରମ୍ଭ କରାଯାଇଥିଲା । ଏଥିରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ର ସମନ୍ୱୟ ସମିତି ସଦସ୍ୟମାନେ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୬୦ ରୁ ଉର୍ଦ୍ଧ୍ୱ ସଂଯୋଜକ ଓ ଗାୟତ୍ରୀ ପରିବାର ପରିଜନମାନେ ଯୋଗଦେଇଥିଲେ । ମୁଖ୍ୟ ସଂଯୋଜକ ପ୍ରଫୁଲ୍ଲ ଦାସ ତାଙ୍କର ଗତ ସାଢ଼େ ତିନି ବର୍ଷ କାର୍ଯ୍ୟକାରିତା ବିବରଣୀ ପାଠ କରିଥିଲେ । ଗତ ଦିନରେ ଗଞ୍ଜାମ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ଭାରତୀୟ ସଂସ୍କୃତିରେ ଜ୍ଞାନ ପରୀକ୍ଷାର ସାର୍ଟିଫିକେଟ୍‌ଗୁଡ଼ିକୁ ବିଭିନ୍ନ ସ୍କୁଲରୁ ଆସିଥିବା ସମ୍ପୃକ୍ତ ଶିକ୍ଷକ ଏବଂ ବ୍ଲକ୍ ସଂଯୋଜକମାନଙ୍କୁ ହସ୍ତାନ୍ତର କରାଯାଇଥିଲା । ଜିଲ୍ଲା ସମନ୍ୱୟ ସମିତିର ଅବଧି ତିନିବର୍ଷରୁ ଉର୍ଦ୍ଧ୍ୱ ହୋଇଯାଇଥିବା ହେତୁ ମୁଖ୍ୟ ସଂଯୋଜକ ପ୍ରଫୁଲ୍ଲ ଦାସ ସ୍ୱେଚ୍ଛାକୃତ ଭାବେ ତାଙ୍କର ତ୍ୟାଗପତ୍ର ପ୍ରଦାନ କରିଥିଲେ ।

# ବ୍ରହ୍ମପୁର ସାହିତ୍ୟ ପରିଷଦର ବିଷୁବ ଆସର



ବ୍ରହ୍ମପୁର, ୧୨।୪(ନିପ୍ର) ସ୍ଥାନୀୟ ଗୋଇଲୁଣ୍ଡିସ୍ଥିତ ଶ୍ରୀରାମ ମନ୍ଦିର ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ସାହିତ୍ୟ ପରିଷଦ ତରଫରୁ ବିଷୁବ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସମାଜ ସେବୀ ତଥା ପ୍ରାକ୍ତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରତ୍ୟେକ ସାହିତ୍ୟିକ ମାନେ ଈଶ୍ୱରଙ୍କ ଠୁ ଆଶୀର୍ବାଦ ପାଇଛନ୍ତି ଓ ସେମାନେ ହିଁ ସମାଜର ପ୍ରକୃତ ରକ୍ଷକ ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ଓ ଅନୁବାଦକ ରାଜେନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଗଞ୍ଜାମ ଜିଲ୍ଲାର ଲୋକସଂସ୍କୃତି ଓ ଲୋକଗୀତ ସମ୍ପର୍କରେ ଆଲୋଚନା କରିଥିଲେ । କବି ଦୁର୍ଯ୍ୟୋଧନ ବେହେରା ଓ ସୁଲେଖିକ ଓ ଶିକ୍ଷାବିତ୍ ଅମୂଲ୍ୟ ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଷୁବ ସଂକ୍ରାନ୍ତି ସମ୍ପର୍କରେ ତଥ୍ୟ ରଖିଥିଲେ । ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରାକ୍ତନ ସଦସ୍ୟ ଏହି କବି ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ବିଷୁବ କାର୍ଯ୍ୟକ୍ରମରେ ସତ୍ୟମ୍ ଆଚାରୀ ସମ୍ପାଦକୀୟ ପାଠ କରିଥିଲେ । ବିଶିଷ୍ଟ ଅନୁବାଦକ ରାଜେନ୍ଦ୍ର ଷଡ଼ଙ୍ଗୀଙ୍କ ପୁସ୍ତକ ଗଙ୍ଗାସ୍ନା ଓ ଅନନ୍ୟ ଗଳ୍ପ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ବେଳେ କବି ସନ୍ତୋଷ କୁମାର ଦାଶ, କବି ନୀଳାଦ୍ରି ବିହାରୀ ମହାପାତ୍ର, କବି ବିଜୟ ଚନ୍ଦ୍ର ମିଶ୍ରଙ୍କୁ ୨୦୨୬ ନିମନ୍ତେ ବିଷୁବ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ସେବା ସମ୍ମାନ ଓ ରତ୍ନାକର ସିଅଙ୍କୁ ସଂଯୋଜକ ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ପ୍ରଥମ ଅଧିବେଶନରେ କବି ପ୍ରଫୁଲ୍ଲ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ମନଲୋଭା କବିତା ଆସର ହୋଇଥିଲା । ଡ଼. କୈଳାଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ଼. ଅଭିଷେକ ସାହୁ, ଇଂ. ଆଶୁତୋଷ ପାତ୍ର ସମ୍ମାନୀୟ ଅତିଥି ଭାବେ ମଞ୍ଚାସୀନ ଥିଲେ । କବି ରତ୍ନାକର ସିଅଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । କବି ଅଶୋକ କୁମାର ମହାନ୍ତି, ସୀତାରାମ ଆଚାରୀ, ମିନତୀ ପଟ୍ଟନାୟକ, ସୁଚେତା ପାଣିଗ୍ରାହୀ, ଦୀପ୍ତିଲେଖା ମିଶ୍ର, ରୁଦ୍ର ନାରାୟଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦୀପ୍ତିମିତା ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରମୁଖ ନାଗରିକ ସଂଗୋଷ୍ଠୀ ବୈଠକ



ବ୍ରହ୍ମପୁର, ୧୨।୪(ନିପ୍ର) ସ୍ଥାନୀୟ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରମୁଖ ନାଗରିକ ସଂଗୋଷ୍ଠୀ ବୈଠକରେ ମୁଖ୍ୟବକ୍ତା ଭାବେ ବାଳକୃଷ୍ଣ ପଣ୍ଡା, ସମ୍ମାନୀତ ଅତିଥି ଭାବେ ଭଗବାନ ତ୍ରିପାଠୀ, ମୁଖ୍ୟ ଅତିଥି ଜଗଦୀଶ ଖାଡ଼ଙ୍ଗା ଉପସ୍ଥିତ ରହି ସୁସଂସ୍କୃତ, ଅନୁଶାସିତ ଏବଂ ସମର୍ପଣ ଭାବସହ କାର୍ଯ୍ୟ କରିବା ପାଇଁ ସ୍ୱୟଂସେବକ ଏବଂ ସମାଜକୁ ସୁସଙ୍ଗଠିତ କରି ଭାରତମାତାଙ୍କୁ ପରମବୈଭବଶାଳୀ ରାଷ୍ଟ୍ର କରିବା ପାଇଁ ବିଗତ ୧୦୦ ବର୍ଷ ଧରି ନିରନ୍ତର କାର୍ଯ୍ୟରତ । ଶତାବ୍ଦୀ ବର୍ଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମାଜର ସଜ୍ଜନ ଶକ୍ତିକୁ ସାଥିରେ ନେଇ ସମଗ୍ର ବିଶ୍ୱରେ ଆଦର୍ଶ ପ୍ରସ୍ତୁତ କରିବା ସହ ସଙ୍ଗଠିତ, ସମର୍ଥ ଏବଂ ସମୃଦ୍ଧ ଭାରତ ଗଠନ କରିବା ପାଇଁ ସଂକଳ୍ପବଦ୍ଧ । ଏହି ସଂକଳ୍ପ ପୂରଣ ପାଇଁ ସମାଜର ପ୍ରତିଷ୍ଠିତ ଏବଂ ପ୍ରଭାବଶାଳୀ ମହାନୁଭବ ବ୍ୟକ୍ତିଙ୍କ ସହ ସମ୍ବାଦ କରିବା ପାଇଁ ପ୍ରମୁଖ ନାଗରିକ ସଂଗୋଷ୍ଠୀର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ସର କାର୍ଯ୍ୟବାହୀ ରାମଦତ୍ତଜୀ ଚକ୍ରଧରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସହରର ୫୦୦ରୁ ଉର୍ଦ୍ଧ୍ୱ ପ୍ରମୁଖ ନାଗରିକ, ଡ଼ାକ୍ତର, ବୁଦ୍ଧିଜୀବୀ, ଶିକ୍ଷକ, ବ୍ୟବସାୟୀ, ବିଭିନ୍ନ ଅନୁଷ୍ଠାନ, ଏନ୍‌ଜିଓ, ସମାଜସେବୀଙ୍କ ସହିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରମୁଖ ବ୍ୟକ୍ତିଗଣ, ମାତୃ ମଣ୍ଡଳୀ ବୈଠକରେ ଅଂଶଗ୍ରହର କରିଥିଲେ ଓ ନିଜ ନିଜର ଅନୁଭୂତି ପ୍ରକାଶ କରିବା ସହିତ କିଛି ମତ ରଖିଥିଲେ ।

**AFFIDAVIT**

I, Anamika Majumder, Wife of Litan kumar Majumder, D/o Biresh Chandra Dey, aged about 44year, present resident of Lane 2, Durgamadhab nagar, Bharatpur, Bhubaneswar, pin 751003, permanent resident of Jirania, Madhyapara, West Tripura, pin 799045, declare by affidavit no. 650 dated 02.04.2026 before notary public, Bhubaneswar that onwards I will be known as ANAMIKA DEY MAJUMDER for all purpose.

**CLASSIFIED**

**HEALTH CARE**
Wanted All types of Physiotherapy with Massage. Time 10am to 6 pm
Contact number: 9556924059/7656969134

Residential plot at DPS School, Santol, Rahura, Pandagadia & Kurunti. Well Developed.
Interested buyers : 6371324182

କ୍ୟାନ୍ସର ହସ୍ପିଟାଲ୍‌କୁ ଲାଗି Yello Zone Plot ବର୍ଗଫୁଟ 800/- ରେ ବିକ୍ରି ହେଉଛି ।
Near by cancer hospital yellow zone plot per sqft- 800 /- for sale
Contact: 9348317070, 8260495939

18000sqft residential land with 1000sqft building for immediate sale near Padmapur Highschool (Pirabazar, Jagatpur), Cuttack. 7377889988

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାନ୍ତି ଆଲୋଚନା...

ଏହାର ଅର୍ଥ ଇରାନକୁ ସାମୁଦ୍ରିକ ଘେରାବନ୍ଦୀ କରାଯାଇପାରେ। ଇରାନ ମଧ୍ୟ ହର୍ମୁଜ ଉପରେ ତା'ର ସର୍ବାଧିକାର ଜାହିର କରିବାକୁ ଚାହୁଁଛି ଏବଂ ଏହାକୁ ନେଇ ସେ ପଛଘୁଞ୍ଚା ଦେବନାହିଁ। ବିଶେଷଜ୍ଞ କହୁଛନ୍ତି, ଏବେ ସିଜ୍‌ଫାୟାର ନୁହେଁ, ମିସାଇଲ ଫାୟାର ଚାଲିବ। ଶାନ୍ତିକାଳ ଆଶା କରାଯାଉଥିଲା, କିନ୍ତୁ ଆସିଲା ନାହିଁ, ଏବେ ଯୁଦ୍ଧର ଖେଳ। ଯେଉଁ ଗଣ୍ଠି ପଡ଼ିଛି ତାହା ଏତେ ସହଜରେ ଫିଟିବା ଭଳି ଲାଗୁନାହିଁ।

ଇସଲାମାବାଦରେ ଆଲୋଚନା ଚାଲିଥିବାବେଳେ ହର୍ମୁଜରେ ଆମେରିକାର ଦୁଇଟି ଯୁଦ୍ଧ ବିମାନ ପଶିଥିଲା। ଇରାନର ଆଇଆର୍‌ଜିସି ପକ୍ଷରୁ ମଧ୍ୟ ସାବଧାନ କରିଦିଆଯାଇଥିଲା। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଆକ୍ରମଣ ଜାରି ରହିବାର ସଙ୍କେତ ଦେଇଥିଲେ। ଲେବାନନର ମାରୁବରେ ମଧ୍ୟ ଇସ୍ରାଏଲ ପକ୍ଷରୁ ଏୟାରଷ୍ଟ୍ରାଇକ୍ ହୋଇଥିଲା। ଏଥିରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ରହିଛି। ଆଲୋଚନା ପୂର୍ବରୁ ଇରାନର ସୁପ୍ରିମ୍ ଲିଡର ମୋଜତାବା ଖାମେନେଇ କହିଥିଲେ, ଆମେ ଆଲୋଚନାକୁ ଯାଉଛୁ ସତ କିନ୍ତୁ ଆମର ହାତ ଟ୍ରିଗର ଉପରେ ରହିଛି।

### ଅନନ୍ତ ଯାତ୍ରାରେ...

୧୯୩୩ରେ ମହାରାଷ୍ଟ୍ରର ସାଙ୍ଗଲୀର ଗୋର୍‌ରେ ସଙ୍ଗୀତ ପ୍ରତି ସମର୍ପିତ ପ୍ରସିଦ୍ଧ ମଙ୍ଗେଶକର ପରିବାରରେ ତାଙ୍କର ଜନ୍ମ। ପିତା ଦୀନାନାଥ ମଙ୍ଗେଶକର, ତିନି ଭଉଣୀ ଲତା, ଉଷା ଓ ମୀନା ମଙ୍ଗେଶକର ଏବଂ ଭାଇ ହୃଦୟନାଥ ମଙ୍ଗେଶକର। ୧୦ ବର୍ଷ ବୟସରେ ୧୯୪୩ରେ ଆଶା ମରାଠୀ ଫିଲ୍ମ 'ମାଝା ବାଲ୍' ପାଇଁ ତାଙ୍କର ପ୍ରଥମ ଗୀତ 'ଚଲା ଚଲା ନବ ବାଲା' ରେକର୍ଡ କରିଥିଲେ। ତାଙ୍କର ପ୍ରଥମ ହିନ୍ଦୀ ସିନେମା ଗୀତ ଥିଲା ଫିଲ୍ମ 'ଚୁନରିୟା'ର 'ସାଓ୍ୱନ ଆୟା'। ୮ ଦଶନ୍ଧିର ସଙ୍ଗୀତ ଯାତ୍ରା ଆଶାଙ୍କର। ୧୨ ହଜାରରୁ ଅଧିକ ଗୀତ ସେ ଗାଇଛନ୍ତି ବିଭିନ୍ନ ଭାଷାରେ। ସର୍ବାଧିକ ଗୀତ ଗାଇ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଥିବା ଆଶା ଥିଲେ ଭର୍ସାଟାଇଲ ସିଙ୍ଗର।

ଆଶା ଭୋସଲେଙ୍କୁ ଦେଶ ଦାଦା ସାହେବ ଫାଲ୍‌କେ ପୁରସ୍କାର ସହ ପଦ୍ମ ବିଭୂଷଣରେ ସମ୍ମାନିତ କରିଥିଲା। ସେ ୭ ଥର ଫିଲ୍ମ ଫେୟାର ପୁରସ୍କାର ଜିତିଥିଲେ। ୨ ଥର ଜିତିଥିଲେ ଶ୍ରେଷ୍ଠ ଗାୟିକା ଭାବେ ରାଷ୍ଟ୍ରୀୟ ପୁରସ୍କାର। ମହାରାଷ୍ଟ୍ର ସରକାର ତାଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଥିଲେ। ଗ୍ରାମୀ ପୁରସ୍କାର ପାଇଁ ନୋମିନେସନ ହାସଲ କରିଥିବା ଭାରତର ପ୍ରଥମ ଗାୟିକା ଆଶା।

ଆଶା ଭୋସଲେଙ୍କ ଅଗଣିତ ପପୁଲାର ଗୀତ ମଧ୍ୟରେ ରହିଛି 'ଏ ରାତେଁ ଏ ମୌସମ୍ ନଦୀକା କିନାରା', 'ପିୟା ତୁ ଅବ୍ ତୋ ଆଯା', 'ଦମ୍ ମାରୋ ଦମ୍', 'ପାନ୍ ଖାୟେ ସୈୟାଁ ହମାର', 'ଚୁରା ଲିୟା ହୈ ତୁମ୍‌ନେ ଜୋ ଦିଲ୍‌କୋ' ଆଦି। ଆଶାଙ୍କ ବିୟୋଗରେ ସଙ୍ଗୀତ ଜଗତର ଏକ ସ୍ୱର୍ଣ୍ଣିମ ଯୁଗର ଅନ୍ତ ଘଟିଛି।

ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲ୍‌ରୁ ଆଶାଙ୍କ ମରଶରୀର ତାଙ୍କ ବାସଭବନକୁ ଅଣାଯାଇଛି। ସୋମବାର ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ଯାଏ ଶେଷ ଦର୍ଶନ ପାଇଁ ରଖାଯିବ। ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀର ମୁମ୍ବାଇର ଶିବାଜୀ ପାର୍କ ଶ୍ମଶାନକୁ ନିଆଯିବ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଅନ୍ତିମ ସଂସ୍କାର ହେବ।

### ଛାତ୍ର ଛାତ୍ରୀଙ୍କୁ ଜୀବନ ଯୁଦ୍ଧ ପାଇଁ...

ଏହି ସ୍କୁଲଗୁଡ଼ିକୁ ଦେଶର ମଡେଲ୍ ଶିକ୍ଷା ପ୍ରତିଷ୍ଠାନ ଭାବେ ବିକଶିତ କରାଯିବ। ୨୦୨୬-୨୭ ବର୍ଷର ବଜେଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ କରାଯାଇଛି। ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ସହ ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଉନ୍ନୟନ ସମ୍ପର୍କରେ ଘୋଷଣା କରି କହିଛନ୍ତି, ୬ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ସରେଇ-ହାତିଶିଳା ରାସ୍ତା ନିର୍ମାଣ କାମ ଚାଲିଛି। ବାବା କୁଶଳେଶ୍ୱର ମନ୍ଦିର ଅଞ୍ଚଳର ବିକାଶ ପାଇଁ ୩ କୋଟି ୭ ଲକ୍ଷ ଟଙ୍କା ବିନିଯୋଗ କରାଯିବ। କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡା. ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଆୟୋଜକ କମିଟି ସଭାପତି ହାଡ଼ିବନ୍ଧୁ ପଟ୍ଟନାୟକ , ସମ୍ପାଦକ ରାମଚନ୍ଦ୍ର ନାୟକ, ବିଦ୍ୟାଳୟର ଶିକ୍ଷକ, ପୁରାତନ ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

**ଡିସିବି ବ୍ୟାଙ୍କ ଲିମିଟେଡ୍** DCB BANK
ପଞ୍ଜୀକୃତ କାର୍ଯ୍ୟାଳୟ : ଷଷ୍ଠ ମହଲା, ଟାୱାର ଏ, ପେନିନସୁଲା ବିଜନେସ ପାର୍କ, ସେନାପତି ବାପଟ୍ ମାର୍ଗ, ଲୋୟର ପ୍ୟାରେଲ, ମୁମ୍ବାଇ-୪୦୦୦୧୩

**ଦଖଲ ବିଜ୍ଞପ୍ତି**

ନିମ୍ନ ସ୍ୱାକ୍ଷରକାରୀ ଡିସିବି ବ୍ୟାଙ୍କ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ (୨୦୦୨ର ୫୪)ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ପାଠ କରାଯାଇ ଧାରା ୧୩ (୧୨) ଅନୁଯାୟୀ କ୍ଷମତାପ୍ରାପ୍ତ ହୋଇ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ ଜାରି କରିଥିଲେ, ସେଥିରେ ଋଣଗ୍ରହୀତାମାନଙ୍କୁ (ଋଣଗ୍ରହୀତାମାନେ ଏବଂ ସହ-ଋଣଗ୍ରହୀତାମାନେ) ଉକ୍ତ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ଟାବୁଲାର ଫର୍ମରେ ନିମ୍ନରେ ବିଶଦ ଭାବରେ ଉଲ୍ଲେଖ ଥିବା ରାଶି ଅଗ୍ରୀମ ସୁଧ ସହିତ ପରିଶୋଧ କରିବାକୁ କୁହାଯାଇଥିଲା।
ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନଙ୍କୁ ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ସୂଚନା ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ ରୁଲ୍ସ ୨୦୦୨ର ରୁଲ୍ ୮ ଆହୁରି ମଧ୍ୟ ଧାରା ୧୪(୧) ପାଠ କରାଯାଇ ଆଇନର ଧାରା ୧୩ର ଉପଧାରା (୪) ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ ଉକ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ବିଶେଷକରି ଋଣ ଗ୍ରହୀତା, ସହ-ଋଣଗ୍ରହୀତାମାନଙ୍କୁ ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ, ସେମାନେ ଏହି ସମ୍ପତ୍ତିଗୁଡ଼ିକ (ସ୍ଥାବର ସମ୍ପତ୍ତିର ବିବରଣୀ ଦିଆଯାଇଛି) ଉପରେ କୌଣସି କାରବାର କରିବେ ନାହିଁ ଏବଂ ଯଦି ଏପରି କରନ୍ତି ତେବେ ସେମାନଙ୍କୁ ଡିସିବି ବ୍ୟାଙ୍କ ଲିମିଟେଡ୍‌କୁ ନିମ୍ନରେ ଉଲ୍ଲେଖ ଥିବା ରାଶି ଦେବାକୁ ପଡିବ ।
ଋଣଗ୍ରହୀତାଙ୍କର ଧ୍ୟାନ ଆକର୍ଷଣ କରାଯାଉଛି ଯେ, ଆଇନର ଧାରା ୧୩ର ଉପଧାରା (୮)ର ବିଧିବ୍ୟବସ୍ଥା ଅନୁଯାୟୀ ସେଥିରେ ଉପଲବ୍ଧ ଥିବା ସମୟସୀମା ମଧ୍ୟରେ ସେମାନେ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିଗୁଡିକୁ ମୁକୁଳାଇ ପାରିବେ।

**ସାଙ୍କେତିକ ଦଖଲ ତାରିଖ : ୦୭ ଏପ୍ରିଲ, ୨୦୨୬**

| | |
|---|---|
| ଦାବି ବିଜ୍ଞପ୍ତି ତାରିଖ : | 24-05-2025 |
| ଋଣଗ୍ରହୀତା (ମାନେ) ଏବଂ ସହ-ଋଣଗ୍ରହୀତା (ମାନେ) ଙ୍କ ନାମ: | ସ୍ୱର୍ଗତଃ ଶ୍ରୀ ଗୌରାଙ୍ଗ ଚରଣ ଦାସ (ଶ୍ରୀମତୀ ସୌଦାମିନୀ ଦାସଙ୍କ ସହିତ ତାଙ୍କର ଜଣା ଓ ଅଜଣା ଉତ୍ତରାଧିକାରୀଙ୍କ ଜରିଆରେ) ଏବଂ ଶ୍ରୀମତୀ ସୌଦାମିନୀ ଦାସ। |
| ଲୋନ୍ ଆକାଉଣ୍ଟ ନଂ.: | DBLASAM00617512 |
| ମୋଟ ବକେୟା ରାଶି: | ଟ. ୪,୫୯,୯୩୬/-(ଚାରି ଲକ୍ଷ ଅଣଷଠି ହଜାର ନଅ ଶହ ଛତିଶ ଟଙ୍କା କେବଳ) ୨୪ ମେ' ୨୦୨୫ ସୁଦ୍ଧା |

ସ୍ଥାବର ସମ୍ପତ୍ତିର ବିବରଣୀ: ସଂପତ୍ତିର ସମସ୍ତ ଅଂଶ, ପ୍ଲଟ୍ ନଂ. ୫୨୦ ଓ ୫୩୨, ପରିମିତ: ଏରିଆ ଏକର ୦.୮୦ ଡେସିମିଲ, ଖାତା ନଂ. ୬୧୪/୬୨୯, ଥାନା ନଂ.୧୯, ଅବସ୍ଥିତି: ମୌଜା-ହାସିନପୁର, ତହସିଲ-ବନ୍ତ, ଜିଲ୍ଲା-ଭଦ୍ରକ, ଓଡ଼ିଶା, ପରିସୀମା: ଉ-ସର୍ବସାଧାରଣ ରାସ୍ତା, ପୂ-ନିଜେ କ୍ରେତା, ଦ-ଗିରିଧାରୀ ଦାସ, ପ-ଚନ୍ଦନ କୁମାର ଗିରି (ସୁରକ୍ଷିତ ସଂପତ୍ତି)

ତାରିଖ: ୧୨ ଏପ୍ରିଲ, ୨୦୨୬ — ଡିସିବି ବ୍ୟାଙ୍କ ଲିମିଟେଡ୍ ନିମନ୍ତେ
ସ୍ଥାନ: ଭଦ୍ରକ — କ୍ଷମତାପ୍ରାପ୍ତ ଅଧିକାରୀ

# ପୂର୍ବ ତଟ ରେଳପଥ ମହାପ୍ରବନ୍ଧକଙ୍କ ପାରାଦୀପ ଷ୍ଟେସନ ନିରୀକ୍ଷଣ



ଭୁବନେଶ୍ୱର,୧୨।୪(ନିପ୍ର): ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶନିବାର ଦିନ ପାରାଦୀପ ୟାର୍ଡ, ଷ୍ଟେସନ ଏବଂ (ରୁଟିନ୍ ଓଭରହଲ୍) ଡିପୋ ଯାଞ୍ଚ କରିଥିଲେ। ଏହି ଅବସରରେ ମଞ୍ଚେଶ୍ୱରରୁ ପାରାଦୀପ ସେକ୍ସନ ପର୍ଯ୍ୟନ୍ତ ଯାଞ୍ଚ କରାଯିବ ସହିତ ପାରାଦୀପ ଏବଂ ଏହାର ଆଖପାଖ ଅଞ୍ଚଳରେ ରେଳ ଭିତ୍ତିଭୂମି ଓ ସୁବିଧାଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏକ ଗୁରୁତ୍ୱପୂର୍ଣ୍ଣ ପଣ୍ୟ ପରିବହନ କେନ୍ଦ୍ର ଭାବରେ ପାରାଦୀପ ବନ୍ଦରର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ଗସ୍ତ ମୁଖ୍ୟତଃ ବନ୍ଦର ଲଜିଷ୍ଟିକ୍ସ ସହିତ ଜଡିତ ରେଳ ପରିଚାଳନାର ଦକ୍ଷତା, ସୁରକ୍ଷା ଓ କ୍ଷମତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଥିଲା। ମହାପ୍ରବନ୍ଧକ ୟାର୍ଡ ଲେଆଉଟ୍, ସିଗନାଲିଂ ସିଷ୍ଟମ୍, ସାମଗ୍ରିକ ପରିଚାଳନା ଦକ୍ଷତା, ଷ୍ଟେସନରେ ଯାତ୍ରୀ ସୁବିଧା ଏବଂ ପରିଷ୍କାର ପରିଚ୍ଛନ୍ନତାର ଯାଞ୍ଚ କରିତିଲେ। ଏହାସହିତ ଡିପୋର କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ, ସୁରକ୍ଷା ପଦକ୍ଷେପ ଏବଂ ନିର୍ଦ୍ଧାରିତ ରେଳ ମାନକ ଅନୁପାଳନ ଉପରେ ମଧ ଅନୁଧ୍ୟାନ କରିଥିଲେ। ଏହି ଅଞ୍ଚଳରେ ବର୍ଦ୍ଧିତ ପଣ୍ୟ ପରିବହନ, ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ସୁରକ୍ଷା ପ୍ରୋଟୋକଲକୁ ମଜଭୁତ କରିବା, ଉନ୍ନତ ରକ୍ଷଣାବେକ୍ଷଣ ଅଭ୍ୟାସ ଗ୍ରହଣ ଏବଂ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ଏବଂ ଖୋର୍ଦ୍ଧା ରୋଡ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ। ଏହି ଅଞ୍ଚଳରେ ରେଳ ଚଳାଚଳ ପରିଚାଳନାରେ ଖୋର୍ଦ୍ଧା ରୋଡ ଡିଭିଜନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସ୍ୱଚ୍ଛତା ଉଚ୍ଚ ମାନ ବଜାୟ ରଖିବା, ରୋଲିଂ ଷ୍ଟକର ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା,ନିରାପଦ, ଦକ୍ଷ ଓ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବା ପାଇଁ ଭିତ୍ତିଭୂମିର ନିରନ୍ତର ତଦାରଖ କରିବାକୁ ମହାପ୍ରବନ୍ଧକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସଶକ୍ତ ଓଡିଶା ପକ୍ଷରୁ 'ବନ୍ଦନୀୟ ବରପୁତ୍ର'



ଭୁବନେଶ୍ୱର,୧୨।୪(ନିପ୍ର): ସାମାଜିକ ଅନୁଷ୍ଠାନ 'ସଶକ୍ତ ଓଡିଶା' ପକ୍ଷରୁ ସ୍ଥାନୀୟ ସିଆରପି ସ୍ଥିତ କାର୍ଯ୍ୟାଳୟଠାରେ ଓଡ଼ିଆ ପକ୍ଷ ଓ ପବିତ୍ର ବରପୁତ୍ର ଦିବସ ଅବସରରେ ଆବାହକ ବିଜୟ କୁମାର ପ୍ରଧାନଙ୍କ ଅଧକ୍ଷତାରେ ପୁଜ୍ୟପୂଜାର ମହତ କାର୍ଯ୍ୟକ୍ରମ **'ବନ୍ଦନୀୟ ବରପୁତ୍ର'** ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ବିଜୁ ପଟ୍ଟନାୟକ, ହରେକୃଷ୍ଣ ମହତାବ, ନନ୍ଦିନୀ ଶତପଥୀ, ସନ୍ଥକବି ଭୀମ ଭୋଇ, ବାଜି ରାଉତ, ଫକୀର ମୋହନ ସେନାପତି, ଗୋଦାବରୀଶ ମହାପାତ୍ରଙ୍କ ସମେତ ୨୫ ଜଣ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଓ ସ୍ମୃତିଚାରଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାରସ୍ୱତ ପ୍ରାଣ ଡ. ପ୍ରକାଶ ଶ୍ରୀଚନ୍ଦନ, ମୁଖ୍ୟବକ୍ତା ଭାବେ ଉତ୍କଳ ବୁଲେଟିନ ସମ୍ପାଦକ, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଅଧିବକ୍ତା ତଥା ଉପଦେଷ୍ଟା କଲ୍ୟାଣ କୁମାର ଚାଟାର୍ଜୀ, ଶିକ୍ଷାବିତ, ଭାଷାପ୍ରାଣ ରମେଶ ଚନ୍ଦ୍ର ପାତାଳ ସିଂ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶ୍ରୀ ଶ୍ରୀଚନ୍ଦନ ମହିଳାମାନଙ୍କ ଆତ୍ମନିର୍ଭରଶୀଳ, ସଶକ୍ତୀକରଣ ଉପରେ ବକ୍ତବ୍ୟ ରଖିବା ସହ ବରପୁତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତବ୍ୟକ୍ତ କରିଥିଲେ। ଶ୍ରୀ ପ୍ରଧାନ ସରକାରଙ୍କ ମହିଳା ସଶକ୍ତୀକରଣ ଲକ୍ଷ୍ୟ ପୂରଣ କରିବାକୁ ହେଲେ ଗ୍ରାମୀଣ ସ୍ତରରେ ଉତ୍ପାଦନ ବୃଦ୍ଧି କରିବାକୁ ମତ ରଖିଥିଲେ। ମୁଖ୍ୟବକ୍ତା ଶ୍ରୀ ତ୍ରିପାଠୀ ପୁଜ୍ୟପୂଜାକୁ ଗୁରୁତ୍ୱ ଦେଇ ସମସ୍ତେ କାର୍ଯ୍ୟ କରିବାକୁ କହିଥିଲେ। କାର୍ଯ୍ୟକ୍ରମକୁ ସଂଯୁବାଳା ସେଠି, ବର୍ଷା ମକର, ଅହଲ୍ୟା ବଡ଼େଇ ପ୍ରମୁକ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅନିତା ସ୍ୱାଇଁ।

# ବଂଶଧାରାରେ ପାଣି ଡଙ୍ଗର ପ୍ରକଳ୍ପ କରାଯାଉ



ଗୁଣପୁର,୧୨।୪(ନିପ୍ର): ଆନ୍ଧ୍ର ର କାଟ୍ରାଗାଡା ଫେଜ-୨ ପ୍ରକଳ୍ପକୁ ସୁପ୍ରିମକୋର୍ଟ କୋର୍ଟ ଟ୍ରିବ୍ୟୁନାଲ ଟିମ୍ ସବୁଜ ସଂକେତ ଦେବା ପରେ ରାୟଗଡା ଜିଲ୍ଲା ଗୁଡାରୀ ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ ପାଇଁ ଦାବି ଜୋର୍ ଧରିଛି। ସିପିଆଇ ଏମଏଲ ଲିବରେସନର ଏକ ଟିମ୍ ଆନ୍ଧ୍ରର ନେରେଡି ଓ କାଟ୍ରାଗାଡା ପ୍ରକଳ୍ପ ଅନୁଧ୍ୟାନ କରିଛନ୍ତି। ବଂଶଧାରା ନଦୀ ଓଡିଶାରୁ ବାହାରି ଥିବା ବେଳେ ଅଧିକ ଓଡିଶା ଦେଇ ପ୍ରବାହିତ ହେଉଛି। କିନ୍ତୁ ଆନ୍ଧ୍ର ଦେଇ କମ ପ୍ରବାହିତ ହେଉ ଥିଲେ ବି ବଂଶଧାରା ପାଣିକୁ ଆନ୍ଧ୍ର ଉପଯୋଗ କରୁଛି ଓ ଓଡିଶା ଫେଲ ମାରିଛି। ୨୦୦୪ ମସିହାରୁ ଗୁଡାରୀରେ ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ କରିବା ପାଇଁ କାର୍ଯ୍ୟାଳୟ ଖୋଲା ଯାଇ ସର୍ଭେ କରାଯାଇ ଥିଲା। ହେଲେ ଏହା ପରଠାରୁ ପ୍ରକଳ୍ପ ବନ୍ଦ ରହିଛି। ସରକାର ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ ନ କଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି **ସିପିଆଇ (ଏମ୍‌ଏଲ) ଲିବରେସନ** ପକ୍ଷରୁ ଚେତାବନୀ ଦିଆଯାଇଛି। ସିପିଆଇ (ଏମଏଲ) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଆନ୍ଧ୍ରର ପ୍ରକଳ୍ପ ଅଞ୍ଚଳ ବୁଲିଛନ୍ତି।ଏହି ଟିମ୍‌ରେ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ, ଅଶୋକ ପ୍ରଧାନ, ମହେନ୍ଦ୍ର ପରିଡ଼ା, ଅନାସିମ ଶବର, ବୃନ୍ଦାବନ ବିଡିକା, କରୁଣାକର ଲିମା ପ୍ରମୁଖ ସାମିଲ ହୋଇଥିଲେ। ବଂଶଧାରା ଟ୍ରିବ୍ୟୁନାଲରେ ଓଡ଼ିଶାର ପକ୍ଷ ଦୁର୍ବଳ ହୋଇ ପଡିଛି। ପୂର୍ବରୁ ବଂଶଧାରା ଜଳରେ ଓଡ଼ିଶାର ୫୦ ପ୍ରତିଶତ ହକ୍‌କୁ କାର୍ଯ୍ୟରେ ଲଗାଇ ଛୋଟ ଛୋଟ ପ୍ରକଳ୍ପ ଦ୍ୱାରା ବଂଶଧାରା ଅବବାହିକା ଚାଷୀ, ଜନତା ଓ ପରିବେଶ ସୁରକ୍ଷା ନିମନ୍ତେ ଯୋଜନା କରାଯାଇଥିଲା। ଏଥିପାଇଁ ପ୍ରାୟ ୧୨୦୦ କୋଟି ଟଙ୍କା ଅନୁମୋଦନ ହୋଇଥିଲା। ସଂପ୍ରତି ଏହା ଶୀତଳ ଭଣ୍ଡାରରେ ରହିଛି। ରାଜ୍ୟ ସରକାର ଜନ ସାଧାରଣ, ଚାଷୀ ଓ ପରିବେଶ ସୁରକ୍ଷା ନିମନ୍ତେ ବଂଶଧାରାର ଉପରମୁଣ୍ଡରେ ସ୍ଥାୟୀ ନଦୀବନ୍ଧ ଯୋଜନା କାରିବା ଉଚିତ। ଅନ୍ୟଥା ନଦୀ ଅବବାହିକାରେ ବଢ଼ି ଓ ମରୁଡି ଭଳି ପରିସ୍ଥିତି ସୃଷ୍ଟି ହେବ। ସରକାର ଓଡ଼ିଶାର ସ୍ୱାର୍ଥ ରକ୍ଷାରେ ତତ୍ପର ନ ହେଲେ ସିପିଆଇ (ଏମଏଲ) ଲିବରେସନ ଗୁଣପୁର ମାଟି ପାଇଁ ଲଢ଼େଇ କରାଯିବ ବୋଲି କୁହାଯାଇଛି।

# ପିଏନ୍‌ବିର ୧୩୨ତମ ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର,୧୨।୪(ନିପ୍ର): ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ୧୩୨ତମ ପ୍ରତିଷ୍ଠା ଦିବସ କିଟ୍ ଅଡିଟୋରିୟମ୍‌ରେ ପାଳିତ ହୋଇଯାଇଛି। ୧୮୯୫ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ବ୍ୟାଙ୍କ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଲୋକମାନଙ୍କୁ ସେବା ଯୋଗାଇ ଆସୁଛି। ବ୍ୟାଙ୍କର ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ଲାଲା ଲାଜପତ ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ବ୍ୟାଙ୍କ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ, ସଂଗୀତ ପରିବେଷଣ କରାଯାଇଥିଲା। ଅଞ୍ଚଳ ମୁଖ୍ୟ ଭୂଷଣ ଶର୍ମା ରାଜ୍ୟରେ ପିଏନ୍‌ବିର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଉପରେ ଆଲୋକପାତ କରି ୩୫୦ରୁ ଊର୍ଦ୍ଧ୍ୱ ଶାଖାର ନେଟ୍‌ୱର୍କରେ ବ୍ୟବସାୟ ୬୪,୦୦୦କୋଟି ଟଙ୍କା ବୋଲି କହିଥିଲେଏ। ବ୍ୟାଙ୍କର ଅଭିବୃଦ୍ଧିରେ ଯୋଗଦାନ କରିଥିବା ଅନେକ ଅବସରପ୍ରାପ୍ତ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ଉପ ଆଞ୍ଚଳିକ ପ୍ରବନ୍ଧକ କେବି ମିଶ୍ରଙ୍କ ଧନ୍ୟବାଦ ଅର୍ପଣ କରିଥିଲେ। 'ଦି ନେମ ୟୁ କ୍ୟାନ୍ ବ୍ୟାଙ୍କ ଅପନ୍'ର ଐତିହ୍ୟ ବଜାୟ ରଖିବା ପାଇଁ ସମସ୍ତଙ୍କୁ ପ୍ରେରଣା ମିଳିଥିଲା।

# ଗୌର ସୁନ୍ଦର ସମିତି ପକ୍ଷରୁ ଭାଗବତ ପାରାୟଣ

କେନ୍ଦ୍ରାପଡ଼ା,୧୨।୪(ନିପ୍ର):କେନ୍ଦ୍ରାପଡା ପୌରାଞ୍ଚଳ ର ଇଛାପୁର ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ସନ୍ନିକଟ ଗୌର ସୁନ୍ଦର ସମିତିର ପୂର୍ବତନ ସଭାପତି ତଥା ଶତାୟୁ ବୈଷ୍ଣବ ଦିକ୍ଷୀତ ତଥା ପୂର୍ବତନ ସବ ରେଜିଷ୍ଟ୍ରାର ସ୍ୱର୍ଗତ କୃଷ୍ଣଚନ୍ଦ୍ର ମେକାପଙ୍କ ସ୍ମରୋଣସବ ଉପଲକ୍ଷେ ଶ୍ରୀମଦ ଭାଗବତ ପାରାୟଣ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି । ପୁରୀ ଭାଗବତ ଆଶ୍ରମର ମହନ୍ତ ରଜବନ୍ଧୁ ଦାସ ମହାରାଜ ମୁଖ୍ୟ ବ୍ୟାସ ଭାବେ ଶ୍ରୀମଦ ଭାଗବତ ପାରାୟଣ କରିବା ସହ ଏହାର ତତ୍ତ୍ୱାର୍ଥ ଉପରେ ପ୍ରବଚନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମହନ୍ତ ମହାରାଜଙ୍କ ଶିଷ୍ୟ ମାନଙ୍କ ସହ ବିଧାୟକ ଗଣେଶ୍ୱର ବେହେରା, ବରିଷ୍ଠ ସେବାୟତ ବଳରାମ ସୁଆର, ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, କାଉନସିଲର କାଳୀପ୍ରସାଦ ମିଶ୍ର, ଡ଼ଃ ଦେବେନ୍ଦ୍ର କୁମାର ବସନ୍ତିଆ , ଡା ପ୍ରଫୁଲ୍ଲ କୁମାର ସାମଲ, ଇଂ ବିଷ୍ଣୁ ଚରଣ ବେହେରା, ନିରଞ୍ଜନ ପରିଡା, ସାମ୍ବାଦିକ ଦୁର୍ଗା ପ୍ରସାଦ ପତି, ଅକ୍ଷୟ କୁମାର ମେକାପ, ନରୋତ୍ତମ ଦାସ, ପଣ୍ଡିତ ସତ୍ୟ ନାରାୟଣ ପତି, ସମାଜସେବୀ ଗଣେଶ ମେକାପ ହୃଷିକେଶ ସାହୁ ପ୍ରମୁଖ ବହୁ ଶ୍ରଦ୍ଧାଳୁ ଭକ୍ତ ଓ ସାଧୁସନ୍ଥ ଯୋଗ ଦେଇଥିଲେ ।

# ବିଜେପିରେ ପୂର୍ବତନ ବିଧାୟକ ରମେଶ ପଟୁଆ



ସମ୍ବଲପୁର, ୧୨।୪(ନିପ୍ର) ସମ୍ବଲପୁର ଜିଲ୍ଲାର ରାଜନୀତିକ ପରିବେଶ ରେ ରବିବାର ଦିନ ଏକ ବଡ଼ ଧରଣର ଦଳବଦଳ ଘଟଣା ଦେଖିବାକୁ ମିଳିଛି। ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜେଡିର ପୂର୍ବତନ ବିଧାୟକ ଶ୍ରୀ ରମେଶ ପଟୁଆ ଆନୁଷ୍ଠାନିକ ଭାବେ ବିଜେପି ରେ ଯୋଗ ଦେଇଛନ୍ତି। ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ମିନିଟ୍ ସମୟ ରେ ଆୟୋଜିତ ଏହି ମିଶ୍ରଣ ପର୍ବ ରେ ସାଂସଦା ମାଳବିକା ଦେବୀ, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକ ଏବଂ ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ସହିତ ଅନ୍ୟାନ୍ୟ ବରିଷ୍ଠ ନେତା ମାନେ ଉପସ୍ଥିତ ଥିଲେ।ଏହି ଅବସର ରେ ଶ୍ରୀ ପଟୁଆଙ୍କୁ ଦଳ ରେ ସ୍ୱାଗତ ଜଣାଇ ସାଂସଦା ମାଳବିକା ଦେବୀ ଓ ବରିଷ୍ଠ ନେତା ଜୟନାରାୟଣ ମିଶ୍ର ଉତ୍ତରୀୟ ପ୍ରଦାନ କରିଥିଲେ। ଶ୍ରୀ ପଟୁଆଙ୍କ ସହ ପ୍ରାୟ ୨୦୦ରୁ ଅଧିକ ସମର୍ଥକ ମଧ ଏହି ଅବସର ରେ ବିଜେପି ରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଏହି ଅବସର ରେ ଶ୍ରୀ ପଟୁଆ କହିଥିଲେ ଯେ, ଅଞ୍ଚଳର ସମଗ୍ର ବିକାଶ ଏବଂ ପ୍ରଧାନମନ୍ତ୍ରୀଙ୍କ ନୀତି ରେ ଅନୁପ୍ରାଣିତ ହୋଇ ସେ ବିଜେପି ରେ ଯୋଗ ଦେଇଛନ୍ତି। ତାଙ୍କର ଏହି ଯୋଗଦାନ ଫଳ ରେ ରେଙ୍ଗାଲି ଓ ସମ୍ବଲପୁର ଅଞ୍ଚଳ ରେ ଦଳୀୟ ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ଆଶା ପ୍ରକାଶ କରିଥିଲେ। ରାଜନୀତିକ ବିଶ୍ଳେଷକ ମାନଙ୍କ ମତାନୁସା ରେ, ଏହି ଦଳବଦଳ ଘଟଣା ଆସନ୍ତା ଦିନ ରେ ସମ୍ବଲପୁର ଜିଲ୍ଲାର ରାଜନୀତିକ ସମୀକରଣକୁ ବହୁ ମାତ୍ରା ରେ ପ୍ରଭାବିତ କରିବ

# ଜନସାଧାରଣଙ୍କ ସମସ୍ୟା ସମାଧାନ ପାଇଁ ବିଜେଡିର ଦାବି



କୁଜଙ୍ଗ,୧୨।୪(ନିପ୍ର): କୁଜଙ୍ଗରେ ବିଭିନ୍ନ ସମସ୍ୟା ରହିଛି। ଲୋକେ ଦୁର୍ଦ୍ଦଶା ଭୋଗୁଥିବା ବେଳେ ଅରାଜକତା ସୃଷ୍ଟି ହୋଇଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଷଣ୍ଢପୁର ସ୍ଥିତ ବିଜେଡି ଜନସଂପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ମନୀନ୍ଦ୍ର ଗୁରୁ ଅଭିଯୋଗ କରିଛନ୍ତି, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଅଭାବ ଯୋଗୁ ଚିକିତ୍ସା ନ ପାଇ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ ନୂତନ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟକାରୀ ହୋଇଥିବା ବେଳେ କୁଜଙ୍ଗ କାହିଁକି ବାଦ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହିତ ସେ କହିଛନ୍ତି, ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ କୋଟି କୋଟି ଟଙ୍କାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ହଡ଼ପ କରାଯାଉଛି। ଚାଷ ଜମି ଓ ଇଡ୍‌କୋ ଅଧିଗ୍ରହୀତ ଜମିରୁ ରାତି ଦିନ ବେଆଇନ ଭାବେ ମାଟି ଚୋରା ଚାଲାଣ କରାଯାଉଛି। ମାଟି ଚାରା ଚାଲାଣର ଭିଡିଓ ଉତ୍ତୋଳନ କରିବାରୁ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଫିଆମାନେ ଆକ୍ରମଣ କରିଥିଲେ। ମଣ୍ଡିରେ ଧାନ ବିକ୍ରି ହୋଇ ପାରୁନି ଫଳରେ ଅଦିନିଆ ବର୍ଷାରେ ଧାନ ଗଜା ହୋଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ବେହେରା, ବିକ୍ରମ କେଶରୀ ରାଉତରାୟ, ନୃସିଂହ ଜେନା, ଆଇନଜୀବୀ ରଞ୍ଜିତ ବିଶ୍ୱାଳ, ଶ୍ରୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ସାଂଗଠନିକ ବୈଠକ ଯୋଗଦେଲେ ଜେଏମଏମର ୨ ନେତା



ରାଇରଙ୍ଗପୁର/ତିରିଂ, ୧୨/୪ (ନିପ୍ର):ମୟୁରଭଞ୍ଜ ଜିଲ୍ଲା ତିରିଂ ବ୍ଲକ ଅନ୍ତର୍ଗତ ଦୁର୍ଗା ମଣ୍ଡପ ନିକଟସ୍ଥ ଏକ ହଲରେ ତିରିଂ ବ୍ଲକ କଂଗ୍ରେସ କମିଟୀ ପକ୍ଷରୁ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଲକ୍ଷ୍ୟ କରି ଏକ ସାଂଗଠନିକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଭାଗିରଥି ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପଶ୍ଚିମ ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚାର ଉପସଭାପତି ଓ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ରାଜ୍ୟ କଂଗ୍ରେସ ସଂପାଦକ ଲକ୍ଷ୍ମୀଧର ସିଂହ, ଜିଲ୍ଲା ସଂପାଦକ ଜାକିର ହୁସେନ ଓ ରୁପକ ମହାନ୍ତି, ଦଳୀୟ ପର୍ଯ୍ୟବେକ୍ଷକ ଆଇନଯିବିହରି ସାହୁ ସହିତ ଅନ୍ୟାନ୍ୟ ନେତାମାନେ ଯୋଗଦେଇଥିଲେ।ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ରଣକୌଶଳ ଓ ସଂଗଠନ ମଜବୁତିକରଣ ଉପରେ ଆଲୋଚନା ହୋଇଥିଲା। ଏହା ସହିତ ଦଳୀୟ କର୍ମୀମାନଙ୍କୁ ଗ୍ରାମସ୍ତରରେ ସକ୍ରିୟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।ଏହି ଅବସରରେ ତିରିଂ ଅଞ୍ଚଳର ଦୁଇ ଆଦିବାସୀ ଜନପ୍ରିୟ ନେତା ରୁପାଇ ମୁର୍ମୁ ଓ ସୁନ୍ଦରମୋହନ ଟୁଡୁ ଜେଏମଏମ ଛାଡ଼ି କଂଗ୍ରେସ ଦଳରେ ଯୋଗଦେଇଥିଲେ। ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ।ଏହା ସହିତ ତିରିଂ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସ୍ୱରୂପ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।ସଭାରେ ମହମ୍ମଦ ଅଲ୍ଲୀ ଖାନ, ଅନୁପ ସୋରେନ, ଶଙ୍କର କ୍ଷେତ୍ରୀ, ମନୋଜ ନାଏକ, ଇନ୍ତିଖାବ ଆଲାମ, ସନ୍ତୋଷ ନାଏକ, ବାଲ୍ମୀକି କୁମ୍ଭକାର, ହରିଶ ମାର୍ଣ୍ଡି, ସୁଶିଲ ଗିରି, ଶ୍ରୀହରି ପାତ୍ର, ମଧୁସୂଦନ ସର୍ଦ୍ଦାର ସହିତ ଅନ୍ୟାନ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ନେତା ମହମ୍ମଦ ଅଲ୍ଲୀ ଖାନ ଧନ୍ୟବାଦ ଜଣାଇଥିଲେ।

# ୧୯୭୬ ବ୍ୟାଚର ବନ୍ଧୁ ମିଳନ



ନାଉଗାଁ,୧୨।୪(ନିପ୍ର):ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟର ୧୯୭୬ ମସିହା ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସାଧୁଗୋସ୍ୱାମୀ ପୀଠରେ ଅନୁଷ୍ଠିତ ହୋଇଯାଇଛି ଦିବଗନ୍ତ ଶିକ୍ଷକ ଓ ବନ୍ଧୁମାନଙ୍କଦେହାନ୍ତ ହୋଇଥିବାରୁ ସେମାନଙ୍କ ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ଦୀର୍ଘ ୫୦ ବର୍ଷ ବ୍ୟବଧାନରେ ବନ୍ଧୁମାନେ ଏକତିତ୍ର ହୋଇ ନିଜର ଅନୁଭୂତିକୁ ବର୍ଣ୍ଣନା କରିଥିଲେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ସନ୍ତୋଷ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରଂଜନ କୁମାର ଦାସ,ରବିନ୍ଦ୍ର କୁମାର ସାହୁ,ଶିବ ଚରଣ ଦାସ,ରମେଶ ଦାସ,ବାମନ ଚରଣ ସ୍ୱାଇଁ ଙ୍କ ସମେତ ସମସ୍ତ ୩୦ଅଧିକ ବନ୍ଧୁମାନେ ଉପସ୍ଥିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ବନ୍ଧୁମାନେ ପରିଚାଳନା କସମସ୍ୟା ସମାଧାନ ନହେଲେ ଆନ୍ଦୋଳନ କରିବାକୁ ଚେତାବନୀ, ସାମ୍ବାଦିକ ସମ୍ମିଳନୀରେ ସରକାର ବିରୁଦ୍ଧରେ ଗର୍ଜିଲା ବିଜେଡ଼ି

# ପୋଖରୀରୁ ଗଳିତ ମୃତଦେହ ଉଦ୍ଧାର

ନନ୍ଦପୁର, ୧୨ ।୪ (ନି ପ୍ର):କୋରାପୁଟ ଜିଲ୍ଲା କସନ୍ଦି ପଞ୍ଚାୟତ ଅନ୍ତର୍ଗତ ବଣ୍ଡକାପୁଟ ଗ୍ରାମ ପୋଖରୀରୁ ରବିବାର ପୂର୍ବାହ୍ନରେ ଏକ ଗଳିତ ମୃତ ଦେହ ଭାସମାନ ଅବସ୍ଥାରେ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ପରିଚୟ ସର୍ବତି ଗ୍ରାମର ଭିକୁ ଖିଲ (୫୦) ବୋଲି ଜଣାପଡ଼ିଛି। ସେଶୌଚ ହେବାକୁ ଯାଇ ସେ ପୋଖରୀରେ ବୁଡ଼ି ଯାଇ ମୃତ୍ୟୁ ବରଣ କରିଥିବା ଉଲ୍ଲେଖ କରି ତାଙ୍କ ସ୍ତ୍ରୀ ଜାନକୀ ଖିଲ ପୋଲିସ ନିକଟରେ ଏତଲା ଦେଇଛନ୍ତି। ଗ୍ରାମବାସୀ ରବିବାର ସକାଳୁ ଭାସମାନ ଦେହ ଦେଖି ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ଦଳ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ଭିତରରୁ ଗଳିତ ମୃତ ଦେହଟିକୁ ଉଦ୍ଧାର କରିଛି। ।

# ଗାଁର ବିକାଶ ଆମ ସରକାରଙ୍କ ପ୍ରାଥମିକତା: ବିଧାୟକ

କୋରାପୁଟ,୧୨।୪(ନି ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ପକ୍ଷରୁ ବିଭିନ୍ନ ଜନହିତକର ଯୋଜନା ସଂପର୍କରେ ଗାଁର ପ୍ରତି ପରିବାରଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ବିଜେପିର ଗାଁ ଚାଲ ଅଭିଯାନ ଆରମ୍ଭ ହୋଇଛି। ବିଜେପିର ସ୍ଥାପନା ଦିବସରୁ ଏହା ଆରମ୍ଭ ହୋଇଛି।କୋରାପୁଟ ଜିଲ୍ଲା ବିଜେପି ପକ୍ଷରୁ ସମସ୍ତ ବିଧାନସଭା ର୍ନିଚନ ମଣ୍ଡଳୀରେ ଏହି ଅଭିଯାନ ଆରମ୍ଭ



ହୋଇଯାଇଛି।କୋରାପୁଟ ବିଧାନସଭା ର୍ନିଚନ ମଣ୍ଡଳୀ ଅନ୍ତର୍ଗତ କୋରାପୁଟ ବ୍ଲକର ମାଛରା, ମାନବାର ଓ କେନ୍ଦାର ଠାରେ ଗାଁ ଚାଲ ଅଭିଯାନ ସମ୍ପନ୍ନ ହୋଇଛି।କୋରାପୁଟ ବିଧାୟକ ରଘୁରାମ ମାଛ,ଜିଲ୍ଲା ସଭାପତି ଶିବ ମୁଦୁଲିଙ୍କ ଅନେକ ବିଜେପି ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ। ଏହି ଅଭିଯାନ ମାଧ୍ୟମରେ ଲୋକଙ୍କ ରହିଥିବା ସମସ୍ୟାକୁ ଆଣି ଯୋଜନା ପ୍ରସ୍ତୁତ କରାଯାଇ ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ମାଛ କହିଛନ୍ତି। ପ୍ରତ୍ୟେକ ଗାଁର ବିକାଶ କରିବା ଆମ ସରକାରଙ୍କ ପ୍ରାଥମିକତା ଅଟେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନହିତକର ଯୋଜନା ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମହିଳା, ଗରୀବ, କୃଷକ,ଶ୍ରମିକ ଏବଂ ଯୁବବର୍ଗ ମାନଙ୍କ ପାଇଁ ରହିଥିବା ଯୋଜନାଗୁଡ଼ିକ ଗାଁର ଲୋକଙ୍କ ନିକଟରେ ପହଞ୍ଚାଇବା ଅଭିଯାନର ମୂଳ ଲକ୍ଷ୍ୟ ଅଟେ ବୋଲି ସେ କହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଜନହିତକର ଯୋଜନା ଗାଁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ସେମାନଙ୍କ ସମସ୍ୟା ଶୁଣି ସମାଧାନ କରିବା ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗାଁ ଚାଲ ଅଭିଯାନ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ଜୀବନ୍ ତାକର୍ ସ୍ୱାଧୀନତା ଆମର୍ ମଞ୍ଚସ୍ଥ



ଭୁବନେଶ୍ୱର, ୧୨।୪(ନିପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସରେ ରାଜ୍ୟବାସୀ ବନ୍ଦନୀୟ ବରପୁତ୍ରମାନଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପରେ ସହିଦ ମାଧୋ ସିଂଙ୍କ ଜୀବନଯାତ୍ରାକୁ ନେଇ ନାଟକ ଜୀବନ୍ ତାକର୍ ସ୍ୱାଧୀନତା ଆମର୍ ମଞ୍ଚସ୍ଥ ହୋଇଥିଲା।

ବରଗଡ଼ ଜିଲ୍ଲାର ସମଲେଶ୍ୱରୀ ସଂଘ ପକ୍ଷରୁ ପରିବେଷଣ କରାଯାଇଥିବା ଉକ୍ତ ନାଟକର ନିର୍ଦ୍ଦେଶନା ଦେଇଥିଲେ ପ୍ରଧାପକ ଚୂଡ଼ାମଣି ରଥ। ନାଟକର ଅବଧି ରହିଥିଲା ୨ ଘଣ୍ଟା ୧୦ ମିନିଟ୍। ଏଥିରେ ପ୍ରାୟ ୫୦ କଳାକାର ଅଭିନୟ କରିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ମାଧୋ ସିଂ ଏବଂ ତାଙ୍କ ପରିବାରର ଭୂମିକାକୁ ଖୁବ ସୁନ୍ଦର ଭାବେ କଳାକାରମାନେ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଅଭିନେତା ପୃଥ୍ୱୀରାଜ ନାୟକ, ବିଶିଷ୍ଟ ରାଜନେତା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ସ୍ୱାଧୀନତା ସଂଗ୍ରାମରେ ବରପୁତ୍ରମାନଙ୍କ ନିର୍ଣ୍ଣାୟକ ଭୂମିକା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ ବନ୍ଦନୀୟ ବରପୁତ୍ର ଦିବସ ପାଳନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବରପୁତ୍ରମାନଙ୍କ ଜୀବନୀକୁ ନେଇ ଆଲୋଚନା ଚକ୍ରର ଆୟୋଜନ କରାଯିବା ସହିତ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସୁର ସଂଗୀତ କଳା କେନ୍ଦ୍ରର ବାର୍ଷିକ ପରିକ୍ଷା ସମାପନ



ରାଇରଙ୍ଗପୁର, ୧୨୪ (ନିପ୍ର) ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ କଳା ଶିକ୍ଷା ଅନୁଷ୍ଠାନ ସୂର ସଂଗୀତ କଳା କେନ୍ଦ୍ରର ବାର୍ଷିକ ପରିକ୍ଷା ସଂଗୀତ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କଳା କେନ୍ଦ୍ରରେ ତାଲିମପ୍ରାପ୍ତ ପ୍ରଶିକ୍ଷଣ ଶିକ୍ଷକ ମାନଙ୍କ ଦ୍ବାରା ଭାରତୀୟ ଶାସ୍ତ୍ରୀୟ ସଂଗୀତ , ଓଡିଶୀ ସଂଗୀତ, ଓଡିଶୀ ନୃତ୍ୟ, ହିନ୍ଦୁସ୍ଥାନ ତବଲା ଏବଂ ଯନ୍ତ୍ର ବାଦ୍ୟର ଛାତ୍ର ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଆସୁଛି। ଏହା ବ୍ୟତୀତ ଉଚ୍ଚାଙ୍ଗ ଘାରାନା ହିନ୍ଦୁସ୍ଥାନୀ ସଂଗୀତ ଉପରେ ଶିକ୍ଷାଦାନ କରାଯାଇଥାଏ । ତେବେ ଚଳିତବର୍ଷ ରାଇରଙ୍ଗପୁର ବ୍ୟତୀତ ବହଳଦା ଓ ବଲାଣୀ କଳା କେନ୍ଦ୍ର ର ମୋଟ ୧୫୭ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ବିଭାଗ ରେ ଦୁଇ ଦିନ ଧରି ପରିକ୍ଷା ଦେଇଥିଲେ । ଏହି ସଂଗୀତ ପରିକ୍ଷା ସୂର ସଂଗୀତ କଳା କେନ୍ଦ୍ର ପ୍ରତିଷ୍ଠାତା ତଥା ସଂଗୀତ ଗୁର ଉଜ୍ୱଳ କୁମାର ବସା ଙ୍କ ମାର୍ଗଦର୍ଶନ ରେ ଅନୁଷ୍ଠିତ ହୋଇଥିଲା । ପରିକ୍ଷକ ଭାବେ ହରିହର ସଂଗୀତ ମହାବିଦ୍ୟାଳୟ ଖଳିପଦା ଧାମନଗର ର ସଂଗୀତ ଗୁରୁ ହେମନ୍ତ ପୃଷ୍ଟି ଙ୍କ ଦ୍ବାରା ସଂଗୀତର ପ୍ରାକ୍ଟିକାଲ ପରିକ୍ଷା ଗ୍ରହଣ କରିଥିଲେ । ତବଲା ବାଦନ ସଙ୍ଗତରେ ଗୁରୁ ବିରଜା ବେହେରା, କାହ୍ନୁ ନାଏକ ଓ ଧ୍ରୁବଚରଣ ପାତ୍ର ପ୍ରମୁଖ ତବଲା ସଂଗତରେ ସାହାଯ୍ୟ କରିଥିଲେ । ପରିକ୍ଷା କେନ୍ଦ୍ରକୁ ପରିଚାଳନା କରିଥିଲେ ନୃତ୍ୟ ଗୁରୁ ମେଘନାଦ ସାହା ସଂଗୀତ ଗୁରୁ ନଗେନ୍ଦ୍ର ସି ଓ ସଂଗୀତ ବସା ସହଯୋଗ କରିଥିଲେ ।

# ଲକ୍ଷ୍ନୌ ହରାଇ ଗୁଜରାଟ ଟାଇଟନ୍ସ ବିଜୟୀ



ଲକ୍ଷ୍ନୌ,୧୨।୪ (ଏଜେନ୍ସି): ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ରବିବାର ଅନୁଷ୍ଠିତ ୧୯ତମ ମ୍ୟାଚରେ ଗୁଜରାଟ ଟାଇଟନ୍ସ ବ୍ୟାଟିଂ ଏବଂ ବୋଲିଂରେ ଅଲରାଉଣ୍ଡ ପ୍ରଦର୍ଶନ କରି ଲକ୍ଷ୍ନୌ ସୁପର ଜିଆଣ୍ଟସକୁ ୭ ୱିକେଟରେ ପରାସ୍ତ କରିଛି। ଲକ୍ଷ୍ନୌ ସୁପର ଜିଆଣ୍ଟସ ଧାର୍ଯ୍ୟ କରିଥିବା ୧୬୫ ରନ ବିଜୟ ଲକ୍ଷ୍ୟକୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧିନ ଗୁଜରାଟ ଟିମ୍ ୧୮.୪ ଓଭରରେ ୩ ୱିକେଟ୍ ହରାଇ ହାସଲ କରିନେଇ ଥିଲା। ଗିଲ୍ ଏବଂ ଜୋସ୍ ବଟଲର ଦ୍ୱିତୀୟ ୱିକେଟ୍ ଯୋଡିରେ ୮୪ ରନର ଭାଗିଦାରୀ କରିଥିଲେ। ଗିଲ୍ ୬ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୫୬ ରନ୍ ଓ ବଟଲର ୩୭ଟି ବଲ୍ ଖେଳି ୧୧ଟି ଚୌକା ସହାୟତାରେ ୬୦ ରନ୍ କରିଥିଲେ।

ଲକ୍ଷ୍ନୌ ସ୍ଥିତ ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିଣି ଗୁଜରାଟ ଟାଇଟନ୍ସ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଗୁଜରାଟ ବୋଲିଂର ସଫଳ ରଣନୀତି ପ୍ରସ୍ତୁତ କରିବା ଯୋଗୁ ଋଷଭ ପନ୍ତଙ୍କ ନେତୃତ୍ୱାଧିନ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ୧୬୪ ରନକରିଥିଲା। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୪ ଓଭର ବୋଲିଂ କରି ୪ଟି ମୂଲ୍ୟବାନ ୱିକେଟ ନେଇଥିଲେ।

ଇନିଂସ ଆରମ୍ଭରୁ ଗୁଜରାଟ ବିପର୍ଯ୍ୟୟର ସାମ୍ନା କରିଥିଲା। ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ସ ୪ଟି ବଲ୍ ଖେଳି ୧୧ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ସେହିପରି ତାଙ୍କର ସାଥୀ ଓପନର ଏଡେନ୍ ମାର୍କରାମ ୨୧ଟି ବଲ୍ ସାମ୍ନା କରି ୫ଟି ଚୌକା ଏବଂ ୧ ଛକା ବଳରେ ସର୍ବାଧିକ ୩୦ ରନ୍ ଓ ଅଧିନାୟକ ଋଷଭ ପନ୍ତ ୧୮ ରନ୍ କରିଥିଲେ।

# ବୋଲ୍ଟଙ୍କୁ ପଛରେ ପକାଇଲେ ଗାଉଟ

ସିଡନୀ,୧୨।୪(ଏଜେନ୍ସି): ବିଶ୍ୱର ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କ ରେକର୍ଡ ଅଷ୍ଟ୍ରେଲିଆର ଗାଉଟ ଗାଉଟ ଭାଙ୍ଗିଛନ୍ତି ।୨୦ ବର୍ଷରୁ କମ ଅଷ୍ଟ୍ରେଲୀୟ ଆଥଲେଟିକ୍ସ ଚାମ୍ପିୟନଶିପର ୨୦୦ ମିଟର ରେସକୁ ଗାଉଟ ୧୯.୬୭ ସେକେଣ୍ଡରେ ସମ୍ପୂର୍ଣ୍ଣ କରିଥିଲେ । ଯାହା ଏକ ନୂତନ ବିଶ୍ୱରେକର୍ଡ । ପୂର୍ବରୁ ଏହି ରେକଡ ଆମେରିକାର ଏରିୟନ ନାଇଟନଙ୍କ ନାମରେ ଥିଲା। ସେ ୨୦୨୨ରେ ୧୯.୬୯ ସେକେଣ୍ଡରେ ୨୦୦ ମିଟର ରେସ ସମ୍ପୂର୍ଣ୍ଣ କରିଥିଲେ । ଜାମାଇକାର ବୋଲ୍ଟ ୧୮ ବର୍ଷ ବୟସରେ ୨୦୦୪ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ । ସେ ୧୯.୯୩ ସେକେଣ୍ଡରେ ଏହି ରେସ ସମ୍ପୂର୍ଣ୍ଣ କରିଥିଲେ । ତେବେ ଗାଉଟ ସହଜରେ ବୋଲ୍ଟଙ୍କୁ ପଛରେ ପକାଇ ଦେଇଥିବାରୁ ଖୁବ ଶୀଘ୍ର ସେ ବିଶ୍ୱର ଦ୍ରୁତତମ ଧାବକ ସାଜିବେ ବୋଲି ଭବିଷ୍ୟବାଣୀ କରାଯାଉଛି । ଏହି ଇଭେଣ୍ଟରେ ପୂର୍ବରୁ ଗାଉଟଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୨୦.୦୨ ସେକେଣ୍ଡ ଥିଲା । ଗାଉଟ ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପରିବାର ୨୦୦୫ରେ ସାଉଥ ସୁଦାନରୁ ଅଷ୍ଟ୍ରେଲିଆ ଆସିଥିଲେ । ୨୦୨୪ରେ ସେ ୨୦ ବର୍ଷରୁ କମ ବିଭାଗରେ ମାତ୍ର ୧୬ ବର୍ଷ ବୟସରେ ୨୦୦ ମିଟର ବିଭାଗରେ ରୌପ୍ୟ ପଦକ ଜିତିଥିଲେ । ସେ ଏବେ ୨୦ ବର୍ଷରୁ କମ ବିଶ୍ୱ ଚାମ୍ପିୟନଶିପ ପାଇଁ ପ୍ରସ୍ତୁତି ହେଉ ଛନ୍ତି ।




# ପ୍ରଥମ ଆରତୀ ୬୪ ସ୍କୋୟାର ରାଜ୍ୟ ଓପନ ଚେସ୍ : କୌସ୍ତୁଭ ଦାସ ଚାମ୍ପିଅନ




ଭୁବନେଶ୍ୱର,୧୨।୪(ନି.ପ୍ର):ଅଲ ଓଡିଶା ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଆରତୀ ୬୪ ସ୍କୋୟାର ଫାଉଣ୍ଡେସନ ପକ୍ଷରୁ ଚଳିତ ଏପ୍ରିଲ ୧୨ ତାରିଖ ଦିନ ସ୍ଥାନୀୟ କେଶୁରା ସ୍ଥିତ୍ ରୟାଲ ପବ୍ଲିକ ସ୍କୁଲ ଠାରେ ପ୍ରଥମ ଆରତୀ ୬୪ ସ୍କୋୟାର ରାଜ୍ୟ ଓପନ ଚେସ୍ ଚାମ୍ପିଅନଶିପ ଅନୁଷ୍ଠିତ ହୋଇ ଯାଇଛି। କେଶୁରା ସ୍ଥିତ୍ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଚାମ୍ପିଅନଶିପକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଆରତୀ ୬୪ ସ୍କୋୟାର ଫାଉଣ୍ଡେସନର ଡାଇରେକ୍ଟର ସ୍ମୃତି ରଞ୍ଜନ ଦାସ ,ଅଲ ଓଡିଶା ଚେସ୍ ଆସୋସିଏସନର ସେକ୍ରେଟାରୀ ଦେବବ୍ରତ ଭଞ୍ଜ, ଓଡିଶା ଷ୍ଟେଟ ଚେସ୍ ଆସୋସିଏସନର ଆଡଭାଇଜର ଅସିତ ମୁଖାର୍ଜୀ, ଓଡିଶା ଷ୍ଟେଟ ଚେସ୍ ଆସୋସିଏସନର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ, ଅଲ ଓଡିଶା ଚେସ୍ ଆସୋସିଏସନର ସଦସ୍ୟ ସୂର୍ଯ୍ୟକାନ୍ତ ବିଷୋଇ ଓ କୋର୍ଡିନେଟର ତଥା ସ୍ପୋର୍ଟ୍ସ ଏକ୍ସକ୍ଲୁଜିଆଷ୍ଟ ରଞ୍ଜିତ ଭଟ୍ଟାଚାର୍ଜୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ସାତ ରାଉଣ୍ଡ ସମାପ୍ତ ପରେ ଫାଇନାଲ ର୍‍ୟାଙ୍କିଂରେ ଭୁବନେଶ୍ୱରର କୌସ୍ତୁବ ଦାସ ସର୍ବାଧିକ ୬.୫ ପଏଣ୍ଟ ହାସଲି କରି ଚାମ୍ପିଅନ ଓ ପୁରୀର ରାଜେଶ ନାୟକ ୬ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ସେହିପରି ଭୁବନେଶ୍ୱରର ରାଜେନ୍ଦ୍ର କୁମାର ସାହୁ, ଓମ ଆଦିତ୍ୟ ଖାଡଙ୍ଗା, ତନ୍ମୟ ତ୍ରିପାଠୀ, ସ୍ୱପ୍ନିଳ ପ୍ରିୟଦର୍ଶୀ, କେନ୍ଦ୍ରାପଡାର ଲଭ୍ୟଜ୍ୟୋତି ରାଉତରାୟ ଓ ଜଟଣୀର ସ୍ଥିତପ୍ରଜ୍ଞା ସାହୁ ପ୍ରତ୍ୟେକ ୫.୫ ପଏଣ୍ଟ ଲେଖାଏଁ ପାଇ ଯଥାକ୍ରମେ ତୃତୀୟରୁ ଅଷ୍ଟମ ସ୍ଥାନ ହାସଲ କରିଛନ୍ତି।

ଏଜ ଗ୍ରୁପ ପ୍ରାଇଜ: ସର୍ବ କନିଷ୍ଠ ଅଂଶ ଗ୍ରହଣକାରୀ-ଦିବ୍ୟଶ୍ରେୟ କାଶ୍ୟପ(୫ ବର୍ଷ)। ସେହିପରି ୭,୯,୧୧,୧୩ ଓ ୧୫ ବର୍ଷରୁ କମ ବର୍ଗରେ ଅବନୀତ ସାହୁ, ଅର୍ପଣ ସାହୁ, ସିଦ୍ଧାର୍ଥ ମଲ୍ଲିକ, ଦୀପ୍ତିମାନ ଦେ ,ସ୍ୱସ୍ତିକ ତ୍ରିପାଠୀ ଓ ବାଳିକା ବିଭାଗରେ ଦେବସ୍ମିତା ପାଣି ପ୍ରମୁଖ ପ୍ରଥମ ସ୍ଥାନ ଅକ୍ତିଆର କରିଛନ୍ତି। ରଞ୍ଜିତା ଭଟ୍ଟାଚାର୍ଜୀ ଶ୍ରେଷ୍ଠ ମହିଳା ଖେଳାଳି ଓ ନଟବର ଦାସ ଶ୍ରେଷ୍ଠ ଭେଟେରାନ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି।

# ମୁମ୍ବାଇ ଇଣ୍ଡିଆନ୍ସକୁ ଝଟକା ଦେଲା ଆରସିବି

ମୁମ୍ବାଇ,୧୨।୪(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦ତମ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)୪ ମ୍ୟାଚରୁ ତୃତୀୟ ବିଜୟ ହାସଲ କରିଛି। ସେହିପରି ମୁମ୍ବାଇ ୪ ମ୍ୟାଚ ଖେଳି ତୃତୀୟ ପରାଜୟ ସ୍ୱିକାର କରିଛି। ଆରସିବି ଧାର୍ଯ୍ୟ କରିଥିବା ୨୪୧ ରନ ଟାର୍ଗେଟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ରିୟାନ ରିକଲଟନଙ୍କ ୩୭, ସୂର୍ଯ୍ୟକୁମାର ଯାଦବ ୩୩ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୪୦ ରନ କରିଥିଲେ ହେଁ ଲକ୍ଷ୍ୟ ହାସଲରେ ବିଫଳ ହୋଇଥିଲା। ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବେଙ୍ଗାଲୁରୁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ତିନି ବ୍ୟାଟରଙ୍କ ଅର୍ଦ୍ଧଶତକ ବଳରେ ୪ୱିକେଟ୍ ହରାଇ ୨୪୦ ରନ୍ ସଂଗ୍ରହ କରିଥିଲା। ଫିଲିପ୍ ସଲ୍ଟ ଓ ବିରାଟ କୋହଲି ଇନିଂସ ଆରମ୍ଭ କରି ପ୍ରଥମ ୱିକେଟ ଯୋଡିରେ ୧୨୦ ରନ ଯୋଗ କରି ଦଳର ସ୍ଥିତି ମଜଭୁତ କରିଥିଲେ। ଫିଲିପ୍ ସଲ୍ଟ ୬ଚୌକା ଏବଂ ୬ ଛକା ସହାୟତାରେ ୩୬ ବଲ୍‌ରୁ ୭୮ ରନ୍ ଓ କୋହଲି ୩୮ଟି ବଲ୍ ଖେଳି ୫ଚୌକା ଏବଂ ୧ ଛକା ବଳରେ ୫୦ ରନ୍ ସଂଗ୍ରହ କରିଥିଲେ। ସେହିପରି ଅଧିନାୟକ ରଜନ ପଟିଦାର ୨୦ ବଲ୍ ଖେଳି ୪ ଚୌକା ଏବଂ ୫ଛକା ସହିତ ୫୩ ଓ ଟିମ ଡେଭିଡ ୧୬ ବଲରୁ ଅପରାଜିତ ୩୪ ରନ କରିଥିଲେ।

# ବିଜୁବାବୁଙ୍କ ତିରୋଧାନ ଦିବସ ପାଇଁ ପ୍ରସ୍ତୁତି ବୈଠକ



ନିମାପଡ଼ା,୧୨।୪ (ନିପ୍ର): ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣ ମଣ୍ଡପ ପରିସରରେ ଆସନ୍ତା ୧୭ ତାରିଖ ଦିନ ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ ଉପଲକ୍ଷେ ନିମାପଡ଼ା ବିଜୁ ଜନତା ଦଳର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଭଗ୍ୟଧର ଖଟୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିମାପଡ଼ା - ଗୋପ ନିର୍ବାଚନ ମଣ୍ଡଳୀ ବିଜେଡିର ସଂଗଠନ ସମ୍ପାଦକ ସୁବ୍ରତ ଛାଟୋଇ, ଜିଲ୍ଲା ମହିଳା ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ଗୋପ ବ୍ଲକ ସଭାପତି ମହେଶ୍ୱର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ଜିଲ୍ଲାପରିଷଦସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ନଗର ସଭାପତି ଧନୁର୍ଦ୍ଧର ଦାଶ, ବରିଷ୍ଠ ନେତୃତ୍ୱ ନିରଂଜନ ମହାପାତ୍ର, ଲୋକନାଥ ସାହୁ ସତ୍ୟବାଦୀ ମହାପାତ୍ର, ସୁକାନ୍ତ ନାୟକ, ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର କୁମାର ଦାଶ, ଯୁବନେତା ବିଜୟ ପଟ୍ଟନାୟକ, ଦୁର୍ଲ୍ଲଭ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ଯୋଗଦେଇଥିଲେ। ସ୍ଥାନୀୟ ଟାଉନ ହଲ ପରିସରରେ ଆସନ୍ତା ୧୭ ତାରିଖ ଦିନ ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ ମହାସମାରୋହରେ ପାଳିତ କରାଯିବ ବୋଲି ଆଜିର ବୈଠକରେ ସ୍ଥିର କରାଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତାଦଳ ଯେପରି ପୁନର୍ବାର ବାଜିମାତ କରିବେ ସମସ୍ତେ ଚେଷ୍ଟା ଜାରି କରିବାକୁ ସଭାପତି ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ||||||||||||||||||||||||||||| ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା |||||||||||||||||||||||||||||

# କିସ୍ ପ୍ରତିଯୋଗୀଙ୍କ ୨୯ପଦକ ହାସଲ

ଭୁବନେଶ୍ୱର,୧୨।୪(ନି.ପ୍ର): ଛତିଶଗଡ଼ରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶାରୁ ୧୨୫ଜଣ ଖେଳାଳି ଭାଗ ନେଇଥିବା ବେଳେ କିସ୍ ପ୍ରତିଯୋଗୀ ୨୯ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳର ପ୍ରତିନିଧିତ୍ୱ କରି କିସ୍ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ମୋଟ୍ ୯ ସ୍ୱର୍ଣ୍ଣ, ୮ ରୌପ୍ୟ ପଦକ ଏବଂ ୧୨ କାଂସ୍ୟ ପଦକ ହାସଲ କରିଥିଲେ। ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିସର ୨୯ଜଣ ପଦକ ବିଜେତା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। କିସ୍ ଛାତ୍ରୀ ଅଞ୍ଜଳି ମୁଣ୍ଡା ଏକାକୀ ସନ୍ତରଣର ବିଭିନ୍ନ ବର୍ଗରେ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତାଙ୍କୁ କିସ୍ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ପଦକ ବିଜେତାଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଅଚ୍ୟୁତ ସାମନ୍ତ କହିଛନ୍ତି ଯେ ଏହା ଆରମ୍ଭ ମାତ୍ର। ଆହୁରି ଅଧିକ ସଫଳତା ପାଇବାକୁ ହେଲେ ଧୈର୍ଯ୍ୟ ଓ ଉଦ୍ୟମ ଆବଶ୍ୟକ। କିଟ୍ ଓ କିସ୍ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଛି। ଅଧିକରୁ ଅଧିକ ପରିଶ୍ରମ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କିଟ୍ ଓ କିସର ପିଲାମାନେ ଅଲିମ୍ପିକ୍ସରେ ଅଂଶଗ୍ରହଣ ଆମର ଲକ୍ଷ୍ୟ ରହିଛି ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ ଓ କିସ୍ ମହାନିର୍ଦ୍ଦେଶକ ଡ଼. ଗଗନେନ୍ଦୁ ଦାଶ ଏବଂ ଗ୍ଲେନ ମାର୍କ ସନ୍ତରଣ କୋଚ ଅବଦୁଲ୍ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।



# ମନମୋହିଲା କୋଣାର୍କ ଲୋକକଳା ମହୋତ୍ସବ



କୋଣାର୍କ,୧୨।୪ (ନିପ୍ର): ଓଡ଼ିଶୀ ନୃତ୍ୟ ଓ ଲୋକ ନୃତ୍ୟ ଉତ୍ସବର ସମାହାର କୋଣାର୍କ ଲୋକକଳା ମହୋତ୍ସବ ୨୦୨୬ ରବିବାର ଦିନ ତମାମ କଲ୍ୟାଣ ମଣ୍ଡପ ପରିସରର ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସଂସ୍କୃତି ବିଭାଗ ସହଭାଗିତାରେ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡିଶା କଲ୍‌ଚର୍ ଆର୍ଟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବର ପ୍ରତିଷ୍ଠାତା ଓ ସଭାପତି ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଇଏଏସ ଦାଶରଥି ଶତପଥୀ, ମୁଖ୍ୟ ବକ୍ତା ଭାବେ ଟେକ୍ନିକାଲ ନିର୍ଦ୍ଦେଶକ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ବାସୁଦେବ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ପ୍ରସିଦ୍ଧ ବ୍ୟଙ୍ଗକବି ସମ୍ପଦ କୁମାର ରଥ, ବିଶିଷ୍ଟ ସମାଜସେବୀ ଡ. ତ୍ରିଲୋଚନ ବରାଳ, ସହ ସଂଯୋଜକ ବିଜେପି ସାଂସ୍କୃତିକ ପ୍ରକୋଷ୍ଠ କୃତିବାସ ରଥ, ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ ମନମୋହନ ସ୍ୱାଇଁ, ସଭାପତି ଭାଗବତ ତୁଙ୍ଗି ପ୍ରଚାର ସମିତି ଓଡ଼ିଶା ନଙ୍ଗୁଳି ବାବା, ସାମ୍ବାଦିକ ତଥା ପରିବେଶବିତ୍ ଜ୍ଞାନ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ଦ୍ୱାରା ଆୟୋଜିତ କରାଯାଉଥିବା ଏହି ଉତ୍ସବ ଦ୍ୱାରା ଲୋକକଳା ଓ କଳାକାର୍‌ମାନଙ୍କର ଉନ୍ନତି ହେବା ସହ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନେଇ ମତପୋଷଣ କରିଥିଲେ। କଳାକାର ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପରିଚୟ ସେମାନେ ଆମର ଗର୍ବ ଓ ଗୌରବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ୨ ଶହରୁ ଉର୍ଦ୍ଧ୍ୱ କଳାକାର, ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀ, ଅଭିନେତା, ସମାଜସେବୀ ଓ ସାହିତ୍ୟିକମାନଙ୍କୁ କୋଣାର୍କ ରତ୍ନ, ଧର୍ମପଦ ସ୍ମୃତି ସମ୍ମାନ, ଅର୍କଶ୍ରୀ ସମ୍ମାନ ଆଦି ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ବିହାରୀ ମଞ୍ଚ ସଂଯୋଜନା କରିଥିବା ବେଳେ ନିରାକାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ବିଜୟ କେତନ ସାହୁ, ମୋନାଲିସା ଷଡ଼ଙ୍ଗୀ, ଦିବ୍ୟାଲିଶା ନାୟକ, ମୋନାଲିସା ମୁଦୁଲି, ପ୍ରଗତି ପାତ୍ର, ଦୀପକ ବେହେରା, ପ୍ରଶାନ୍ତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ନୀଳମାଧବଙ୍କ ମନ୍ଦିରରେ ଥଣ୍ଡା ପାନୀୟଜଳ ବ୍ୟବସ୍ଥା




କଣ୍ଟିଲୋ,୧୨।୪ (ନିପ୍ର): ଅସହ୍ୟ ରୌଦ୍ରତାପ ଓ ଅକଥନୀୟ ଗରମ ସମୟେ ନୀଳମାଧବଙ୍କ ମନ୍ଦିର ଉପରେ ଶ୍ରଦ୍ଧାଳୁ, ଭକ୍ତ, ପର୍ଯ୍ୟଟକ ଓ ସେବାୟତଙ୍କ ସମେତ ସାଧାରଣ ଜନତାଙ୍କ ସେବା ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ପାଇଁ ମନ୍ଦିର ଉପରେ ଭୋଲଟାସ କମ୍ପାନୀର ଏକ ଆକ୍ୱାଗାର୍ଡ ୱାଟର ଫିଲଟର ମେସିନ ସ୍ଥାପନ ହୋଇଛି। ସୂଚନାରୁ ଜଣାପଡିଛି ଯେ, ମନ୍ଦିର ଉପରେ ଥଣ୍ଡା ପାଣି ମୁନ୍ଦାଏ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଜନତାଙ୍କୁ ଯୋଗାଇବା ପାଇଁ ନୟାଗଡ଼ ରୋଟାରୀ କ୍ଲବ ତରଫରୁ ଡୋନେଟ ହୋଇଥିବା ମେସିନଟି ଲାଗିବା ଦିନଠାରୁ ଖରାପ ହୋଇ ରହିଥିଲା। ଦେବୋତ୍ତର ବିଭାଗ ଶ୍ରୀ ଜିଉଙ୍କ ନିଜସ୍ୱ ଅର୍ଥ ଖର୍ଚ୍ଚ କରି ମନ୍ଦିର ଉପରେ ସର୍ବ ସାଧାରଣଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବାକୁ ବହୁବାର ଅବଗତ କରିବା ଏବଂ ଖବର କାଗଜରେ ଖବର ପ୍ରସାରିତ ହୋଇଥିଲେ ମଧ କୌଣସି ସୁଫଳ ମିଳିନଥିଲା। ବାରମ୍ବାର ଖବର କାଗଜରେ ମନ୍ଦିର ଉପରେ ଥଣ୍ଡା ପାନୀୟ ପାଇଁ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ହାହାକାର ହେଉଥିବା ସମ୍ପର୍କରେ ଖବର ପ୍ରସାରିତ ହେଉଥିବାକୁ ହୃଦବୋଧ କରି ଆଜି ଭୁବନେଶ୍ୱର ମାରଓ୍ୱାଡ଼ି ଯୁବମଞ୍ଚ ତରଫରୁ ସର୍ବସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଆଜି ଏହି ଥଣ୍ଡା ପାନୀୟ ଜଳ ମେସିନ ସ୍ଥାପନକୁ ରାଜ୍ୟ ବିଜେପି ଯୁବ ମୋର୍ଚ୍ଚାର ସଭାପତି ତଥା ଯୁବ ନେତା ଅଭିଳାଷ ପଣ୍ଡା ଉଦ୍‌ଘାଟନ କରିଥିବା ବେଳେ, ଡୋନେଟ କରିଥିବା ମାରଓ୍ୱାଡ଼ି ଯୁବ ମଞ୍ଚ ଭୁବନେଶ୍ୱରର ସଭାପତି ଜଗମୋହନ ପେଡ଼ିୱାଲ୍, ଅରୁଣ ଅଗ୍ରୱାଲ ଉପସଭାପତି (ମଣ୍ଡଳ ୧) ଓଡିଶା ପ୍ରାନ୍ତିୟ ମାରଓ୍ୱାଡ଼ି ଯୁବମଞ୍ଚ, ପୂର୍ବତନ ସଭାପତି ହରିଶ ଅଗ୍ରୱାଲା ଓ ପରାଗ ଅଗ୍ରୱାଲା ଉପସ୍ଥିତ ଥିଲେ। ଉପସ୍ଥିତ ସେବାୟତ ସମାଜର କର୍ମକର୍ତ୍ତା ଓ ପର୍ଯ୍ୟଟକମାନେ ସେମାନଙ୍କୁ ବହୁ ପ୍ରଶଂସା କରିବା ସହିତ କୃତଜ୍ଞତା ଓ ଧନ୍ୟବାଦ୍ ଜଣାଇଛନ୍ତି।

# ଦଣ୍ଡଯାତ୍ରା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ୩ମୃତ, ୩ଗୁରୁତର

ହିନ୍ଦୋଳ, ୧୨।୪ (ନିପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ହିନ୍ଦୋଳ ଉପଖଣ୍ଡରେ ଏକ ଅଘଟଣରେ ଆଜି ରାତି ୮ଟାରେ ତିନିଜଣଙ୍କ ମୃତ୍ୟୁ ହୋଇଥିବାବେଳେ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ଖବରରୁ ପ୍ରକାଶ ହିନ୍ଦୋଳ ବ୍ଲକ ବାଲିମି ଥାନା ପାଟଲା ପଂଚାୟତ କୋଠଘର ନିକଟରେ ଦଣ୍ଡ ନୃତ୍ୟ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ସେଠାରେ ଯାଇଥିବା ବିଦ୍ୟୁତରେ ସଂଯୋଗ କରୁଥିବା ବେଳେ କରେଣ୍ଟ ଲାଗି ସେହି ଗ୍ରାମର ସୁଧାକର ସାହୁ(୪୨), ଲକ୍ଷ୍ମୀକାନ୍ତ ସାହୁ (୪୫) ଓ ମିଳନ ଦଳେଇ ନାମକ ତିନିଜଣ ବ୍ୟକ୍ତିଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ମୃତ ଓ ଆହତଙ୍କୁ ଅନୁଗୋଳ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିବା ବେଳେ ଆହତଙ୍କ ଚିକିତ୍ସା ଜାରି ରହିଛି। ଖବରପାଇ ହିନ୍ଦୋଳ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସତ୍ୟକୁମାର ନନ୍ଦ, ଥାନା ଅଧିକାରିଣୀ ଚାରୁଲତା ବେହେରା ସଦଳେବଳେ ଘଟଣା ସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛନ୍ତି। ତେବେ ଦଣ୍ଡନାଚ ପାଇଁ ଗାଁରେ ଟେଣ୍ଟ ବାନ୍ଧୁଥିବା ବେଳେ ଟେଣ୍ଟ୍ର ଲୁହା ପାଇପ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଏହିଭଳି ଅଘଟଣ ଘଟିଥିବା ଜଣା ପଡିଛି ଏବଂ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ୩ ଜଣଙ୍କ ମୃତ ହୋଇଥିବାଡାକ୍ତର ଘୋଷଣା କରିଛନ୍ତି ।



# ପଶୁଦା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ

ଖୁଣ୍ଟା,୧୨।୪ (ନିପ୍ର): ଗୋପବନ୍ଧୁ ନଗର ବ୍ଲକ ପଶୁଦା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇ ଯାଇଛି। ପୁରାତନ ଛାତ୍ର ଦଶରଥ ବାଘରାୟଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ସରପଞ୍ଚ ନିମାଇଁ ସୋରେନ, ମୁଖ୍ୟ ବକ୍ତା ଅକ୍ଷୟ କୁମାର ଦାସ, ସମ୍ମାନିତ ଅତିଥି ସମିତି ସଭ୍ୟ ଭୀମ ସୋରେନ, ଅଜୟ କଟୁଆଳ, ମଧୁସୂଦନ ପଶା ପ୍ରମୁଖ ଯୋଗଦେଇ ସଫଳତାର ମୂଳମନ୍ତ୍ର କଠିନ ପରିଶ୍ରମ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଶ୍ରୀକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ମୁଖ୍ୟ ବକ୍ତା ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଜିଲ୍ଲା ପରିଷଦ ସଦସ୍ୟା ଉର୍ମିଳା ଲେଙ୍କା, ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ନିରନ୍ତର ପ୍ରଚେଷ୍ଟା ଓ ସଂଘର୍ଷ ଦ୍ୱାରା ଶକ୍ତି ଏବଂ ସମୃଦ୍ଧି ମିଳେ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମନୋଜ ରାୟ ସିଂହ ଧନ୍ୟବାଦ ଦେଇଥିଲେଛ ସମସ୍ତ ପୁରାତନ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଲୁହରେ ଭିଜିଲା ପର୍ଶୁରାମଙ୍କ ସ୍ମୃତି ସଭା



ଡେଲାଙ୍ଗ, ୧୨।୪ (ନିପ୍ର): ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ନୂଆହାଟ ବିଦ୍ୟାଳୟର ଶିକ୍ଷକ ପର୍ଶୁରାମ ସାହୁଙ୍କ ଅକାଳ ବିୟୋଗରେ ତାଙ୍କ ଏକାଦଶାହରେ ଅନୁଷ୍ଠିତ ଶୋକ ସଭା କୋହରେ ଭିଜିଛି। ସ୍ୱର୍ଗତ ସାହୁଙ୍କ ଗୁରୁ ଚକ୍ରଧର ଓ ଜଟାଧାରୀଙ୍କ କୋହରେ ସଭା କୋହସିକ୍ତ ହୋଇଥିଲା। କଲ୍ୟାଣପୁର ହରିପୁର ଗ୍ରାମର ନିଜସ୍ୱ ବାସଭବନ ଠାରେ ଶିକ୍ଷାବିତ୍ ଚକ୍ରଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱର୍ଗତ ସାହୁଙ୍କ ସୁଗୁଣାବଳୀର ସ୍ମୃତି ଚାରଣ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଥମେ ଗୀତାପାଠ ସହ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଆୟୋଜିତ ସ୍ମୃତି ଚାରଣ ସଭାକୁ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ ଦାସ ଓ ଶିକ୍ଷକ ପ୍ରଦୀପ୍ତ ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ଶିକ୍ଷାବିତ୍ କୈଳାସ ସାହୁ, ହରିହର ସାହୁ, ଜଟାଧାରୀ ପରିଡ଼ା, ଦିଗମ୍ବର ରଥ, ମିଟୁ କିଶୋର ପ୍ରଧାନ, କଣାସର ଶିକ୍ଷକ ନାରାୟଣ ବେହେରା, ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନ, ପବିତ୍ର ଜେନା, ସାରଥ ପ୍ରଧାନ, ସିଆରସିସି କୃତିବାସ ପରିଡା, ତପନ ମଲ୍ଲିକ, ଦୟାନିଧି ମାର୍ଥା, ଅଭିମନ୍ୟୁ ପ୍ରଧାନ, ଭୁପତି ତ୍ରିପାଠୀ, ଶିକ୍ଷୟିତ୍ରୀ ଜୟକାନ୍ତି ମେଣ୍ଟା, ବିଳାସିନୀ ଆଚାର୍ଯ୍ୟ, ସୁଧାଂଶୁ ବାଳା ପ୍ରଧାନ, ମଞ୍ଜୁଲତା ଦେଇ, ସବିତା ସାହୁ, ବିନୋଦିନୀ ରାଉତ, ପାପ୍ଲିନ୍ ପ୍ରଧାନ, ସୁଧୀର ଜେନା, ଅଭୟ ଚରଣ ସାହୁ, ଦିଲ୍ଲୀପ ନାୟକ, ଗଦାଧର ପ୍ରଧାନ, ଦେବାଶିଷ ପ୍ରଧାନ, ମଙ୍ଗୁଳି ପରିଡା, ବିଶ୍ୱ ରଞ୍ଜନ ପ୍ରଧାନ, ପ୍ରାକ୍ତନ ଶିକ୍ଷକ ଗୋପାଳ ମହାପାତ୍ର, ବୁଦ୍ଧିଜୀବୀ ତଥା କଣାସର ଶିକ୍ଷକ କାଶୀନାଥ ବେହେରାଙ୍କ ସହ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ, ପର୍ଶୁରାମ ପ୍ରେମୀ ଉପସ୍ଥିତ ରହି ଓ ସ୍ୱର୍ଗତ ସାହୁଙ୍କ ଅମାୟିକ ବ୍ୟବହାର, ମେଳାପୀ ଗୁଣ, ମଧୁର ବଚନ, ସହଯୋଗୀ, ସହିଷ୍ଣୁ ମନୋଭାବକୁ ମନେପକାଇ ଶିକ୍ଷକ ସମାଜରେ ଜଣେ ଆଦର୍ଶ ଶିକ୍ଷକ ଚାଲିଗଲେ ବୋଲି କହିଥିଲେ। କଲ୍ୟାଣପୁର ଆଞ୍ଚଳିକ ସାଧନ କେନ୍ଦ୍ର ଓ ଶିକ୍ଷକ ସଂଘର ଏକ ଦଳ ଦିବଂଗତ ସାହୁଙ୍କ ପତ୍ନୀ ମନୋରମା, ପୁତ୍ର ରୁଦ୍ର ପ୍ରସାଦ, ବିଭୁ ପ୍ରସାଦଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରି ସମବେଦନା ସହ ବୁଝାଇଥିଲେ। ଶିକ୍ଷକ ସୁରେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# କୌଣସି ଜାହାଜ ହର୍ମୁଜ ଦେଇ ଯାଇପାରିବ ନାହିଁ: ଟ୍ରମ୍ପ

**ୱାଶିଂଟନ, ୧୨।୪ (ଏଜେନ୍ସି):** ଇରାନ ସହ ଆଲୋଚନା ବିଫଳ ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅତି ମାତ୍ରାରେ କ୍ରୋଧିତ ହୋଇଛନ୍ତି। ସେ ଧମକ ଦେଇଛନ୍ତି ଯେ ଆମେରିକା ତୁରନ୍ତ ହର୍ମୁଜରେ ପ୍ରବେଶ କିମ୍ବା ପ୍ରସ୍ଥାନ କରିବାକୁ ଚେଷ୍ଟା କରୁଥିବା ଜାହାଜଗୁଡ଼ିକୁ ଅବରୋଧ କରିବା ଆରମ୍ଭ କରିବ। କୌଣସି ଜାହାଜକୁ ହର୍ମୁଜ୍ ଛାଡ଼ିବାକୁ ଅନୁମତି ଦିଆଯିବ ନାହିଁ। ଟ୍ରମ୍ପଙ୍କ ଏହି ଧମକ ତୁରନ୍ତ ଏକ ବୈଶ୍ୱିକ ଆତଙ୍କରେ ପରିଣତ ହୋଇଛି।

ଟ୍ରମ୍ପ କହିଛନ୍ତି, ଆମେ ସମଗ୍ର ଜଳପଥକୁ ଅବରୋଧ କରିବୁ ଏବଂ ଯଦି କେହି ଏହାର ରାସ୍ତାରେ ଆସନ୍ତି, ତେବେ ଏହାକୁ ଉଡ଼ାଇ ଦିଆଯିବ। ସେ କହିଛନ୍ତି ଯେ ହରମୁଜ୍ ଦେଇ ଯିବା ପାଇଁ ଇରାନକୁ ଅର୍ଥ ପ୍ରଦାନ କରିଥିବା ଜାହାଜଗୁଡ଼ିକୁ ବନ୍ଦ କରିବାକୁ ସେ ଆମେରିକା ନୌସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପାକିସ୍ତାନରେ ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ବିଫଳ ହୋଇଛି।



ଉଭୟ ପକ୍ଷ ପରସ୍ପର ଉପରେ ଅଧିକ ଦାବି କରିବାକୁ କହୁଛନ୍ତି। ଏହି ଆଲୋଚନା ବିଫଳ ହେବା ପରେ ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ନିଜର ମତ ରଖିଛନ୍ତି। ସେ କହିଛନ୍ତି ଯେ ଆମେରିକାର ନୌସେନା ଅବରୋଧ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଇରାନ ଯଦି ଆମେରିକା କିମ୍ବା ଅନ୍ୟ କୌଣସି ରାଷ୍ଟ୍ରର ଶାନ୍ତିପୂର୍ଣ୍ଣ ଜାହାଜ ଉପରକୁ ଗୁଳି ଚଳାଇବ, ତେବେ ଏହାକୁ ଉଡ଼ାଇ ଦିଆଯିବ। ଆମେରିକା ରାଷ୍ଟ୍ରପତି ଏହା ମଧ୍ୟ କହିଛନ୍ତି ଯେ ଏହି ଅବରୋଧରେ ଅନ୍ୟ ଦେଶମାନେ ମଧ୍ୟ ଜଡିତ ହେବେ। ସେ କହିଛନ୍ତି ଯେ ଇରାନକୁ ବେଆଇନ ଭାବେ ଚୋରା ଚାଲାଣରୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ଟ୍ରମ୍ପ କହିଛନ୍ତି ଯେ ଜାହାଜଗୁଡ଼ିକୁ ସୁରକ୍ଷିତ ସ୍ଥାନାନ୍ତର କରିବା ପରିବର୍ତ୍ତେ ଇରାନ ଭୁଲ ମାର୍ଗ ଦେଇ ଚୋରା କାରବାର ଚଳାଉଛି। ଟ୍ରମ୍ପ କହିଛନ୍ତି, ଅନ୍ତର୍ଜାତୀୟ ଜଳସୀମାରେ ଇରାନକୁ ଟୋଲ୍ ଦେଉଥିବା ପ୍ରତ୍ୟେକ ଜାହାଜକୁ ଖୋଜିବା ଏବଂ ବନ୍ଦ କରିବାକୁ ମୁଁ ନୌସେନାକୁ ନିର୍ଦ୍ଦେଶ ଦେଇଛି। ଯିଏ ବେଆଇନ ଟୋଲ୍ ଦେଇଛି ସେ ମଧ୍ୟ ସୁରକ୍ଷିତ ରାସ୍ତା ପାଇବ ନାହିଁ।

## ଯୁଦ୍ଧକୁ ଡେଇଁବ ତୁର୍କୀ!

**ନୂଆଦିଲ୍ଲୀ, ୧୨।୪ (ଏଜେନ୍ସି):** ପାକିସ୍ତାନରେ ଆମେରିକା ଏବଂ ଇରାନ୍ ମଧ୍ୟରେ ହୋଇଥିବା ଶାନ୍ତି ଆଲୋଚନା ବିଫଳ ହୋଇଯାଇଛି । ଏହା ପରେ ଇରାନ



ଯୁଦ୍ଧର ତୀବ୍ରତା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି। ଏହାରି ମଧ୍ୟରେ ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ ଇସ୍ରାଏଲକୁ କଡ଼ା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ଯଦି କୂଟନୈତିକ ଆଲୋଚନାରେ ସମସ୍ୟାର ସମାଧାନ ନହୁଏ, ତେବେ ତୁର୍କୀଏ ଆକ୍ରମଣ କରିବାକୁ ପଛାଇବ ନାହିଁ । ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି କରିବା ଏବଂ ମାନବିକ ମୂଲ୍ୟବୋଧକୁ ଅଣଦେଖା କରି ଆକ୍ରମଣ କରିବା ନେଇ ଇସ୍ରାଏଲ ବିରୋଧରେ ଅଭିଯୋଗ କରିଛନ୍ତି ଏର୍ଦୋଗାନ। ତୁର୍କୀ ରାଷ୍ଟ୍ରପତି ଇସ୍ରାଏଲକୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଯୁଦ୍ଧବିରତି ଦିନ ଲେବାନନରେ ସାଧାରଣ ନାଗରିକଙ୍କ ହତ୍ୟାକୁ ନିନ୍ଦା କରିଛନ୍ତି । ଇସ୍ରାଏଲର ଏଭଳି କାର୍ଯ୍ୟକୁ ନରସଂହାର ସହ ତୁଳନା କରିଛନ୍ତି ଏର୍ଦୋଗାନ।

ଇସଲାମାବାଦରେ ଆଲୋଚନା ବିଫଳ ହେବା ପରେ ଆମେରିକା ଇରାନ ସହିତ କୂଟନୈତିକ ଆଲୋଚନା ପୁଣି ଥରେ ଆରମ୍ଭ କରିବାକୁ ଚେଷ୍ଟା କରୁଛି। ଡୋନାଲ୍ଡ ଟ୍ରମ୍ପ ତେହେରାନକୁ 'ଶେଷ ଏବଂ ସର୍ବୋତ୍ତମ ପ୍ରସ୍ତାବ' ଦେବା ସପକ୍ଷରେ ଅଛନ୍ତି ।ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ, ଏହି ପ୍ରସ୍ତାବ ଏକ ଚୁକ୍ତିରେ ପହଞ୍ଚିବା ପାଇଁ ୱାଶିଂଟନର ଶେଷ ପ୍ରୟାସ। ରାଷ୍ଟ୍ରପତି ଟ୍ରମ୍ପ ୨୧ ଘଣ୍ଟାର ଆଲୋଚନାରେ ସିଧାସଳଖ ଜଡିତ ଥିଲେ ଏବଂ ଟିମ ସହିତ ନିରନ୍ତର ଯୋଗାଯୋଗ ରଖିଥିଲେ।

ଇରାନ ସ୍ପଷ୍ଟ ଭାବରେ ସୂଚନା ଦେଇଛି, କୌଣସି ନିଷ୍ପତ୍ତି ତରବରିଆ ଭାବରେ ନିଆଯିବା ଉଚିତ ନୁହେଁ । ଏହାର ପ୍ରସ୍ତାବଗୁଡ଼ିକ ଉପରେ ବିଚାର କରିବା ଏବେ ୱାଶିଂଟନ ଉପରେ ନ୍ୟସ୍ତ । ଏହା କୂଟନୈତିକ ପ୍ରକ୍ରିୟାକୁ ଆହୁରି ଜଟିଳ କରୁଛି। ଆମେରିକା ଏକ ନିରପେକ୍ଷ ଚୁକ୍ତିରେ ପହଞ୍ଚିବା ପର୍ଯ୍ୟନ୍ତ ବିଶ୍ୱ ତୈଳ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ରଣନିତିକ ଜଳପଥରେ କୌଣସି ପରିବର୍ତ୍ତନ କରିବାକୁ ଇରାନ ଅନୁମତି ଦେବ ନାହିଁ ବୋଲି ଚେତାବନୀ ଦେଇଛି। ଏବା ପରେ ହର୍ମୁଜ୍ ପ୍ରଣାଳୀରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ରହିଛି।

## ମଧ୍ୟପ୍ରାଚ୍ୟ ଶାନ୍ତି ଆଲୋଚନାରେ ପୁଟିନ୍‌ଙ୍କ ହସ୍ତକ୍ଷେପ

**ମସ୍କୋ, ୧୨।୪ (ଏଜେନ୍ସି):** ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ସାରା ବିଶ୍ବରେ ଶକ୍ତି ସଙ୍କଟ ଦେଖାଯାଇଛି। ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଶୀଘ୍ର ଯୁଦ୍ଧ ଶେଷ କରିବାକୁ ବିଶ୍ବର ବିଭିନ୍ନ



ସ୍ତରରୁ ଚାପ ପକାଯାଉଛି। ଶନିବାର ପାକିସ୍ତାନରେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛନ୍ତି।

ପୁଟିନ୍ ତାଙ୍କ ଇରାନ ପ୍ରତିପକ୍ଷ ମସୁଦ ପେଜେସ୍କିଆନ୍‌ଙ୍କୁ ଫୋନ୍ କରି ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ସମ୍ପର୍କରେ ପଚାରି ବୁଝିଥିଲେ ବୋଲି ରୁଷ୍ ନ୍ୟୁଜ ଏଜେନ୍ସି ଇଣ୍ଟରଫାକ୍ସ ରବିବାର କହିଛି। ପୁଟିନ କହିଛନ୍ତି ଯେ, ରୁଷ ପଶ୍ଚିମ ଏସିଆ ବିବାଦରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛି। ପଶ୍ଚିମ ଏସିଆ ଦେଶ ଓ ଆମେରିକା ମଧ୍ୟରେ ଯୁଦ୍ଧ ସ୍ଥିତି ଲାଗି ରହିଥିବାବେଳେ ପୁଟିନ୍ ମଧ୍ୟସ୍ଥତା କରିବା ନେଇ ପ୍ରସ୍ତାବ ଦେଇଛନ୍ତି। ଏହାପୂର୍ବରୁ ପୁଟିନ୍ ପଶ୍ଚିମ ଏସିଆରେ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ କହିଥିଲେ। ସେ କୂଟନୈତିକ ଓ ରାଜନୈତିକ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ କହିଥିଲେ। ସୂଚନାଯୋଗ୍ୟ, ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ନେଇ ଇସଲାମାବାଦରେ ଗତକାଲି ଅସ୍ତ୍ରବିରତି ଆଲୋଚନା ହୋଇଥିଲା। କିନ୍ତୁ ଏହି ଆଲୋଚନା ବିଫଳ ହୋଇଥିଲା। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ରବିବାର କହିଛନ୍ତି ଯେ ଇରାନ ସହିତ ୨୧ ଘଣ୍ଟାର ଆଲୋଚନା ମଧ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇନାହିଁ। ମଧ୍ୟପ୍ରାଚ୍ୟରେ ଯୁଦ୍ଧବିରତି ପରିସ୍ଥିତି ଦୁର୍ବଳ ରହିଛି। ସେମାନେ ଆମର ସର୍ତ୍ତ ଗ୍ରହଣ ନକରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଏଠାକୁ ସ୍ପଷ୍ଟ ଉଦ୍ଦେଶ୍ୟ ସହିତ ଆସିଥିଲେ। କିନ୍ତୁ ଇରାନ ଚୁକ୍ତିର ସର୍ତ୍ତାବଳୀ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ।

## ଚୋରାଚାଲାଣ ବେଳେ ଟ୍ରେନ୍‌ରୁ ୧୬୩ ନାବାଳକ ଉଦ୍ଧାର

**ଭୋପାଳ,୧୨।୪ (ଏଜେନ୍ସି):** ବିହାର ଏବଂ ମହାରାଷ୍ଟ୍ରରୁ ଚାଲାଣ ହେଉଥିବା ୧୬୩ଜଣ ନାବାଳକଙ୍କୁ ମଧ୍ୟପ୍ରଦେଶର କାଟ୍‌ନି ଜିଲାରେ ଏକ ଏକ୍ସପ୍ରେସ୍ ଟ୍ରେନ୍‌ରୁ ରେଲ୍‌ୱେ ପୋଲିସ ଉଦ୍ଧାର କରିଛି। ପିଲାମାନଙ୍କ ବୟସ ୬ରୁ ୧୩ ବର୍ଷ ମଧ୍ୟରେ। ସେମାନଙ୍କୁ ଶ୍ରମିକ ଭାବେ କାମ କରାଇବା ପାଇଁ ବିହାରର ଅରାରିଆ ଅଞ୍ଚଳରୁ ମହାରାଷ୍ଟ୍ରର ଲାଟୁର ନିଆଯାଉଥିଲା ବେଳେ ଶିଶୁ କଲ୍ୟାଣ କମିଟିଠାରୁ ସୂଚନା ପାଇ ରେଲ୍‌ୱେ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ସରକାରୀ ରେଲ୍‌ୱେ ପୋଲିସ (ଜିଆର୍‌ପି) ସେମାନଙ୍କୁ ଅଟକାଇଥିଲା। ପାଟନା-ପୁର୍ନା ଏକ୍ସପ୍ରେସ୍‌ରେ ବିନା ଟିକେଟ ଓ ଦସ୍ତାବିଜ୍ ସହ ନାବାଳକମାନଙ୍କ ସାଙ୍ଗରେ ଯାଉଥିବା ୮ ଜଣଙ୍କୁ କାଟ୍‌ନି ଷ୍ଟେଶନରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ଯବାନମାନେ ଅଟକାଇଥିଲେ।

## ମୃତ୍ୟୁ ବି ଏମିତି ଆସେ!

ଭୋପାଳ,୧୨।୪: ମଧ୍ୟପ୍ରଦେଶର ରତଲାମ ରେଳ ଷ୍ଟେସନରେ ଚଳନ୍ତା ଟ୍ରେନରେ ଚଢ଼ିବାକୁ ଚେଷ୍ଟା କରିବା



ସମୟରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି । ଟ୍ରେନରେ ଫସିବା ପରେ, ସେ ବାରମ୍ବାର ପ୍ଲାଟଫର୍ମରେ ଧକ୍କା ଖାଇଥିଲେ ମଧ୍ୟ ନିଜକୁ ବାହାର କରିପାରି ନଥିଲେ। ଷ୍ଟେସନରେ ସାମଗ୍ରୀ ବିକ୍ରୟ କରୁଥିବା ଦୁଇଜଣ ବିକ୍ରେତା ସବୁ ଦେଖୁଥିଲେ ମଧ୍ୟ ତାଙ୍କୁ ବାହାର କରିବା ପାଇଁ ଚେଷ୍ଟା ମଧ୍ୟ କରିନଥିଲେ । ଘଟଣାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି ଏବଂ ଏହା ଅତ୍ୟନ୍ତ ଦୁଃଖଦ।

## ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଦଳି ଦେଇଛୁ: ନେତନ୍ୟାହୁଙ୍କ ବୟାନ

**ତେଲଆଭିଭ, ୧୨।୪ (ଏଜେନ୍ସି):** ଆମେରିକା-ଇରାନ ବାର୍ତ୍ତା ବିଫଳ ହେବା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ବଡ଼ ବୟାନ। ସେ କହିଛନ୍ତି ଯେ ଇରାନ ବିରୋଧରେ ଅଭିଯାନ ଦ୍ୱାରା ତାର ପରମାଣୁ ଓ ବାଲିଷ୍ଟିକ୍ ମିଜାଇଲ କାର୍ଯ୍ୟକ୍ରମକୁ ଦଳି ଦିଆଯାଇଛି। ନେତନ୍ୟାହୁ କହିଛନ୍ତି ଏହି ଅଭିଯାନ ଏବେ ଶେଷ ହୋଇ ନାହିଁ। ତେବେ ଏହା ପୂର୍ବରୁ ସ୍ପଷ୍ଟ ଯେ ଆମେ ଐତିହାସିକ ଉପଲବ୍ଧି ହାସଲ କରିଛୁ। ଇରାନ ଆମକୁ ଚାରିପଟୁ ଘେରି ଶ୍ୱାସରୁଦ୍ଧ କରିବାକୁ ଚାହୁଁଥିଲା। ଗାଜାରେ ହମାସ, ଲେବାନନରେ ହିଜବୁଲ୍ଲାହ, ସିରିୟାରେ ଅସଦ ଶାସନ, ଇରାକରେ ମିଲିସିୟା ଓ ୟେମେନରେ ହୁତୀଙ୍କ ଦ୍ୱାରା ଆମକୁ ଆକ୍ରାନ୍ତ କରୁଥିଲା।



ସେ କହିଛନ୍ତି ଯେ ଇରାନ ଆମ ତଣ୍ଟି ଚିପିବାକୁ ଚେଷ୍ଟା କରୁଥିଲା, ହେଲେ ଏବେ ଆମେ ତା ଗଳା ଚିପି ଦେଇଛୁ। ସେମାନେ ଆମକୁ ସମାପ୍ତ କରିଦେବାକୁ ଧମକ ଦେଇଥିଲେ, ଏବେ ନିଜକୁ ବଞ୍ଚାଇବା ପାଇଁ ଲଢୁଛନ୍ତି। ଏହା ସବୁ ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ସହ ଆରମ୍ଭ ହୋଇଥିଲା। ନେତନ୍ୟାହୁ ସେତେବେଳେ ଏହି ଟିପ୍ପଣୀ କରିଛନ୍ତି ଯେତେବେଳେ ଶନିବାର ପାକିସ୍ତାନରେ ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ହେବା ଓ ରବିବାର ବିନା କୌଣସି ଫଳାଫଳରେ ସମାପ୍ତ ହେବା ପରେ ଆସିଛି। ତେବେ ବାର୍ତ୍ତା ବିଫଳ ହେବା ନେଇ ଇରାନ ଏବେ ସବୁ ଦୋଷ ଆମେରିକା ଉପରେ ଲଦୁଛି। ଆମେରିକାର ଦାବି ଅନୁଚିତ ବୋଲି ଇରାନ କହିଛି। ଇରାନ ସରକାରୀ ଗଣମାଧ୍ୟମ ଆଇଆରଆଇବି ଇରାନୀ ପ୍ରତିନିଧି ମଣ୍ଡଳ କିଛି ପ୍ରସ୍ତାବ ସାମ୍ନାରେ ରଖିଥିଲେ। ହେଲେ ଆମେରିକୀ ପକ୍ଷ ଏହି ସବୁ ପ୍ରସ୍ତାବକୁ ଅଣଦେଖା କରିଛନ୍ତି। ଏଣୁ ଆଲୋଚନା ବିନା କୌଣସି ଫଳାଫଳରେ ସମାପ୍ତ ହୋଇଛି ବୋଲି କହିଛି।

## ୨୦ ନିୟୁତ ଏଲ୍‌ପିଜି ଆମଦାନି କରିବ ଭାରତ

**ନୂଆଦିଲ୍ଲୀ, ୧୨।୪ (ଏଜେନ୍ସି):** ଚଳିତ ଆର୍ଥିକ ବର୍ଷରେ ଭାରତ ୨୦.୮୨ ନିୟୁତ ଟନ୍ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ଆମଦାନି କରିବ। ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ (ପିପିଏସି) ପକ୍ଷରୁ ଏହା ଆକଳନ କରାଯାଇଛି। ଭାରତ ଏହାର ଆବଶ୍ୟକତାର ୬୦ ପ୍ରତିଶତ ଏଲ୍‌ପିଜି ଆମଦାନି କରୁଛି। ୨୦୨୫-୨୬ରେ ଭାରତର ଏଲ୍‌ପିଜି ବ୍ୟବହାର ୩୪.୬୯ ନିୟୁତ ଟନ୍ ରହିବ ବୋଲି ଆକଳନ କରାଯାଇଛି।




ଗତ କିଛି ବର୍ଷ ମଧ୍ୟ ଏହା ହେଉଛି ସର୍ବାଧିକ ବ୍ୟବହାର। ପୂର୍ବବର୍ଷ ତୁଳନାରେ ତାହା ୬ ପ୍ରତିଶତ ଅଧିକ। ଦେଶରେ ୩୩.୩୭ କୋଟି ପରିବାର ଏଲ୍‌ପିଜିକୁ ରୋଷେଇ ପାଇଁ ଜାଳେଣି ଭାବେ ବ୍ୟବହାର କରୁଛନ୍ତି। ସେଥି ମଧ୍ୟରୁ ୧୦.୫୫ କୋଟି ହେଉଛନ୍ତି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ। ଦେଶର ପ୍ରାୟ ୯୦ ପ୍ରତିଶତ ଏଲ୍‌ପିଜିକୁ ସାଧାରଣ ପରିବାରରେ ବ୍ୟବହାର କରାଯାଉଛି। ୨୦୨୫-୨୬ର ୧୧ଟି ମାସରେ ଭାରତ ୨୦.୫୦ ନିୟୁତ ଟନ୍ ଏଲ୍‌ପିଜି ଆମଦାନି କରିଥିଲା। ତାହା ପୂର୍ବବର୍ଷର ଆମଦାନି ତୁଳନାରେ ୬୧.୭୩ ପ୍ରତିଶତ ଅଧିକ ରହିଥିଲା। ୨୦୨୫-୨୬ରେ ୨୦.୬୭ ନିୟୁତ ଟନ୍ ଓ ୨୦୨୩-୨୪ରେ ୧୮.୫୧ ନିୟୁତ ଟନ୍ ଏଲ୍‌ପିଜି ଆମଦାନି କରାଯାଇଥିଲା। ଏକ ଆକଳନ ଅନୁସାରେ ଭାରତରେ ଦୈନିକ ୮୦ ହଜାର ଟନ୍ ଏଲ୍‌ପିଜି ବ୍ୟବହାର ହେଉଛି ଏବଂ ୫୪ ହଜାର ଟନ୍ ଏଲ୍‌ପିଜି ଆମଦାନି କରାଯାଉଛି। ୯୦ ପ୍ରତିଶତ ଏଲ୍‌ପିଜି ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆସୁଛି।

ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ), ସାଉଦି ଆରବ ଓ ଓମାନରୁ ଆସୁଥିବା ଏଲ୍‌ପିଜି ଯୁଦ୍ଧ ଦ୍ୱାରା ପ୍ରଭାବିତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ବାଟ ଦେଇ ଆସିଥାଏ। ଭାରତର ସମସ୍ୟା ହେଉଛି ମଧ୍ୟପ୍ରାଚ୍ୟ ବାହାରେ ଯୋଗାଣକାରୀ ନାହାନ୍ତି। ଏବେ ଏହା ଆମେରିକାରୁ ଗ୍ୟାସ୍ ମଗାଉଛି। ତେବେ ଆମେରିକାରୁ ଗ୍ୟାସ୍ ଆସିବା ପାଇଁ ୪୫ ଦିନ ସମୟ ଲାଗୁଛି। ଭାରତ ଏବେ ଏଲ୍‌ପିଜି ଆମଦାନିରେ ବିବିଧତା ଆଣୁଛି। ଗତ ଫେବ୍ରୁଆରି ୨୮ରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତ ବିଭିନ୍ନ ଉତ୍ସରୁ ଏଲ୍‌ପିଜି ଆଣିବାକୁ ପ୍ରୟାସ କରୁଛି। ଏହା ଆମେରିକା, ରୁଷ, ଅଷ୍ଟ୍ରେଲିଆ, ସାଉଦି ଆରବ, ୟୁଏଇ ଓ ଇରାନ ସହ କଥାବାର୍ତ୍ତା କରୁଛି। ଏଲ୍‌ପିଜି ଉତ୍ପାଦନ ବଢ଼ାଇବାକୁ ସରକାର ତୈଳ କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି) ବ୍ୟବହାର କରିବାକୁ ଲୋକମାନଙ୍କୁ ଉତ୍ସାହିତ କରାଯାଉଛି। ବର୍ତ୍ତମାନ ଦୈନିକ ୩୦ ହଜାର ଟନ୍ ଗ୍ୟାସ୍ ଆମଦାନି କରାଯାଉଛି। ଦୈନିକ ଏଲ୍‌ପିଜି ଉତ୍ପାଦନ ପରିମାଣ ଏବେ ୪୬,୦୦୦-୪୭,୦୦୦ ଟନ୍ ରହିଛି।

## ଲେବାନନ ଉପରେ ବଡ଼ ଆକ୍ରମଣ କଲା ଇସ୍ରାଏଲ, ସମ୍ପୂର୍ଣ୍ଣ ଗାଁ ଧ୍ୱଂସ

**ନୂଆଦିଲ୍ଲୀ, ୧୨।୪ (ଏଜେନ୍ସି):** ଇରାନ ଏବଂ ଆମେରିକା ମଧ୍ୟରେ ଦୁଇ ସପ୍ତାହ ଧରି ଯୁଦ୍ଧବିରତି ହୋଇଥିବା ସତ୍ତ୍ୱେ, ଇସ୍ରାଏଲ ଲେବାନନ ଉପରେ ନିରନ୍ତର ଆକ୍ରମଣ ଆରମ୍ଭ କରିଛି । ଏହି ଆକ୍ରମଣରେ ଶହ ଶହ ଲୋକଙ୍କ ଜୀବନ ଯାଇଛି। ଏକ ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ଆକ୍ରମଣ ଦ୍ୱାରା ଲେବାନନର ଏକ ଗାଁ ସମ୍ପୂର୍ଣ୍ଣ ଧ୍ୱଂସପ୍ରାପ୍ତ ହୋଇଛି । ଗାଁ ମଧ୍ୟରେ ଥିବା ଘରଗୁଡ଼ିକ ନଷ୍ଟ ହୋଇଯାଇଛି । ସ୍ଥାନୀୟ ବାସିନ୍ଦାମାନେ ଦୁଃଖ ପ୍ରକାଶ କରିଛନ୍ତି, "ଆମ ଗାଁର ସବୁକିଛି ଚାଲିଯାଇଛି ଆମର ସମ୍ପୂର୍ଣ୍ଣ ଘର ଧ୍ୱଂସାବଶେଷ ହୋଇ ଯାଇଛି ।"



ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ସେନା ସାମାଜିକ ଗଣମାଧ୍ୟମରେ ତିନୋଟି ଭିଡିଓ ଜାରି କରିଛି ଯେଉଁଥିରେ ସୀମାନ୍ତ ଗ୍ରାମ ତାୟବେ, ନାକୌରା ଏବଂ ଡେଇର ସିରିଆନରେ ହୋଇଥିବା ବଡ଼ ଧରଣର ବିସ୍ଫୋରଣକୁ ଦର୍ଶାଯାଇଛି। ଲେବାନନ ଗଣମାଧ୍ୟମ ମଧ୍ୟ ଏହି ଅଞ୍ଚଳରେ ଅନେକ ବଡ଼ ବିସ୍ଫୋରଣ ରିପୋର୍ଟ କରିଛି ତଥାପି, ଏହି ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକର ସାଟେଲାଇଟ୍ ଚିତ୍ର ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ ।

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ୍ ଉତ୍ତର ଇସ୍ରାଏଲର ବାସିନ୍ଦାଙ୍କ ଉପରେ ବିପଦ ଘନୀଭୂତ ହେବା ଏବଂ ଏହାର ମୁକାବିଲା ପାଇଁ ସୀମାରେ ଅବସ୍ଥିତ ଘରଗୁଡ଼ିକୁ ଭାଙ୍ଗି ଦିଆଯିବା ଉଚିତ ବୋଲି କହିବା ପରେ ଏହି ଅଞ୍ଚଳଗୁଡ଼ିକରେ ଘନିଷ୍ଠ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା। ଏହି ଆକ୍ରମଣ ପୂର୍ବରୁ ଗାଜାର ରାଫା ଏବଂ ବେଇଟ୍ ହାନୌନରେ କରାଯାଇଥିବା ଆକ୍ରମଣ ପରି କରାଯାଇଥିଲା। ଇସ୍ରାଏଲୀ ସେନା ଦକ୍ଷିଣ ଗାଜାର ୯୦ ପ୍ରତିଶତ ଘର ନଷ୍ଟ କରିଦେଇଥିଲା। ଏହି ଅପରେସନ୍ ବିଷୟରେ, ଇସ୍ରାଏଲୀ ସେନା କହିଛି ଯେ ଏହି ବିଭ୍ରାନ୍ତିକର କାର୍ଯ୍ୟ ମାଧ୍ୟମରେ ହିଜବୋଲାର ଭିତ୍ତିଭୂମି - ବିଶେଷକରି ସୁଡ଼ଙ୍ଗ ଏବଂ ସାମରିକ ଘାଟିକୁ ଟାର୍ଗେଟ କରାଯାଉଛି।

## ବିହାର ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରସ୍ତୁତି
## ଶିବରାଜ ସିଂ ଚୌହାନ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ

**ନୂଆଦିଲ୍ଲୀ,୧୨।୪ (ଏଜେନ୍ସି):** ବିହାର ମୁଖ୍ୟମନ୍ତ୍ରୀ ପଦ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ରାଜ୍ୟସଭା ସଦସ୍ୟଭାବେ ଶପଥ ଗ୍ରହଣ କରିସାରିଛନ୍ତି। ଦୁଇ ଦଶନ୍ଧିଧରି ଜେଡିୟୁ ମୁଖିଆ ନୀତିଶ ମୁଖ୍ୟମନ୍ତ୍ରୀ ଭାବେ ବିହାରର ମଙ୍ଗ ଧରିଥିଲେ। ଏବେ ବିହାରରେ ପ୍ରଥମଥର ପାଇଁ ବିଜେପିକୁ ମିଳିବାକୁ ଯାଉଛି ମୁଖ୍ୟମନ୍ତ୍ରୀ ପଦ।

ବିହାରରେ ବିଧାୟକ ଦଳ ନେତା ନିର୍ବାଚନ ପାଇଁ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଦଳର ସଂସଦୀୟ ବୋର୍ଡ ଶିବରାଜଙ୍କ ନିଯୁକ୍ତିକୁ ଆନୁଷ୍ଠାନିକ ଭାବେ ଅନୁମୋଦନ କରିଛି। ତାଙ୍କୁ ବିହାରରେ ବିଜେପି ବିଧାୟକ ଦଳ ନେତା ଚୟନର ସମ୍ପୂର୍ଣ୍ଣ ପ୍ରକ୍ରିୟା ତଦାରଖ କରିବାର ଦାୟିତ୍ୱ ଦିଆଯାଇଛି। ଏହି ନିଯୁକ୍ତି ପରେ ଶିବରାଜ ମଧ୍ୟ



ବିହାରରେ ରାଜନୈତିକ କାର୍ଯ୍ୟକଳାପ ଆରମ୍ଭ କରିଥିବା ସୂଚନା ରହିଛି।

## ଭାଇରାଲ ଭିଡିଓରୁ ଚୀନ୍ ୟୁନିଭର୍ସିଟି

**ନୋମପେନ୍, ୧୨।୪ (ଏଜେନ୍ସି):** କାମ୍ବୋଡିଆର ପ୍ରସିଦ୍ଧ ଆଙ୍ଗକୋର ୱାଟ୍ ମନ୍ଦିର ବାହାରେ ପର୍ଯ୍ୟଟକଙ୍କୁ ପୋଷ୍ଟକାର୍ଡ ବିକୁଥିବା ଜଣେ ବାଳକର ଭିଡିଓ ଦିନେ ଇଣ୍ଟରନେଟରେ ଖୁବ୍ ଭାଇରାଲ୍ ହୋଇଥିଲା। ଥୁଚ୍ ସାଲିକ୍ ନାମକ ଏହି ୧୪ ବର୍ଷୀୟ ବାଳକର ବିଶେଷତ୍ୱ ଥିଲା ଯେ, ସେ ପୋଷ୍ଟକାର୍ଡ ବିକ୍ରି କରିବା ବେଳେ ଗୋଟିଏ କି ଦୁଇଟି ନୁହେଁ, ବରଂ ୧୨ରୁ ଅଧିକ ଭାଷାରେ ଅତି ସହଜରେ କଥାବାର୍ତ୍ତା କରିପାରୁଥିଲା। ଏହି ଗୋଟିଏ ଭାଇରାଲ୍ ଭିଡିଓ ତାର ଏବଂ ତା ପରିବାରର ପୂରା ଜୀବନ ବଦଳାଇ ଦେଇଛି।



ନିଜ ଚେଷ୍ଟାରେ ଶିଖିଥିଲା ୧୨ଟି ଭାଷା। ଗରିବ ପରିବାରରୁ ଆସିଥିବା ସାଲିକ୍ କୌଣସି ସ୍କୁଲ ବା ଶ୍ରେଣୀଗୃହରୁ ଏହି ଭାଷା ଶିଖିନଥିଲା।ମନ୍ଦିର ବାହାରେ ଦିନଦିନ ଧରି ଛିଡ଼ା ହୋଇ ବିଭିନ୍ନ ଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ କଥା ଶୁଣି ଏବଂ ସେମାନଙ୍କ ସହ କଥା ହୋଇ ସେ ଇଂରାଜୀ, ଫରାସୀ, ସ୍ପାନିସ୍, ଜର୍ମାନ୍, ଜାପାନିଜ୍, କୋରିଆନ୍, ମାଣ୍ଡାରିନ୍ (ଚୀନ୍) ଏବଂ କ୍ୟାଣ୍ଟୋନିଜ୍ ଭଳି ଏକାଧିକ ଭାଷା ଶିଖିଯାଇଥିଲା। ତାର ଶିଖିବାର ତରିକା ଥିଲା ଅତି ସହଜ- ଶୁଣିବା, ଦୋହରାଇବା ଏବଂ ମନେରଖିବା। ତାର ଯୋଗାଯୋଗ ଏବଂ ଗ୍ରାହକଙ୍କୁ ଆକୃଷ୍ଟ କରିବାର ଶୈଳୀର ଏକ ଛୋଟ ଭିଡିଓ ତାକୁ ରାତାରାତି ଇଣ୍ଟରନେଟ୍‌ରେ ଅନ୍ତର୍ଜାତୀୟ ଲୋକପ୍ରିୟତା ଦେଇଥିଲା। ଭାଇରାଲ୍ ହେବା ପରେ ମିଳିଲା ସୁଯୋଗ, ଗଲା ଚୀନ୍। ଏହି ଭିଡିଓ ଭାଇରାଲ୍ ହେବା ପରେ ସାଲିକ୍‌ର ଭାଗ୍ୟ ବଦଳିଯାଇଥିଲା। ତାକୁ ଚୀନ୍‌ର ଝେଜିଆଙ୍ଗରେ ଥିବା ହାଇଲିଆଙ୍ଗ୍ ଏଜୁକେସନ୍ ଗ୍ରୁପ୍‌ରେ ପାଠ ପଢ଼ିବା ପାଇଁ ସମ୍ପୂର୍ଣ୍ଣ ସ୍କଲାରସିପ୍ ମିଳିଥିଲା। ରାସ୍ତାରେ ବୁଲି ଜୀବିକା ନିର୍ବାହ କରୁଥିବା ଏକ ପିଲା ପାଇଁ ପ୍ରଥମ ଥର ଏକ ବିଧିବଦ୍ଧ ଶିକ୍ଷା ବ୍ୟବସ୍ଥାରେ ସାମିଲ ହେବା ଏକ ବଡ଼ ସୁଯୋଗ ଥିଲା। ଦେଶବିଦେଶରୁ ମିଳିଥିବା ଆର୍ଥିକ ସହାୟତା ଏବଂ ଦାନରେ ତାଙ୍କ ପରିବାରର ସମସ୍ତ ଋଣ ପରିଶୋଧ ହୋଇଯାଇଥିଲା। ପରିବାରକୁ ରାଜଧାନୀ ନୋମପେନ୍‌ରେ ଏକ ଦୋକାନ ମଧ୍ୟ ଖୋଲିଦିଆଯାଇଥିଲା, ଯାହା ଫଳରେ ସାଲିକ୍ ଉପରୁ କାମ କରିବାର ଚାପ ସମ୍ପୂର୍ଣ୍ଣ କମିଯାଇଥିଲା।

କୋଭିଡ୍-୧୯ ମହାମାରୀ କାରଣରୁ ୨୦୨୦ ଆରମ୍ଭରେ ସାଲିକ୍‌କୁ ବାଧ୍ୟହୋଇ ନିଜ ଦେଶ କାମ୍ବୋଡିଆ ଫେରିବାକୁ ପଡ଼ିଥିଲା। ସେଠାରେ ସେ ଅନଲାଇନ୍ କ୍ଲାସ୍ ଏବଂ ସ୍ଥାନୀୟ ସ୍କୁଲରେ ନିଜର ପାଠପଢ଼ା ଜାରି ରଖିଥିଲା। ଏହି ସମୟରେ ସେ ଏଣ୍ଟରଟେନମେଣ୍ଟ (ମନୋରଞ୍ଜନ) କ୍ଷେତ୍ରରେ ମଧ୍ୟ କିଛି ସମୟ ପାଇଁ ଯୋଗଦେଇ କମ୍ୟୁନିକେସନ୍ ଏବଂ ପରଫରମାନ୍ସ ଟ୍ରେନିଂ ନେଇଥିଲା, କିନ୍ତୁ ସର୍ବଦା ନିଜ ପାଠପଢ଼ାକୁ ହିଁ ସେ ପ୍ରାଥମିକତା ଦେଇଥିଲା। ବର୍ତ୍ତମାନ ସାଲିକ୍‌ର ବୟସ ୨୦ ବର୍ଷରୁ ଅଧିକ ହେବ। କିନ୍ତୁ ତାର ବର୍ତ୍ତମାନର ପାଠପଢ଼ା ବା କ୍ୟାରିୟର ବିଷୟରେ ସାର୍ବଜନୀନ ଭାବେ ଅଧିକ ତଥ୍ୟ ଉପଲବ୍ଧ ନାହିଁ। ବର୍ତ୍ତମାନ ସେ ଲାଇମଲାଇଟ୍ ବା ମିଡିଆର ନଜରରୁ ବହୁ ଦୂରରେ ଅଛି।

## ଯମୁନା ଡଙ୍ଗା ବୁଡ଼ି: ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି

**ଉତ୍ତରପ୍ରଦେଶ, ୧୨।୪ (ଏଜେନ୍ସି):** ମଥୁରା ବୃନ୍ଦାବନର କେଶି ଘାଟରେ ଯମୁନା ନଦୀରେ ଡଙ୍ଗା ବୁଡିବା ଯୋଗୁଁ ଏଯାଏଁ ୧୧ ଜଣଙ୍କ



ଜୀବନ ଚାଲିଯାଇଛି । ପଞ୍ଜାବ ଲୁଧିଆନାରୁ ଆସିଥିବା ଶ୍ରଦ୍ଧାଳୁ ଯମୁନାରେ ପରିକ୍ରମା କରୁଥିବା ବେଳେ ଡଙ୍ଗାଟି ବୁଡ଼ିଯାଇଥିଲା । ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ଘଟଣାରେ ଏଯାଏଁ ଅନ୍ୟ ୫ ଜଣ ନିଖୋଜ ରହିଛନ୍ତି । ସେମାନଙ୍କୁ ଖୋଜା ଚାଲିଛି। ଏହାରି ଭିତରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି । ପୋଲିସ ଜଣେ ଠିକାଦାର ଏବଂ ଜଣେ ନାବିକକୁ ଗିରଫ କରିଛି ।

ଗତ ୧୦ ତାରିଖରେ ଅପରାହ୍ନ ୩ଟା ସମୟରେ ବୃନ୍ଦାବନର କେଶି ଘାଟରେ ଯମୁନା ନଦୀରେ ଡଙ୍ଗା ବୁଡିଯାଇଥିଲା । ଏଥିରେ ୧୧ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୫ ଜଣ ଏଯାଏଁ ନିଖୋଜ ରହିଛନ୍ତି। ସେମାନଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରି ପ୍ରଶାସନକୁ ଉଦ୍ଧାର କାର୍ଯ୍ୟ ତୁରନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଡଙ୍ଗାରେ ମୋଟ ୩୪ ଜଣ ରହିଥିଲେ । ଏହି ଘଟଣା ପରେ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି । ତେବେ ଶ୍ରଦ୍ଧାଳୁଙ୍କୁ ବାରମ୍ବାର ଚେତାବନୀ ଦିଆଯିବା ସତ୍ତ୍ୱେ ମଧ୍ୟ ଠିକାଦାର ଏବଂ ଡଙ୍ଗା ଚାଳକ ଦାୟିତ୍ୱହୀନତା ଦର୍ଶାଇଥିଲେ । ପରିଣାମସ୍ୱରୂପ ଡଙ୍ଗା ଯମୁନାରେ ଓଲଟିପଡିଥିଲା । ଆଉ ସମସ୍ତ ଲୋକ ପାଣିରେ ବୁଡ଼ିଯାଇଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେଠାରେ ୧୧ ଜଣଙ୍କୁ ମୃତ ଘୋଷଣା କରିଥିଲେ । ଏମାନଙ୍କ ଭିତରେ ୬ ଜଣ ମହିଳା ଏବଂ ୫ ଜଣ ପୁରୁଷ ରହିଛନ୍ତି । ହସପିଟାଲରେ ୮ ଜଣଙ୍କ ଚିକିତ୍ସା ଚାଲିଛି । ବର୍ତ୍ତମାନ ୫ ଜଣ ନିଖୋଜ ରହିଛନ୍ତି । ଏନଡିଆରଏଫ ଏବଂ ଏସଡିଆରଏଫ ଟିମ୍ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି ।

## ଟାୟାର ପରିବର୍ତ୍ତନ ବେଳେ ମାଡ଼ିଗଲା ଟ୍ରକ, ୫ ମୃତ

**ମଧ୍ୟପ୍ରଦେଶ, ୧୨।୪ (ଏଜେନ୍ସି):**ମଧ୍ୟପ୍ରଦେଶ ଡିଣ୍ଡୋରିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଗତକାଲି ବିଳମ୍ବିତ ରାତିରେ ରାସ୍ତାକଡ଼ରେ ଠିଆ ହୋଇଥିବା ପାଞ୍ଚ ଜଣ ଲୋକଙ୍କୁ ଧକ୍କା ଦେଇଥିଲା ଟ୍ୟାଙ୍କର୍ । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଘଟଣା ସ୍ଥଳରେ ଦୁଇଜଣ ବ୍ୟକ୍ତି ପ୍ରାୟ ୧୦ ଫୁଟ ଉଚ୍ଚକୁ ଛିଟିକି ପଡିଥିଲେ । ଘଟଣା ସ୍ଥଳରେ ସମସ୍ତ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାଟି ଗଡା ସରାଇ



ଥାନା ଅଧୀନସ୍ଥ କିକ୍ରା ଗ୍ରାମ ନିକଟରେ ଘଟିଛି । ଖବର ମୁତାବକ, ସମସ୍ତ ମୃତକ ପରସ୍ୱାହ ଗ୍ରାମର ବାସିନ୍ଦା । ଏକ ଅନ୍ତିମ ସଂସ୍କାର ସାରି ଘରକୁ ଫେରୁଥିଲେ । ପ୍ରାୟ ୧୨:୩୦ ରେ ସେମାନଙ୍କର ପିକଅପ୍ ଭ୍ୟାନର ଟାୟାର ଫାଟିଯାଇଥିଲା । ଡ୍ରାଇଭର ଟାୟାର ବଦଳାଇବା ପାଇଁ ଗାଡ଼ିକୁ ରାସ୍ତା କଡ଼ରେ ଅଟକାଇଥିଲେ । ଏମାନେ କଥାବାର୍ତ୍ତା କରିବାକୁ ବାହାରକୁ ବାହାରି ଆସିଥିଲେ। ସେହି ସମୟରେ ପଛପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ୟାଙ୍କର ଲୋକଙ୍କୁ ଧକ୍କା ଦେଇଥିଲା । ଟ୍ୟାଙ୍କର ଡ୍ରାଇଭର ପ୍ରାୟ ୩୦୦ ମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା । ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ପାଞ୍ଚ ଜଣ ବ୍ୟକ୍ତି ଗୋଟିଏ ପରିବାରର ସଦସ୍ୟ ଥିଲେ । ଘଟଣା ବିଷୟରେ ସୂଚନା ପାଇବା ପରେ, କଲେକ୍ଟର ଏବଂ ଏସପି ଘଟଣାସ୍ଥଳରେ ପହଞ୍ଚିଥିଲେ । ପ୍ରଶାସନ ରେଡକ୍ରସ୍ ସୋସାଇଟିରୁ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଏବଂ ମୃତକଙ୍କ ପରିବାର ପାଇଁ ସମ୍ବଲ ଯୋଜନାରେ ପ୍ରତ୍ୟେକଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛି । ପୋଲିସ ଘଟଣାରେ ଜଡିତ ଗାଡ଼ିକୁ ଜବତ କରିଛି ଏବଂ ତଦନ୍ତ ଆରମ୍ଭ କରିଛି ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida